بِسْمِ اللّٰهِ الرَّحْمٰنِ الرَّحِيْمِ نَحْمَدُهٗ وَنُصَلِّيْ عَلٰى رَسُوْلِهِ الْكَرِيْمِ وَعَلٰى عَبْدِهِ الْمَسِيْحِ الْمَوْعُوْدِ

وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ

ଖଣ୍ଡ 6

ସାପ୍ତାହିକ

# ବଦର

Weekly BADAR Qadian

କାଦିଆନ

Odia

ସଂଖ୍ୟା 05

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

04 ଫେବୃୟାରୀ 2021 | 04 ତବ୍ଲିଗ୍ 1400 ହି.ଶ | 21 ଜମାଦିଲ୍ ସାନି 1442 ହି.କ


## ଅଲ୍ଲାଃ ତାଲାଙ୍କ ବାଣୀ

يٰٓاَيُّهَا الَّذِيْنَ اٰمَنُوْا لَا تَتَّخِذُوا

الْكٰفِرِيْنَ اَوْلِيَآءَ مِنْ دُوْنِ

الْمُؤْمِنِيْنَ ۭ اَتُرِيْدُوْنَ اَنْ تَجْعَلُوْا لِلّٰهِ

عَلَيْكُمْ سُلْطٰنًا مُّبِيْنًا (النساء:145)

ଅନୁବାଦ- ହେ ବିଶ୍ୱାସକାରୀ! ବିଶ୍ୱାସକାରୀମାନଙ୍କୁ ପରିତ୍ୟାଗ କରି ଅବିଶ୍ୱାସକାରୀମାନଙ୍କୁ (ନିଜର) ବନ୍ଧୁ ରୂପେ ଗ୍ରହଣ କରନାହିଁ; କ'ଣ ତୁମେମାନେ ଇଚ୍ଛା କରୁଅଛ ଯେ ଅଲ୍ଲାଃଙ୍କୁ ତୁମମାନଙ୍କ ବିରୁଦ୍ଧରେ ପ୍ରକାଶ୍ୟ ଦୋଷାରୋପ ପାଇଁ (ଏକ) ସୁଯୋଗ ଦେବ ।।

*(ନିସା: ୧୪୫)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]ଙ୍କ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥

**ହେ ପ୍ରଭୁ ! କେଡ଼େ ଉତମ ଗୁଣ । ରସୁଲେ୍ କରିମ୍ ସ:ଆ:ସଙ୍କ ମାଧମରେ ହିଁ ଏକ ଅନନ୍ୟ ବିପ୍ଳବ ଏବଂ ଏକ ମହାନ ପରିବର୍ତନ ଆସିଲା । ସେ ଲୋକମାନଙ୍କ ପ୍ରତିଥିବା କର୍ତବ୍ୟ ଓ ଅଲ୍ଲାଃଙ୍କ ପ୍ରତିଥିବା କର୍ତବ୍ୟ ଉଭୟଙ୍କ ସନ୍ତୁଳନ ସମାନ ଭାବରେ ପ୍ରତିଷ୍ଠା କରିଦେଲେ**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

ସଂସ୍କୃତ ଇତ୍ୟାଦି ଭାଷାଗୁଡ଼ିକ ବିଲୁପ୍ତ ପ୍ରାୟ ହୋଇଗଲେଣି । ନା ସେ ସବୁର ଲେଖା ରହିଛି ନା ଆଉ କିଛି । ଏହିପରି ଅବସ୍ଥା ଇସାଇମାନଙ୍କର ମଧ୍ୟ ଯେ ତାଙ୍କର ଇଞ୍ଜିଲ୍ ମୂଳ ଭାଷା ଉପରେ ଧ୍ୟାନ ହରାଇଛି..... ମୁଁ ଆଶ୍ଚର୍ଯ୍ୟ ହେଉଛି ଯେ ପୁଣି ଲୋକମାନେ କାହିଁକି ଇସ୍‌ଲାମ୍ ବାବଦରେ ପ୍ରସଙ୍ଗ ଉଠାଉଛନ୍ତି । ଇସ୍‌ଲାମ୍‌ର ଈଶ୍ୱର କୌଣସି କୃତ୍ରିମ ଈଶ୍ୱର ନୁହନ୍ତି ବରଂ ସେ ହେଉଛନ୍ତି ସେହି ଶକ୍ତିଶାଳୀ ଈଶ୍ୱର ଯିଏ ଅନନ୍ତ କାଳରୁ ସଦାସର୍ବଦା ଚାଲିଆସୁଛନ୍ତି । ପୁଣି ଅବତାରବାଦକୁ ଦେଖନ୍ତୁ ଯେ ତାହାର ପ୍ରକୃତ ଉଦ୍ଦେଶ୍ୟ କଣ ?

ପ୍ରଥମତଃ ରସୁଲ୍ (ଅର୍ଥାତ ଈଶ୍ୱରଙ୍କ ଦୂତ) ଆବଶ୍ୟକତା ସମୟରେ ଆସିଥାନ୍ତି ଓ ପୁଣି ସେହି ଆବଶ୍ୟକତାକୁ ସୁନ୍ଦର ଭାବରେ ପୂରଣ କରିଥାନ୍ତି । ଅତଏବ ଏହି ଗୌରବ ମଧ୍ୟ ଆମ ନବୀ କରିମ୍ ସ:ଆ:ସଙ୍କୁ ପ୍ରାପ୍ତ ହୋଇଛି । ଯେତେବେଳେ ରସୁଲେ୍ କରିମ୍ ସ:ଆ:ସଙ୍କର ଆଗମନ ହେଲା ସେ ସମୟରେ ଆରବ ଦେଶ ଏ ଦୁନିଆର ଅବସ୍ଥା କଣ ଥିଲା, ତାହା କାହାକୁ ଅଛପା ନାହିଁ । ସେ ସମୟରେ ଲୋକେ ବର୍ବର ଥିଲେ । ଖାଇବା ପିଇବା ବ୍ୟତୀତ ଆଉ କିଛି ଜାଣିନଥିଲେ । ନା ଲୋକମାନଙ୍କର ଅଧିକାର ବିଷୟରେ କିଛି ଜଣା ଥିଲା ନା ଅଲ୍ଲାଃଙ୍କ ପ୍ରତିଥିବା ଅଧିକାର ବିଷୟରେ କିଛି ଜ୍ଞାନ ଥିଲା ଅତଏବ ଈଶ୍ୱର ସେମାନଙ୍କର ଏପରି ଅବସ୍ଥା ସମ୍ବନ୍ଧରେ ଦୃଷ୍ଟାନ୍ତ ଉପସ୍ଥାପନ କରି କହିଛନ୍ତି: ***ୟାକୁଲୁନା କମା ତାକୁଲୁଲ୍ ଅନ୍‌ଆମ୍*** (ମୁହମ୍ମଦ : ୧୩) ଅର୍ଥାତ:- ପଶୁଙ୍କ ଖାଇବା ପରି ସେମାନେ ମଧ୍ୟ ଖାଇଥାନ୍ତି । କିନ୍ତୁ ତା'ପରେ ପବିତ୍ର ରସୁଲ୍ ସ:ଆ:ସଙ୍କ ଶିକ୍ଷା ଏପରି ପ୍ରଭାବ ପକାଇଲା ଯେ ସେମାନଙ୍କର ଅବସ୍ଥା ଏପରି ହୋଇଗଲା । ***ୟବିତୁନା ଲିରବ୍‌ବିହିମ୍ ସୁଜ୍ଜଦଉଁ ଓ୍ୱ କିୟାମା*** (ଅଲ୍‌ଫୁର୍‌କାନ୍:୬୫) ଅର୍ଥାତ:- ସେମାନେ ନିଜ ପ୍ରଭୁଙ୍କ ସ୍ମରଣରେ ସଜ୍‌ଦାଃ କରି ତଥା ଛିଡ଼ା ହୋଇ ରାତି ବିତାଇ ଦେଉଥିଲେ । ହେ ପ୍ରଭୁ ! କେଡ଼େ ଉତମ ଗୁଣ । ରସୁଲେ୍ କରିମ୍ ସ:ଆ:ସଙ୍କ ମାଧମରେ ହିଁ ଏକ ଅନନ୍ୟ ବିପ୍ଳବ ଏବଂ ଏକ ମହାନ ପରିବର୍ତନ ଆସିଲା । ସେ ଲୋକମାନଙ୍କ ପ୍ରତିଥିବା କର୍ତବ୍ୟ ଓ ଅଲ୍ଲାଃଙ୍କ ପ୍ରତିଥିବା କର୍ତବ୍ୟ ଉଭୟଙ୍କ ସନ୍ତୁଳନ ସମାନ ଭାବରେ ପ୍ରତିଷ୍ଠା କରିଦେଲେ । ସେ ମୃତ ଭୋଜନକାରୀ ଲୋକମାନଙ୍କୁ ଓ ମୃତପ୍ରାୟ ଜାତିକୁ ଏକ ଉଚ୍ଚସ୍ତରୀୟ ଜୀବନ୍ତ ଓ ପବିତ୍ର ଜାତି ବନାଇ ଦେଲେ । ଦୁଇଟି ଗୁଣ ରହିଛି ଜ୍ଞାନ ଭିତିକ ବା ବ୍ୟବହାରିକ । ବ୍ୟବହାରିକ ଅବସ୍ଥା ଏପରି ହୋଇଥାଏ ଯେ **ୟବିତୁନା ଲିରବ୍‌ବିହିମ୍ ସୁଜ୍ଜଦଉଁ ଓ୍ୱ କିୟାମା** (ଅଲ୍‌ଫୁର୍‌କାନ୍:୬୫) (ଅର୍ଥାତ: ସେମାନେ ନିଜ ପାଳନକର୍ତାଙ୍କ ଉଦ୍ଦେଶ୍ୟରେ ସିଜ୍‌ଦା କରୁଥିବା ଏବଂ ଦଣ୍ଡାୟମାନ ଥିବା ଅବସ୍ଥାରେ ରାତ୍ରି ଅତିବାହିତ କରନ୍ତି) ଏବଂ ସେମାନଙ୍କ ଜ୍ଞାନର ଅବସ୍ଥା ଏପରି କି ବହୁତ ମାତ୍ରାରେ ପୁସ୍ତକ ରଚନା କରିବାର ଧାରା ଏବଂ ଭାଷାକୁ ସମୃଦ୍ଧ କରିବାର ସେବା କାର୍ଯ୍ୟର ଧାରା ଏପରି ଜାରି ରହିଛି ଯେ ତାହାର ଦୃଷ୍ଟାନ୍ତ ଅନ୍ୟ କେଉଁଠାରେ ମିଳୁନାହିଁ ।

ଅପରପକ୍ଷେ ଯେବେ ଇସାଇମାନଙ୍କୁ ଦେଖୁଛି ସେତେବେଳେ ମତେ ଆଶ୍ଚର୍ଯ୍ୟ ଲାଗୁଛି ଯେ ହଓ୍ୱାରିମାନେ ଇସାଇ ହୋଇ କଣ ଉନ୍ନତି କଲେ ! ୟହୁଦା ଇସ୍‌କ୍ରିୟୁତି ଯିଏ ଯୀଶୁଙ୍କ କୋଷାଧକ୍ଷ ଥିଲା, ସେ ବେଳେବେଳେ ଅର୍ଥର ଅପବ୍ୟବହାର ମଧ୍ୟ କରିଦେଉଥିଲା । ସମସ୍ତେ ଜାଣିଛନ୍ତି ଯେ ସେ ତିରିଶିଟଙ୍କା ନେଇ ତାଙ୍କ ଶିକ୍ଷକଙ୍କୁ ଧରାଇ ଦେଉଥିଲେ । ଯୀଶୁଙ୍କ ଥଳିରେ ଦୁଇ ହଜାର ଟଙ୍କା ରହୁଥିଲା । ଗୋଟିଏ ପଟେ ଏମାନଙ୍କର ଅବସ୍ଥା । ଅନ୍ୟ ପଟେ ରସୁଲେ ଅକ୍‌ରମ୍ ସ:ଆ:ସଙ୍କ ଅବସ୍ଥା ଦେଖନ୍ତୁ ଯେ ମୃତ୍ୟୁର ପାଖେଇ ଆସୁଥିବା ବେଳେ ପଚାରୁଛନ୍ତି ଯେ କଣ ଆମ ଘରେ କିଛି ଅଛି କି ? ଯନାବ ଆଇଶା ସିଦ୍ଦିକା ର:ଅ କହିଲେ ଏକ ଦିନାର ଅଛି । ଏହା ଶୁଣି ହଜୁର ସ:ଆ:ସ କହିଲେ ତାକୁ ବାଂଟିଦିଅ । କଣ ଏମିତି ହୋଇପାରେ କି ଅଲ୍ଲାଃଙ୍କ ରସୁଲ୍ ଈଶ୍ୱରଙ୍କ ନିକଟକୁ ଯାତ୍ରା କରୁଥିବା ସ୍ଥଳେ ତା ଘରେ ଏକ ଦିନାର ଛାଡ଼ି ଯିବ ।

***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୨୪୯-୨୫୦ ପ୍ରକାଶନ୨୦୧୮ କାଦିୟାନ)***

**ମୁସଲମାନମାନେ ଏହି କଥାକୁ ବୁଝିନାହାନ୍ତି । ଯେଉଁ ସମୟରେ ଇସ୍‌ଲାମ୍‌କୁ ଭିଷଣ ଜ୍ଞାନଭିତିକ ଜିହାଦ୍‌ର ଆବଶ୍ୟକତା ଥିଲା ସେତେବେଳେ ସେମାନଙ୍କର ଧାର୍ମିକ ଲୋକମାନେ ମୁସଲା ବିଛାଇ ଓ ତସ୍‌ବିହ୍ ଧରି ଘରେ ବସି ରହିଲେ ଏବଂ ଏପରି କର୍ମକୁ ଅଣଦେଖା କଲେ ଯାହା ଜାତୀୟ ବିକାଶ ପାଇଁ ଜରୁରୀ ଥିଲା**

**ସୟଦନା ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ସୁରଃ ୟୁନୁସ୍ ଆୟତ ନଂ ୫ ଲିୟଜ୍‌ଜିୟଲ୍ ଲଜିନା ଆମନୁ ଓ୍ୱ ଅମିଲୁସ୍ ସ୍ୱାଲିହାତି ବିଲ୍ କିସ୍‌ତିର ବ୍ୟାଖ୍ୟା କରି କହିଛନ୍ତ:**

"ଏହି ଆୟତରେ ଯେଉଁ **ଅମଲେ ସ୍ୱାଲେହା** ଶବ୍ଦ ବ୍ୟବହାର ହୋଇଅଛି, ସେଥିରେ ବ୍ୟକ୍ତିଗତ ଓ ଜାତୀୟ ବିକାଶର ବହୁତ ବଡ଼ ରହସ୍ୟ ରହିଛି । ଲୋକମାନେ ଏହାର ଅନୁବାଦ ପୂଣ୍ୟକର୍ମ ବୋଲି କରିଥାନ୍ତି । କିନ୍ତୁ ଏହାର ଅର୍ଥ ପୂଣ୍ୟ କର୍ମ ନୁହେଁ । ବରଂ ଏହାର ଅର୍ଥ ହେଉଛି ପୂଣ୍ୟକର୍ମ ଓ ଉପଯୁକ୍ତ କର୍ମ । ଅର୍ଥାତ ପୂଣ୍ୟ କର୍ମ ହେବା ସହିତ ତାହା ମଉକା ମହଲ ମୁତାବକ ମଧ୍ୟ ହେବା ଉଚିତ । ଉଦାହରଣ ସ୍ୱରୁପ ଏପରି ନ ହେଉ କି ଜିହାଦ୍ କରିବାକୁ ତ ଯାଉଥିବ ତା ସହିତ

## ନବୀ ସ:ଆ:ସଙ୍କ ବାଣୀ

**ସୁର୍ଯ୍ୟ ପରାଗ ସମୟରେ ସଦ୍‌କା ଦେବା**

(୧୦୪୪) ହଜ୍‌ରତ୍ ଆଇଶା ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ ସ:ଆ:ସଙ୍କ ସମୟରେ ଯେବେ ସୂର୍ଯ୍ୟ ପରାଗ ହେଲା, ରସୁଲୁଲ୍ଲାଃ ସ:ଆ:ସ ଲୋକମାନଙ୍କୁ ନମାଜ ପଢ଼ାଇଲେ । ମହାଭାଗ ସ:ଆ:ସ ନମାଜ ଆରମ୍ଭ କରି ବହୁତ ସମୟ ପର୍ଯ୍ୟନ୍ତ ଛିଡ଼ା ହେଲେ ତା'ପରେ ପୁଣି ରୁକୁ କଲେ ଓ ବହୁ ସମୟ ପର୍ଯ୍ୟନ୍ତ ରୁକୁ ଅବସ୍ଥାରେ ରହିଲେ । ପୁଣି ଛିଡ଼ା ହେଲେ ଓ ବହୁତ ସମୟ ଛିଡ଼ା ହେଲେ । ମହାଭାଗଙ୍କର ଏହି ଛିଡ଼ା ହେବା ପୂର୍ବ ଛିଡ଼ା ହେବାଠାରୁ କମ ଥିଲା । ପୁଣି ଆପଣ ସ:ଆ:ସ ରୁକୁ କଲେ ଓ ବହୁ ସମୟ ପର୍ଯ୍ୟନ୍ତ ରୁକୁରେ ରହିଲେ । ଏହି ରୁକୁ ପ୍ରଥମ ରୁକୁଠାରୁ କମ୍ ଥିଲା । ପୁଣି ମହାଭାଗ ସିଜ୍‌ଦା କଲେ ଓ ବହୁ ସମୟ ପର୍ଯ୍ୟନ୍ତ ସିଜ୍‌ଦା କଲେ । ପୁଣି ଦ୍ୱିତୀୟ ରେକାତ୍‌ରେ ମଧ୍ୟ ଆପଣ ସ:ଆ:ସ ସେହିପରି କଲେ ଯେପରି ପ୍ରଥମ (ରେକାତ୍)ରେ କରିଥିଲେ । ଯେତେବେଳେ ଆପଣ ସ:ଆ:ସ ନମାଜ ଶେଷ କଲେ ସେତେବେଳେ ସୂର୍ଯ୍ୟ ସମ୍ପୁର୍ଣ୍ଣ ନିର୍ମଳ ହୋଇସାରିଥିଲା । ମହାଭାଗ ସ:ଆ:ସ ଲୋକମାନଙ୍କୁ ସମ୍ବୋଧନ କଲେ । ଅଲ୍ଲାଃଙ୍କ ସ୍ତୁତିଗାନ କରି କହିଲେ: ସୂର୍ଯ୍ୟ ଏବଂ ଚନ୍ଦ୍ର ହେଉଛନ୍ତି ଅଲ୍ଲାଃଙ୍କ ଚିହ୍ନ / ନିଦର୍ଶନଗୁଡ଼ିକ ମଧ୍ୟରୁ ଦୁଇଟି ଚିହ୍ନ । କାହାର ମୃତ୍ୟୁ ବା ଜୀବନ ପାଇଁ ଏମାନଙ୍କୁ ଗ୍ରହଣ ଲାଗିନଥାଏ । ଅତଏବ୍ ଯେବେ ତୁମେ ଗ୍ରହଣ ଲାଗି ଥିବାର ଦେଖିବାକୁ ପାଅ ସେତେବେଳେ ଅଲ୍ଲାଃ ତାଲାଙ୍କ ନିକଟରେ ପ୍ରାର୍ଥନା କର, ତାହାଙ୍କ ମହାନତା ବର୍ଣ୍ଣନା କର, ନମାଜ ପାଠ କର ଏବଂ ସଦ୍‌କା ଦିଅ । ପୁଣି ମହାଭାଗ କହିଲେ: ହେ ମୁହମ୍ମଦଙ୍କ ସମ୍ପ୍ରଦାୟ ! ଅଲ୍ଲାଃଙ୍କ ରାଣ ଅଲ୍ଲାଃଙ୍କଠାରୁ ଅଧିକ କେହି ସ୍ୱାଭିମାନି ନାହାନ୍ତି ଯେ ତାହାର ଭକ୍ତ ଜନା (ବ୍ୟଭିଚାର) କରୁ (ଅର୍ଥାତ ବ୍ୟଭିଚାରକୁ ଅଲ୍ଲାଃ ସହ୍ୟ କରନ୍ତି ନାହିଁ) । ହେ ମୁହମ୍ମଦଙ୍କ ସମ୍ପ୍ରଦାୟ ! ଅଲ୍ଲାଃଙ୍କ ରାଣ ଖାଇ କହୁଛି ଯେ ଯାହା କିଛି ମୁଁ ଜାଣିଛି ଯଦି ତାହା ତୁମେ ଜାଣିନିଅ ତେବେ ତୁମମାନେ ନିଶ୍ଚିତରୂପେ ଅଳ୍ପ ହସିବ ବହୁତ କାନ୍ଦିବ ।

***(ସହି ବୁଖାରୀ, ଖଣ୍ଡ-୨, କିତାବୁଲ୍ କୁସୁଫ୍.....୨୦୦୬)***

ରୋଜା ମଧ୍ୟ ରଖୁଥିବ । ରୋଜା ହେଉଛି ଏକ ପୂଣ୍ୟକର୍ମ କିନ୍ତୁ ଜିହାଦ କରିବାକୁ ଯିବାବେଳେ ରୋଜା ରଖିବା ଉପଯୁକ୍ତ କର୍ମ ନୁହେଁ । ସେଥିଯୋଗୁଁ ରସୁଲେ୍ କରିମ୍ ସ:ଆ:ସ ଗୋଟିଏ ଜିହାଦ୍ ସମୟରେ କହିଛନ୍ତି ଯେ ଆଜି ରୋଜା ନ ରଖିଥିବା ଲୋକେ ରୋଜାଦାର୍‌ଙ୍କଠାରୁ ବଳିଗଲେ । କାରଣ ରୋଜାଦାର୍ ରୋଜା ରଖିବା ଯୋଗୁଁ କ୍ୟାମ୍ପ୍ ଲଗାଇବାର ବନ୍ଦୋବସ୍ତ କରିପାରିଲେ ନାହିଁ ଯେବେ କି ରୋଜା ନ ରଖିଥିବା ଲୋକେ ଖୁବ୍ ଶିଘ୍ର କ୍ୟାମ୍ପ ପ୍ରସ୍ତୁତ କରିନେଲେ । ବାସ୍ତବିକ କଥା ହେଉଛି ଏହା କି ବ୍ୟକ୍ତିଗତ ଓ ଜାତୀୟ ବିକାଶ ପ୍ରତ୍ୟେକ ପୂଣ୍ୟ କର୍ମ ଦ୍ୱାରା ହୋଇନଥାଏ ବରଂ ଅମଲେ ସ୍ୱାଲେହା ଅର୍ଥାତ ଉପଯୁକ୍ତ କର୍ମ ଦ୍ୱାରା ହୋଇଥାଏ । ମୁସଲମାନମାନେ ଏହି କଥାକୁ ବୁଝିନାହାନ୍ତି । ଯେଉଁ ସମୟରେ ଇସ୍‌ଲାମ୍‌କୁ ଭିଷଣ ଜ୍ଞାନଭିତିକ ଜିହାଦ୍‌ର ଆବଶ୍ୟକତା ଥିଲା ସେତେବେଳେ ସେମାନଙ୍କର ଧାର୍ମିକ ଲୋକମାନେ ମୁସଲା ବିଛାଇ ଓ ତସ୍‌ବିହ୍ ଧରି ଘରେ ବସି ରହିଲେ ଏବଂ ଏପରି କର୍ମକୁ ଅଣଦେଖା କଲେ ଯାହା ଜାତୀୟ ବିକାଶ ପାଇଁ ଜରୁରୀ ଥିଲା । ସେମାନଙ୍କର କାମ ଏହା ଥିଲା କି ସେମାନେ ମୁସଲମାନମାନଙ୍କ ମଧ୍ୟରେ ବ୍ୟବହାରିକ ଶକ୍ତିକୁ ଉଜାଗର କରିବାପାଇଁ ଚେଷ୍ଟା କରିଥାନ୍ତେ ଏବଂ ସେମାନଙ୍କ ନୈତିକ ଓ ଚାରିତ୍ରିକ ସୁଧାର କରିଥାନ୍ତେ ଏବଂ ଆଧୁନିକ ଶିକ୍ଷା ହାସଲ କରିବାପାଇଁ ପ୍ରୋତ୍ସାହିତ କରିଥାନ୍ତେ ଏବଂ ସେମାନଙ୍କ ମଧ୍ୟରେ ଏକତା ସୃଷ୍ଟି କରିଥାନ୍ତେ । କିନ୍ତୁ ସେମାନେ ଏପରି କଲେନାହିଁ ତେଣୁ ଏହାର ଫଳ ଏପରି ହେଲା କି ସେମାନଙ୍କର ନମାଜ ଓ ରୋଜା ଇସ୍‌ଲାମ୍ ଏବଂ ମୁସଲମାନମାନଙ୍କୁ ବିନାଶରୁ ରକ୍ଷା କରିପାରିଲେ ନାହିଁ । କାରଣ ଅଲ୍ଲାଃ ତାଲାଙ୍କର ଏ ପ୍ରତିଶୃତି ଥିଲା ଯେ ଅମଲେ ସ୍ୱାଲେହା ଅର୍ଥାତ ପୂଣ୍ୟ କର୍ମ ଯୋଗୁଁ ନିଶ୍ଚିତ ସଫଳତା ମିଳିବ । ଯଦିଚ ସେମାନଙ୍କର କର୍ମ ଧର୍ମ ମୁତାବକ ଥିଲା କିନ୍ତୁ ଉଚିତ ଓ ଉପଯୁକ୍ତ ନଥିଲା ତେଣୁ ଖୁଦାତାଲାଙ୍କ କାନୁନ ଭଙ୍ଗ କରିବା ଯୋଗୁଁ ସେମାନେ ଓ ଅନ୍ୟାନ୍ୟ ସମସ୍ତ ମୁସଲମାନମାନେ ମଧ୍ୟ କଷ୍ଟ ପାଇଲେ ।"

***(ତଫ୍‌ସୀର୍ କବୀର୍, ଖଣ୍ଡ-୩, ପୃ-୨୭.....୨୦୧୦)***

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୧ ର ଅବଶିଷ୍ଟାଂଶ ......*

ସ୍ୱର୍ଗତ ରିଜୱାନ୍ ସୟଦ୍ ନଇମି ସାହେବ ଅତ୍ୟନ୍ତ ସଦାଚାରୀ, ପୂଣ୍ୟବାନ ଓ ନିଜ ସମ୍ପର୍କିୟ ଓ ଅଭାବି ବ୍ୟକ୍ତିମାନଙ୍କୁ ସାହାଯ୍ୟକାରୀ ବ୍ୟକ୍ତି ଥିଲେ । ତବ୍‌ଲିଗ୍ କରିବାରେ ତାଙ୍କର ଅଧିକ ସ୍ପୃହା ରହିଥିଲା । ଦୁର୍ବଳ ସ୍ୱାସ୍ଥ୍ୟ ଓ ଲୋକମାନଙ୍କର ବିରୋଧ ସତ୍ୱେ ନିଜ ଅଂଚଳରେ ଅହେମଦୀୟତର ପ୍ରଚାର କରୁଥିଲେ । ସେ ନିଜ ବଂଶକୁ ସର୍ବଦା ଉପଦେଶ ଦେଉଥିଲେ କି ବୟତ କରି ଯମାତ୍‌ରେ ସାମିଲ ହୋଇଯାଅ । ତାଙ୍କର ସୁପୁତ୍ର ଓ ତାଙ୍କର ପତ୍ନୀ ଓ ପତ୍ନୀଙ୍କ ଭାଇ ମଧ୍ୟ ବୟତ କରିନେଇଥିଲେ । ଅଲ୍ଲାଃ ତାଲା ସେମାନଙ୍କୁ ନିଜ ବିଶ୍ୱାସରେ ଅବିଚଳ ରଖନ୍ତୁ ଏବଂ ସ୍ୱର୍ଗତଙ୍କ ପୂଣ୍ୟବଳୀଗୁଡ଼ିକୁ ଜାରି ରଖିବାପାଇଁ ସେମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ବୈକୁଣ୍ଠରେ ତାଙ୍କର ସ୍ତର ଉନ୍ନିତ କରନ୍ତୁ ।

ତୃତୀୟ ଯନାଜାଃ ହେଉଛି ସମ୍ମାନନୀୟ ସ୍ୱର୍ଗତ ମଲକ୍ ଅଲୀ ମୁହମ୍ମଦ୍ ସାହେବଙ୍କର । ସେ ସର୍ଗୋଦା ଜିଲ୍ଲାର ହିଜ୍‌କା ନିବାସୀ ଥିଲେ । ଓ ସେ ମୁହମ୍ମଦ ଅଫଜଲ୍ ଜଫର୍ ସାହେବ ମୁବ୍‌ଲିଗ୍ ସିଲ୍‌ସିଲା କେନିୟାଙ୍କ ପିତା ଥିଲେ । ଅଗଷ୍ଟ ମାସ ୨୦ ତାରିଖ ଦିନ ୯୦ ବର୍ଷ ବୟସରେ ତାଙ୍କର ଦେହାନ୍ତ ଘଟିଛି । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ* ।

୧୯୭୪ ମସିହାରେ ତାଙ୍କୁ ଅସିରାନେ ରାହେ ମୌଲା ହେବାର ସୌଭାଗ୍ୟ ଅର୍ଜନ ହୋଇଥିଲା ଅର୍ଥାତ ଅଲ୍ଲାଃଙ୍କ ମାର୍ଗରେ କାରାବରଣ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ସେ ଯମାତ୍‌ର କର୍ମଚାରୀ, ୱକ୍‌ଫେ ଜିନ୍ଦଗୀ, ମୁବ୍‌ଲିଗ୍ ଓ ମୁଅଲ୍ଲିମ୍‌ମାନଙ୍କୁ ବହୁତ ସମ୍ମାନ କରୁଥିଲେ । ସ୍ୱର୍ଗତ ମଲକ୍ ଅଲୀ ମୁହମ୍ମଦ୍ ସାହେବ ତହ୍‌ଜୁଦ୍ ପ୍ରୀୟ ଓ ନମାଜ ଓ ରୋଜା ନିୟମିତ ଭାବରେ ପାଳନ କରୁଥିଲେ । ବହୁତ ଅତିଥି ପରାୟଣ ବ୍ୟକ୍ତି ଥିଲେ । ସେ ଅଭାବି ବ୍ୟକ୍ତିଙ୍କୁ ସାହାଯ୍ୟ କରୁଥିଲେ । ଧୈର୍ଯ୍ୟଶୀଳ ଓ ନିଜ ସମ୍ପର୍କୀୟ ପରିଜନଙ୍କ ପ୍ରତି ବିନମ୍ରତା ପ୍ରଦର୍ଶନକାରୀ ବ୍ୟକ୍ତି ଥିଲେ । ଜଣେ ସଚ୍ଚୋଟ ଓ ନୈଷ୍ଠିକ ବ୍ୟକ୍ତି ଥିଲେ । ସେ ନିୟମିତ ରୂପେ କୋରାନ୍‌ର ତିଲାୱତ୍ କରୁଥିଲେ ଓ ଅନେକଥର ତାଙ୍କୁ ଛୋଟ ପିଲାମାନଙ୍କୁ କୋରାନ୍ ଶିଖାଇବାର ସୌଭାଗ୍ୟ ମଧ୍ୟ ମିଳିଥିଲା । ତାଙ୍କର ତିନିଜଣ ପୁତ୍ର ଓ ୧୧ ଜଣ ନାତିନାତୁଣୀ ମଧ୍ୟ ରହିଛନ୍ତି । ଯେପରି ମୁଁ ପୂର୍ବେ କହିଲି ତାଙ୍କର ଏକ ପୁତ୍ର ସମ୍ମାନନୀୟ ମୁହମ୍ମଦ ଅଫ୍‌ଜଲ୍ ସାହେବ୍ କେନିୟାରେ ମୁବଲ୍ଲିଗ୍ ଭାବରେ ସେବାରତ । ଆଜିକାଲି କେନିୟାରେ କାର୍ଯ୍ୟରତ ଥିବା ଯୋଗୁଁ ସେ ନିଜ ପିତାଙ୍କ ଯନାଜାଃରେ ଓ ତାଙ୍କ ଅନ୍ତ୍ୟେଷ୍ଟକ୍ରୀୟାରେ ସାମିଲ ହୋଇପାରିନଥିଲେ । ଅଲ୍ଲାଃ ତାଲା ତାଙ୍କୁ ମଧ୍ୟ ଧୈର୍ଯ୍ୟ ପ୍ରଦାନ କରନ୍ତୁ ଓ ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନିତ କରନ୍ତୁ ।

ଚତୁର୍ଥ ଯନାଜାଃ ହେଉଛି ସମ୍ମାନନୀୟ ସ୍ୱର୍ଗତ ଏହ୍‌ସାନ୍ ଅହେମଦ୍ ଲାହୋର୍‌ଙ୍କର ସେ ଶଫ୍‌କତ୍ ମେହମ୍ମୁଦ୍ ସାହେବଙ୍କର ସୁପୁତ୍ର ଥିଲେ । ଜୁଲାଇ ମାସ ୨୭ ତାରିଖ ଦିନ ୩୫ ବର୍ଷ ବୟସରେ ତାଙ୍କର ଅକାଳ ବିୟୋଗ ଘଟିଛି, *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ* ।

ସେ ମୌଲବୀ ନୁରୁଦ୍ଦିନ୍ ଅଜ୍‌ମଲ୍ ସାହେବ୍ ଅଫ୍ ଗୋଲ୍‌କି ଜିଲ୍ଲା ଗୁଜୁରାଟ, ପାକିସ୍ତାନ ନିବାସୀ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ସାହାବିଙ୍କ ପୌତ୍ର ଥିଲେ । ଇର୍‌ଶାଦ୍ ଅହେମଦ୍ ସାହେବ ଅଫ୍ ଗୁଜ୍‌ରାଁୱାଲାଙ୍କ ନାତି ଥିଲେ । ବିଗତ ଦୁଇବର୍ଷ ଧରି ତାଙ୍କୁ ହଲ୍‌କା ଚନା ଟାଉନ୍ ଲାହୋର୍‌ରେ ସଦର ଯମାତ୍ ଭାବରେ ସେବା କରିବାର ସୌଭାଗ୍ୟ ଲାଭ ହୋଇଥିଲା । ଏହା ବ୍ୟତିତ ସେ ଦିଲ୍ଲୀ ଗେଟ୍‌ର ଇମାରତ୍‌ରେ ନୌମୁବାଇନ୍‌ଙ୍କର ସେକ୍ରେଟାରୀ ଭାବରେ ମଧ୍ୟ ସେବା କରିଛନ୍ତି । ତବ୍‌ଲିଗ୍ କରିବାରେ ତାଙ୍କର ପ୍ରବଳ ସ୍ପୃହା ରହିଥିଲା । ଅଲ୍ଲାଃ ତାଲାଙ୍କ କୃପାରୁ ସେ ୮ଜଣଙ୍କୁ ବୟତ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ମୃତକଙ୍କ ପରିବାରରେ ତାଙ୍କ ପତ୍ନୀଙ୍କ ବ୍ୟତିତ ଦୁଇପୁତ୍ର ପ୍ରୀୟ ହନାନ୍ ଅହେମଦ୍ ମସ୍‌ରୁର୍ ସାହେବ ବୟସ ୬ ବର୍ଷ ଓ ପ୍ରୀୟ ମୁବିନ୍ ଅହେମଦ୍ ତାହେର୍ ବୟସ ୩ ବର୍ଷ ଏବଂ ଏକମାତ୍ର କନ୍ୟା ପ୍ରୀୟା ସାଇରା ଅହେମଦ୍ ସାହେବ୍ ଅବା ୫ ବର୍ଷ ଅଛନ୍ତି । ଏହା ବ୍ୟତିତ ମାତା ପିତା ଏବଂ ତିନିଜଣ ଭାଇ ଓ ଦୁଇଜଣ ଭଉଣୀ ରହିଛନ୍ତି । ଅଲ୍ଲାଃ ତାଲା ସମସ୍ତ ପରିବାର ବର୍ଗଙ୍କୁ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ ଏବଂ ତାଙ୍କର ସନ୍ତାନସନ୍ତତିଙ୍କର ସୁରକ୍ଷା କରନ୍ତୁ ଏବଂ ତାଙ୍କର ପୂଣ୍ୟବଳୀଗୁଡ଼ିକୁ ଅଭ୍ୟାହତ ରଖିବାପାଇଁ ସେମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ମୃତକଙ୍କୁ ସ୍ୱର୍ଗରେ ତାଙ୍କର ସ୍ତର ଉନ୍ନିତ କରନ୍ତୁ ।

ପଂଚମ ଯନାଜାଃ ହେଉଛି ସମ୍ମାନନୀୟ ସ୍ୱର୍ଗତ ରିୟାଜୁଦ୍ଦୀନ୍ ଶମସ୍ ସାହେବଙ୍କର ସେ ମୌଲବୀ ଜଲାଲୁଦ୍ଦିନ୍ ଶମସ୍ ସାହେବଙ୍କର ସୁପୁତ୍ର ଥିଲେ । ମେ ମାସ ୨୭ ତାରିଖ ଦିନ ତାଙ୍କର ବିୟୋଗ ହୋଇଥିଲା, *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ* ।

ସ୍ୱର୍ଗତଙ୍କର ବଂଶ ପରିଚୟ ଏପରି ଅଟେ କି ସେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସାହାବି ହଜ୍‌ରତ୍ ମିଆଁ ମୁହମ୍ମଦ ସିଦ୍ଦିକ ସାହେବଙ୍କର ପୌପୁତ୍ର ହଜ୍‌ରତ୍ ମିଆଁ ଇମାମୁଦ୍ଦିନ୍ ସାହେବ ଶେଖୱାନିଙ୍କର ପୌତ୍ର ଥିଲେ । ହଜ୍‌ରତ୍ ଖ୍ୱାଜା ଉବେଦୁଲ୍ଲାଃ ସାହେବଙ୍କର ନାତି ଓ ହଜ୍‌ରତ୍ ମୌଲାନା ଜଲାଲୁଦ୍ଦିନ୍ ଶମ୍‌ଶ୍ ସାହେବଙ୍କର ପୁତ୍ର ଥିଲେ । ଏହି ସମସ୍ତ ବ୍ୟକ୍ତିମାନେ ସାହାବା ଥିଲେ । ସ୍ୱର୍ଗତ ରିୟାଜୁଦ୍ଦୀନ୍ ଶମ୍‌ଶ୍ ସାହେବ ୱସିୟତ କରିଥିଲେ । ମୃତକଙ୍କ ପରିଜନରେ ଦୁଇ ପୁତ୍ରୀ ଓ ଗୋଟିଏ ପୁତ୍ର ରହିଛନ୍ତି ଅଲ୍ଲାଃ ତାଲା ସ୍ୱର୍ଗତଙ୍କ ସନ୍ତାନସନ୍ତତିଙ୍କୁ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ । ତାଙ୍କ ପତ୍ନୀଙ୍କର ପ୍ରଥମେ ବିୟୋଗ ହୋଇଯାଇଥିଲା ଅଲ୍ଲାଃ ତାଲା ତାଙ୍କ ଉପରେ ସଦୟ ଭାବ ପ୍ରଦର୍ଶନ କରନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନିତ କରନ୍ତୁ । ତାଙ୍କର ଭାଇ ମୁନିରୁଦ୍ଦିନ୍ ଶମ୍‌ଶ୍ ସାହେବ କୁହନ୍ତି ସ୍ୱର୍ଗତ ଅନେକ ସୁଗୁଣବଳୀର ଅଧିକାରି ଥିଲେ । ନିୟମିତ ଭାବରେ ନମାଜ ପାଠ କରିବା, ସର୍ବଦା ଲୋକମାନଙ୍କୁ ଏଥିପ୍ରତି ପ୍ରବର୍ତାଇବା ଅର୍ଥାତ ଧ୍ୟାନ ଆକର୍ଷିତ କରିବା ତାଙ୍କର ବିଶେଷଗୁଣ ଥିଲା । ଖିଲାଫତ୍ ପ୍ରତି ତାଙ୍କର ଗଭୀର ଅନୁରୋକ୍ତି ଓ ଆନ୍ତରିକତା ଥିଲା । ଘରେ ସର୍ବଦା ଖିଲାଫତ୍ ସହିତ ସଶ୍ଳିଷ୍ଟ ରହିବାପାଇଁ ନିଜ ପରିବାରବର୍ଗଙ୍କୁ ଅନୁପ୍ରାଣିତ କରୁଥିଲେ । ରୋଗାକ୍ରାନ୍ତ ଦିନରେ ମଧ୍ୟ ବିଗତ ଦୁଇବର୍ଷ ଧରି ମତେ ସାକ୍ଷାତ କରିବାକୁ ଆସିଲେ ଏବଂ ରୋଗ ସହିତ ମଧ୍ୟ ଅତ୍ୟନ୍ତ ଧୈର୍ଯ୍ୟ ଓ ସାହାସର ସହିତ ପ୍ରସନ୍ନଚିତ ସହିତ କଥା ବାର୍ତା କରୁଥିଲେ । ତାଙ୍କୁ କେବଳ ନିଜ ସନ୍ତାନମାନଙ୍କର ଚିନ୍ତା ଥିଲା ଏବଂ ନିଜ ପାଇଁ ସେ କେବେ ଚିନ୍ତିତ ନଥିଲେ । ତାଙ୍କ ସମ୍ପର୍କରେ ସମସ୍ତଙ୍କର ଏହି ପ୍ରତିକ୍ରିୟା ରହିଛି କି ସେ ସର୍ବଦା ଯେ କୌଣସି ପରିସ୍ଥିତିରେ ଥିଲେ ମଧ୍ୟ ସ୍ମିତ ହାସ୍ୟ ଦେଉଥିଲେ ଏବଂ ପ୍ରତ୍ୟେକଙ୍କ ସହିତ ମିଳିମିଶି ରହୁଥିଲେ । ଦୁଃଖସୁଖରେ ସାହାଯ୍ୟ କରିବା ଆଦି ତାଙ୍କର ସୁଗୁଣ ଥିଲା । ଅଲ୍ଲାଃ ତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତର ଉନ୍ନିତ କରନ୍ତୁ । ଆମିନ୍...

⌘⌘⌘⌘⌘⌘⌘⌘⌘⌘

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

ତୁମେ ସମସ୍ତେ ମିଳିମିଶି ଅଲ୍ଲାଃଙ୍କ ରଶିକୁ ମଜ୍‌ଭୁତ୍‌ରେ ଧରି ରଖ ଓ ଆପୋଷରେ ମତଭେଦ ସୃଷ୍ଟି କରନାହିଁ । କାରଣ ମୁଁ ଅବୁଲ୍ କାସିମ୍ ସ:ଆ:ସଙ୍କଠାରୁ ଶୁଣିଛି ଯେ ପାରସ୍ପରିକ ସମ୍ପର୍କକୁ ସୁଧାରି ନେବା ହେଉଛି ନଫଲ୍ ନମାଜ ଓ ରୋଜାଠାରୁ ଉତମ । (ହଜ୍‌ରତ୍ ଅଲୀ)

ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ମହାନ ପଦମର୍ଯ୍ୟାଦା ସମ୍ପନ୍ନ ଖଲିଫା ରଶିଦ୍ ଏବଂ ଜ୍ୱାଇଁ ଅବୁ ତୁରାବ୍, ହଜ୍‌ରତ୍ ଅଲୀ ଅଲ୍‌ମୁର୍‌ତଜା ର:ଅଙ୍କ ଉତମଗୁଣାବଳୀର ଚର୍ଚ୍ଚା । ହଜ୍‌ରତ୍ ଅଲୀ ର:ଅଙ୍କ ଶାହାଦତ୍‌ର ଘଟଣାବଳୀ ବର୍ଣ୍ଣନା

ପୂଣ୍ୟକର୍ମ କରିବାକୁ ପ୍ରୋତ୍ସାହିତ କରିବା ଓ କୁକର୍ମରୁ ଲୋକମାନଙ୍କୁ ବଂଚାଇବା କାର୍ଯ୍ୟରେ ସର୍ବଦା ନିୟୋଜିତ ରୁହ । ଏହାକୁ କେବେବି ଛାଡ଼ିବ ନାହିଁ ନଚେତ ଖଳପ୍ରକୃତିର ଲୋକେ ତୁମର ହାକିମ ହୋଇଯିବେ । ତା'ପରେ ତୁମେ ପ୍ରାର୍ଥନା କରିଲେ ସୁଧା ତୁମର ପ୍ରାର୍ଥନା ଗ୍ରହଣ ହେବ ନାହିଁ ଏବଂ ମୁସଲମାନ ଦେଶର ଅବସ୍ଥା ଏହିପରି ହୋଇଯାଇଛି ।

ଦୁଆ କରନ୍ତୁ ଏ ବର୍ଷଟି ଯମାତ୍ ପାଇଁ, ପୃଥିବୀବାସୀଙ୍କ ପାଇଁ ଓ ମାନବ ସମାଜ ପାଇଁ ମଙ୍ଗଳମୟ ହେଉ ।

ଏହି ବିପତି ଖୁଦାତାଲାଙ୍କ ତରଫରୁ ନିଜର କର୍ତବ୍ୟକୁ ଭୂଲିଯିବା ଯୋଗୁଁ ଓ ଅତ୍ୟାଚାରରେ ବଢ଼ିଯିବା ଯୋଗୁଁ ଆସିଥାଏ ।

ଏହା ଦୂର ନୁହେଁ ଯେ ଅସଲ ଅସ୍ତ୍ରଶସ୍ତ୍ରର ଯୁଦ୍ଧ ମଧ୍ୟ ହାଇପାରେ ଓ ତାହା ଭିଷଣ ଓ ଭୟଙ୍କର ଯୁଦ୍ଧ ହେବ ।

ଏହି ବର୍ଷଟି ସେତେବେଳେ ଶୁଭେସ୍ୱାର ବର୍ଷ ହେବ ଯେତେବେଳେ ଆମେ ନିଜର କର୍ତବ୍ୟକୁ ନିର୍ବାହ କରିବା

ପ୍ରତ୍ୟେକ ଅହେମଦୀ ଏଥିପ୍ରତି ଧ୍ୟାନ ଦେବା ଉଚିତ ଯେ ତା'ଠାରେ ଏକ ବହୁତ ବଡ଼ କାମ ନ୍ୟସ୍ତ କରାଯାଇଛି ।

ହଜ୍‌ରତ୍ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସ ଯେଉଁ ଧ୍ୱଜାକୁ ଉତୋଳନ କରିଛନ୍ତି, ଏ ଦୁନିଆକୁ ସେହି ଧ୍ୱଜାତଳକୁ ନେଇ ଆସନ୍ତୁ ।

ପ୍ରତ୍ୟେକ ଅହେମଦୀ ପୁରୁଷ, ମହିଳା, ଯୁବକ, ପିଲା, ବୁଢ଼ା ସମସ୍ତେ ଏକଥାକୁ ବୁଝି ଶପଥ କରୁ ଯେ ଏ ବର୍ଷ ମୁଁ ସଂସାରରେ ଏକ ପରିବର୍ତନ ଆଣିବାପାଇଁ ନିଜର ସମସ୍ତ ଶକ୍ତି ଓ ସାମର୍ଥ୍ୟକୁ ବ୍ୟବହାର କରିବି ।

ଆଜି ସଂସାରବାସୀଙ୍କୁ ଯଦି କିଏ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସଙ୍କ ଧ୍ୱଜା ତଳକୁ ଆଣିବା ପାଇଁ କାର୍ଯ୍ୟ କରୁଅଛି, ହେ ହେଉଛି ଅହେମଦୀ ।

ଆମର କାମ ହେଉଛି ଏହା କି ଆମେ ଆମ ଉପାସନାକୁ ଆହୁରି ଅଧିକ ସୁଦୃଢ଼ କରିବା ।
ଯଦି ଆମେ ଏହା କରିନେବା ତେବେ ଆମେ ସଫଳ ହୋଇଯିବା ।

ବର୍ଷର ଆରମ୍ଭ ହେଉ ବା ଶେଷ ବା ଇଦ୍ ହେଉ, ଆମର ଖୁସି ଓ ଆନନ୍ଦ ବାସ୍ତବିକ ସେତେବେଳେ ହେବ ଯେତେବେଳେ ଆମେ ପୃଥିବୀର କୋଣ ଅନୁକୋଣରେ ଅଲ୍ଲାଃଙ୍କ ଏକେଶ୍ୱରବାଦର ଧ୍ୱଜାକୁ ଉଡ଼ାଇବା ଯାହାକୁ ହଜ୍‌ରତ୍ ମୁହମ୍ମଦ ସ:ଆ:ସ ଧରି ଆସିଥିଲେ ।

ଅଲ୍ଲାଃ ତାଲା ପ୍ରତ୍ୟେକ ଦେଶରେ ପ୍ରତ୍ୟେକ ଅହେମଦୀଙ୍କୁ ନିଜ ସୁରକ୍ଷା ବଳୟ ମଧ୍ୟରେ ରଖନ୍ତୁ ଏବଂ ଏ ବର୍ଷଟି ପ୍ରତ୍ୟେକ ଅହେମଦୀ ଏବଂ ପ୍ରତ୍ୟେକ ମନୁଷ୍ୟ ପାଇଁ ଆର୍ଶିବାଦ ଓ ମଙ୍ଗଳମୟ ବର୍ଷ ହୋଇ ଆସୁ ।

ନୁତନବର୍ଷର ପ୍ରାରମ୍ଭରେ ରାଷ୍ଟ୍ରନେତାମାନଙ୍କୁ ଓ ଯମାତ୍ ଅହେମଦୀୟାର ଲୋକମାନଙ୍କ ପାଇଁ ମୂଲ୍ୟବାନ ଉପଦେଶ ।

ଅଲ୍‌ଯଜାଇର୍ ଏବଂ ପାକିସ୍ତାନରେ ଅହେମଦୀମାନଙ୍କ ପ୍ରତି ହେଉଥିବା ଭିଷଣ ବିରୋଧକୁ ଦୃଷ୍ଟିରେ ରଖି ବିଶେଷ ଦୁଆ କରିବାକୁ ଉପଦେଶ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ**
**(ପ୍ରଦତ୍ତ: ୦୧ ଜାନୁୟାରୀ ୨୦୨୧ ଅନୁଯାୟୀ ୦୧ ସୁଲାହ୍ ୧୪୦୦ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ଗତ ଖୁତ୍‌ବାରୁ ହଜ୍‌ରତ୍ ଅଲୀ ବିନ୍ ଅବୁ ତାଲିବ୍‌ଙ୍କ ଚର୍ଚ୍ଚା ଚାଲିଥିଲା । ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ହଜ୍‌ରତ୍ ଅଲୀ ର:ଅଙ୍କ ଶାହାଦତ୍ ଘଟଣାର ପରିପ୍ରେକ୍ଷୀରେ ବର୍ଣ୍ଣନା କରନ୍ତି କି ବର୍ତମାନ ଘଟଣାଟି ସମ୍ପୁର୍ଣ୍ଣରୂପେ ସମାଧାନ ହୋଇନଥିଲା କି ଖୱାରିଜ୍ ମାନଙ୍କର ଗୋଷ୍ଠୀ ଏହି ପରାମର୍ଶ କଲେ ଯେ ଉକ୍ତ ଉପଦ୍ରବକୁ ଏହିପରି ଦୁରିଭୂତ କରାଯାଉ କି ସମସ୍ତ ବୟଜ୍ୟୋଷ୍ଠ ସାହାବାମାନଙ୍କୁ ହତ୍ୟା କରିଦିଆଯାଉ । ସୁତରାଂ ସେହି ଖୱାରିଜ୍ ସମ୍ପ୍ରଦାୟର କେତେକ ସାହାସି ଲୋକମାନେ ଏହି ସଂକଳ୍ପ ନେଇ ସେଠାରୁ ବାହାରିଲେ । ସେମାନଙ୍କ ମଧ୍ୟରୁ ଜଣେ ହଜ୍‌ରତ୍ ଅଲୀ ର:ଅଙ୍କୁ ଜଣେ ହଜ୍‌ରତ୍ ମୁଆୱିୟା ର:ଅଙ୍କୁ ଏବଂ ଅନ୍ୟଜଣେ ହଜ୍‌ରତ୍ ଉମ୍‌ରୋ ବିନ୍ ଆସ୍ ର:ଅଙ୍କୁ ଓ ଗୋଟିଏ ଦିନରେ ଓ ଗୋଟିଏ ସମୟରେ ହିଁ ହତ୍ୟା କରିଦେବେ । ଅତଏବ ଯେଉଁ ବ୍ୟକ୍ତି ହଜ୍‌ରତ୍ ମୁଆୱିୟା ର:ଅଙ୍କ ଆଡ଼କୁ ଯାଇଥିଲା ସେ ତ ହଜ୍‌ରତ୍ ମୁଆୱିୟାଙ୍କ ଉପରେ ଅବଶ୍ୟ ଆକ୍ରମଣ କଲା କିନ୍ତୁ ତାହାର ଆକ୍ରମଣ ହଜ୍‌ରତ୍ ମୁଆୱିୟା ର:ଅଙ୍କୁ ସାମାନ୍ୟ ରୂପେ ଆହତ କରିଥିଲା । ସେହି ଆକ୍ରମଣକାରୀ ଜଣକ ଧରାପଡ଼ିଲା ଏବଂ ତାହାକୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଦିଆଯାଇଥିଲା ଏବଂ ଯେଉଁ ବ୍ୟକ୍ତି ଉମ୍‌ରୋ ବିନ୍ ଆସ ର:ଅଙ୍କୁ ହତ୍ୟା କରିବାକୁ ଯାଇଥିଲା ସେ ମଧ୍ୟ ନିଜ ଉଦ୍ଦେଶ୍ୟରେ ସଫଳ ହୋଇନଥିଲା । କାରଣ ସେହିଦିନ ହଜ୍‌ରତ୍ ଉମ୍‌ରୋ ର:ଅ ନମାଜ ନିମନ୍ତେ ଆସିନଥିଲେ । ଅସୁସ୍ଥ ଥିବା କାରଣରୁ । ଯେଉଁ ବ୍ୟକ୍ତି ହଜ୍‌ରତ୍ ଅଲୀ ର:ଅଙ୍କୁ ହତ୍ୟା କରିବାପାଇଁ ବାହାରିଥିଲା ଏବଂ ହଜ୍‌ରତ୍ ଅଲୀ ର:ଅ ଯେତେବେଳେ ସକାଳ ନମାଜ ପାଇଁ ଛିଡ଼ା ହେବାକୁ ଲାଗିଲେ ସେତେବେଳେ ଉକ୍ତ ହତ୍ୟାକାରୀ ଜଣକ ହଜ୍‌ରତ୍ ଅଲୀ ର:ଅଙ୍କ ଉପରକୁ ଆକ୍ରମଣ କରିଦେଇଥିଲା ଯଦ୍ୱାରା ହଜ୍‌ରତ୍ ଅଲୀ ର:ଅ ଗମ୍ଭୀର ରୂପେ ଆହତ ହୋଇଥିଲେ । ସେହି ଆକ୍ରମଣକାରୀ ଜଣକ ଆପଣଙ୍କ ଉପରେ ଆକ୍ରମଣ କରିବାବେଳେ ଏହି କଥା କହୁଥିଲା ଯେହେ ଅଲୀ ! ତୁମର ଏ ଅଧିକାର ନାହିଁ ଯେ ତୁମର ସବୁ କଥାକୁ ମାନି ନିଆଯିବ ବରଂ ଏ ଅଧିକାର କେବଳ ଅଲ୍ଲାଃଙ୍କର ରହିଛି ।

*(ଅନୱାରେ ଖିଲାଫତ୍, ଅନୱାରୁଲ୍ ଉଲୁମ୍ ଖଣ୍ଡ-୩, ପୃ-୦୨)*

ହଜ୍‌ରତ୍ ଅଲୀ ର:ଅଙ୍କ ଶାହଦତ୍‌ର ଭବିଷ୍ୟବାଣୀ ହଜୁର ସ:ଆ:ସ ବହୁ ପୂର୍ବରୁ କରିଦେଇଥିଲେ । ହଜ୍‌ରତ୍ ଉବୈଦୁଲ୍ଲାଃ ର:ଅ ବର୍ଣ୍ଣନା କରନ୍ତି କି ନବୀ କରିମ୍ ସ:ଆ:ସ ହଜ୍‌ରତ୍ ଅଲୀ ର:ଅଙ୍କୁ କହିଲେ, ହେ ଅଲୀ ! କଣ ତୁମେ ଜାଣିଛ କି ପ୍ରାରମ୍ଭିକ ଯୁଗରେ ଓ ଶେଷ ଯୁଗରେ ସବୁଠାରୁ ଖରାପ ବ୍ୟକ୍ତି କିଏ ? ହଜ୍‌ରତ୍ ଅଲୀ କହିଲେ ଅଲ୍ଲାଃ ଓ ତାହାଙ୍କ ରସୁଲ୍ ଅଧିକ ଜାଣିଛନ୍ତି । ଏଥିରେ ଆଁ ହଜ୍‌ରତ୍ ସ:ଆ:ସ କହିଲେ ପୂର୍ବଯୁଗରେ ସବୁଠାରୁ ଖରାପ ବ୍ୟକ୍ତି ସେ ଥିଲା ଯିଏ ହଜ୍‌ରତ୍ ସ୍ୱାଲେହ୍ ଆ:ସଙ୍କ ଓଟର ଗୋଡ଼କୁ କାଟି ଦେଇଥିଲା ଏବଂ ଏହି ସମ୍ପ୍ରଦାୟ ଯାହାକି ସର୍ବଶ୍ରେଷ୍ଠ ସମ୍ପ୍ରଦାୟ ଅଟେ ଅର୍ଥାତ ତୁମ ସମ୍ପ୍ରଦାୟରୁ ଜଣେ ହତଭାଗ୍ୟ ବ୍ୟକ୍ତି ସେହି ବ୍ୟକ୍ତି ହେବ ଯିଏ ତୁମ ଉପରେ ବର୍ଛା ସାହାଯ୍ୟରେ ପ୍ରହାର କରିବ ଏବଂ ହଜୁର ସ:ଆ:ସ ସେହି ସ୍ଥାନ ଆଡ଼କୁ ଇଙ୍ଗିତ କଲେ ଯେଉଁ ସ୍ଥାନରେ ହଜ୍‌ରତ୍ ଅଲୀ ର:ଅଙ୍କୁ ବର୍ଛା ଦ୍ୱାରା ଆକ୍ରମଣ କରାଯିବାର ଥିଲା ।

ହଜ୍‌ରତ୍ ଅଲୀ ର:ଅଙ୍କର ଦାସୀ ଉମ୍ମେ ଜାଫର୍ ବର୍ଣ୍ଣନା କରନ୍ତି: ମୁଁ ହଜ୍‌ରତ୍ ଅଲୀ ର:ଅଙ୍କ ହାତରେ ପାଣି ଢ଼ାଳୁଥିଲି କି ଆପଣ ମସ୍ତକ ଉପରକୁ କଲେ ଏବଂ ନିଜ ଦାଢ଼ିକୁ ଧରି ତାହାକୁ ନାକ ପର୍ଯ୍ୟନ୍ତ ଉର୍ଦ୍ଧିତ କଲେ । ନିଜ ଦାଢ଼ିକୁ ଚାହିଁ କହିଲେ, ବାଃ ବାଃ ତୋର କି ଭାଗ୍ୟ ତୁ ନିଶ୍ଚିତ ରକ୍ତ ରଞ୍ଜିତ ହୋଇଯିବୁ । ପୁଣି ତାଙ୍କୁ  ପବିତ୍ର ଜୁମା ଦିବସରେ ଶହୀଦ କରିଦିଆଗଲା ।

ହଜ୍‌ରତ୍ ଅଲୀ ର:ଅଙ୍କ ଶାହଦତ୍‌ର ଘଟଣା ଗୋଟିଏ ସ୍ଥାନରେ ଏଭଳି ଦରଜ ରହିଛି ଇବ୍‌ନେ ହନଫିୟା ବର୍ଣ୍ଣନା କରନ୍ତି କି ମୁଁ ହଜ୍‌ରତ୍ ହସନ୍ ଏବଂ ହଜ୍‌ରତ୍ ହୁସୈନ୍ ର:ଅ ହମାମ୍ ଭିତରେ ବସିଥିଲୁ ଯେ ଆମ ନିକଟକୁ ଇବ୍‌ନେ ମଲ୍‌ଜମ୍ ଆସିଲେ ଯେତେବେଳେ ସେ ପ୍ରବେଶ କଲେ ସେତେବେଳେ ତାଙ୍କ ଆଗମନକୁ ଉଭୟ ହସନ୍ ଓ ହୁସୈନ୍ ପସନ୍ଦ କଲେନାହିଁ ଏବଂ କହିଲେ, ତୁମର ଏତେ ସାହାସ ଯେ, ଆମେ ସ୍ନାନ କଲା ଅବସ୍ଥାରେ ତୁମେ ଭିତରକୁ ଚାଲିଆସିଲ । ମୁଁ ସେହି ଦୁହିଁଙ୍କୁ କହିଲି ତୁମେ ତାଙ୍କୁ କ୍ଷମା ଦିଅ ସେ ତୁମ ବିରୁଦ୍ଧରେ ଯାହା କରିବାକୁ ଚାହୁଁଛି ତାହା ଏହାଠାରୁ ବଳି ଭୟାନକ । ହଜ୍‌ରତ୍ ଅଲୀ ର:ଅଙ୍କ ଉପରେ ଆକ୍ରମଣ ସମୟରେ ଇବ୍‌ନେ ମଲ୍‌ଜମ୍‌କୁ କଏଦୀ କରି ଅଣାଗଲା ସେତେବେଳେ ଇବ୍‌ନେ ହନଫିୟା କୁହନ୍ତି ମୁଁ ତ ତାକୁ ସେହି ଦିନ ଚିହ୍ନି ଯାଇଥିଲି ଯେଉଁଦିନ ଆମେ ଜଳାଶୟରେ ଥିବା ସମୟରେ ସେ ଆମ ନିକଟକୁ ଆସିଥିଲା । ଏଥିରେ ହଜ୍‌ରତ୍ ଅଲୀ ର:ଅ କହିଲେ, ବର୍ତମାନ ସେ ଜଣେ କଏଦୀ ତେଣୁ ତୁମେ ତାହାର ଭଲ ରୂପେ ସତ୍କାର କର ଏବଂ ତାହାର ରହିବାର ସୁବ୍ୟବସ୍ଥା କର । ଯଦି ମୁଁ ଜୀବିତ ରହେ ତେବେ ତାହାକୁ ମୃତ୍ୟୁଦଣ୍ଡାଦେଶ ଦେବି ଅବା କ୍ଷମା ଦେବି । କିନ୍ତୁ ଯଦି ମୁଁ ଇହଧାମରୁ ଚାଲିଯାଏ ତେବେ ତାହାକୁ ତୁମେ ମୋ ହତ୍ୟା ଆକ୍ରମଣ କରିବା ଦୋଷରେ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିବ ଏବଂ ଏଥିରେ ସୀମା ଲଂଘନ କରିବନାହିଁ । ନିଶ୍ଚିତରୂପେ ଅଲ୍ଲାଃ ସୀମା ଉଲଂଘନକାରୀଙ୍କୁ ପସନ୍ଦ କରନ୍ତିନାହିଁ ।

ହଜ୍‌ରତ୍ ଇବ୍‌ନେ ଅବ୍‌ବାସ ର:ଅଙ୍କର ଜଣେ ସ୍ୱାଧିନ ପ୍ରାପ୍ତ ଦାସ କୁସମ୍ ବର୍ଣ୍ଣନା କରନ୍ତି: ହଜ୍‌ରତ୍ ଅଲୀ ର:ଅ ମୋ ବଡ଼ ପୁଅକୁ ନିଜ ୱ୍ୱସିୟତ ଲେଖିଲେ କି ଇବ୍‌ନେ ମଲଯମ୍‌ର ପେଟ ଓ ଗୁପ୍ତାଙ୍ଗକୁ ବର୍ଛା ମାରିବନାହିଁ । ଲୋକମାନେ କହିଲେ, ଖୱ୍ୱାରିଜ୍‌ମାନଙ୍କ ମଧ୍ୟରୁ ତିନିଜଣଙ୍କର ନାମାଙ୍କନ କରାଯାଇଥିଲା ସେମାନେ ହେଲେ, ଅବ୍‌ଦୁର୍ ରହ୍‌ମାନ୍ ବିନ୍ ମଲ୍‌ଜମ୍, ମୁରାଦି ଯେ କବିଲା ହମିର୍‌ର ଥିଲେ, ଯିଏ କିନ୍‌ଦା ବଂଶଧର ବନୁ ହବ୍‌ଲାର ହଲିଫ୍ ଥିଲେ ଏବଂ ତାହାର ଗଣନା ମୁରାଦ କବିଲାରେ କରାଯାଉଥିଲା । ଦ୍ୱିତୀୟ ଜଣକ ବୁରକ୍ ବିନ୍ ଅବ୍‌ଦୁଲ୍ଲାଃ ତମିମି ଏବଂ ତୃତୀୟ ଜଣଙ୍କ ଉମ୍‌ରୋ ବିନ୍ ବୁକୈର୍ ତମିମି ଥିଲେ । ଅର୍ଥାତ ଏହି ତିନିଜଣ ଖୱ୍ୱାରିଜମାନଙ୍କ ମଧ୍ୟରୁ ଥିଲେ ଯିଏ କି ଉକ୍ତ ତିନିଜଣ ସାହାବାଙ୍କ ଉପରେ ଆକ୍ରମଣ କରିଥିଲେ । ଏହି ତିନିଜଣ ମକ୍କାରେ ଏକତ୍ରିତ ହେଲେ ଏବଂ ପ୍ରତିଜ୍ଞା କଲେ  କି ସେମାନେ ତିନିଜଣ ଅର୍ଥାତ ହଜ୍‌ରତ୍ ଅଲୀ ବିନ୍ ଅବୁ ତାଲିବ୍, ହଜ୍‌ରତ୍ ମୁଆୱ୍ୱିୟା ବିନ୍ ଅବୁ ସୁଫିୟାନ୍ ଏବଂ ଉମ୍‌ରୋ ବିନ୍ ଆସଙ୍କୁ ନିଶ୍ଚିତରୂପେ ହତ୍ୟା କରିଦେବେ । ଯେପରି କି ପୂର୍ବେ ଆଲୋଚନା ହେଲା ସେହି ଘଟଣାକୁ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଏପରି ବର୍ଣ୍ଣନା କରିଛନ୍ତି: ହଜ୍‌ରତ୍ ଅବ୍‌ଦୁର୍ ରହମାନ୍ ବିନ୍ ମଲ୍‌ଜମ୍ କହିଲା ମୁଁ ହଜ୍‌ରତ୍ ଅଲୀ ର:ଅଙ୍କୁ ହତ୍ୟା କରିବାର ଦାୟିତ୍ୱ ନେଉଛି । ବୁରକ୍ କହିଲା ମୁଁ ମାଅୱ୍ୱିୟାଙ୍କୁ ହତ୍ୟା କରିବାର ଦାୟିତ୍ୱ ନେଉଛି ଏବଂ ଉମ୍‌ରୋ ବିନ୍ ବୁକୈର୍ କହିଲା ମୁଁ ଉମ୍‌ରୋ ବିନ୍ ଆସଙ୍କୁ ହତ୍ୟା କରିବାର ଦାୟିତ୍ୱ ନେଉଛି । ଏଥିଅନ୍ତେ ସେମାନେ ପରସ୍ପରକୁ ଆଶ୍ୱସ୍ତ କଲେ ଯେ ସେମାନେ ନିଜ ପ୍ରତିଜ୍ଞାରୁ ଓହରି ଯିବେନାହିଁ ଏପରି କି ଏଥିରେ ସେମାନଙ୍କ ପ୍ରାଣବଳି କାହିଁକି ନ ଦେବାକୁ ପଡୁ । ଏହି କାର୍ଯ୍ୟ ପାଇଁ ସେମାନେ ରମ୍‌ଜାନ୍‌ର ୧୭ ତମ ରାତ୍ର ଧାର୍ଯ୍ୟ କରିଥିଲେ । ତା'ପରେ ସେମାନେ ସେହି ସହର ଅଭିମୁଖେ ବାହାରିଗଲେ ଯେଉଁ ବ୍ୟକ୍ତିବିଶେଷଙ୍କୁ ହତ୍ୟା କରିବାପାଇଁ ସେମାନେ ସ୍ଥିର କରିଥିଲେ । ଅତଏବ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ମଲ୍‌ଜମ୍ କୁଫାରେ ପହଂଚିଲେ ଏବଂ ନିଜର ଖୱ୍ୱାରିଜ୍ ବନ୍ଧୁଙ୍କ ସହିତ ସାକ୍ଷାତ କଲେ କିନ୍ତୁ ନିଜର ଉଦ୍ଦେଶ୍ୟ ସେମାନଙ୍କଠାରେ ଗୋପନ ରଖିଥିଲେ । ଦିନେ ସେ ତିମୁର୍ ରିବାବ୍ କବିଲାର ଗୋଟିଏ ଦଳକୁ ଦେଖିଲେ ଯେଉଁମାନଙ୍କ ମଧ୍ୟରେ ଜଣେ ମହିଳା କତାମ୍ ବିନ୍‌ତେ ସିଜନା ବିନ୍ ଅଦି ଥିଲେ ଯାହାର ଭ୍ରାତା ଓ ପିତାଙ୍କୁ ହଜ୍‌ରତ୍ ଅଲୀ ର:ଅ ନାହାରୱ୍ୱାନ୍ ଯୁଦ୍ଧରେ ହତ୍ୟା କରିଥିଲେ । ଇବ୍‌ନେ ମଲ୍‌ଜମ୍‌କୁ ଉକ୍ତ ମହିଳା ପସନ୍ଦ ଆସିଲା ତେଣୁ ସେ ତାଙ୍କୁ ବିବାହ କରିବା ନିମନ୍ତେ ପ୍ରସ୍ତାବ ପଠାଇଲେ । ଉକ୍ତ ମହିଳା ଜଣକ କହିଲେ ମୁଁ ତୁମକୁ ସେ ପର୍ଯ୍ୟନ୍ତ ବିବାହ କରିବି ନାହିଁ ଯେପର୍ଯ୍ୟନ୍ତ ତୁମେ ମୋର ଏକ ଉଦ୍ଦେଶ୍ୟକୁ ପୁରଣ କରିବାର ପ୍ରତିଜ୍ଞା ନ କରିଛ । ମଲ୍‌ଜମ୍ କହିଲେ ତୁମେ ଯାହା ମାଗିବ ମୁଁ ତୁମକୁ ଦେବି । ସେ କହିଲା ତିନିହଜାର ରାଶି ଅର୍ଥାତ ଦିର୍‌ହମ୍ ଏବଂ ହଜ୍‌ରତ୍ ଅଲୀଙ୍କ ମୁଣ୍ଡ । ଅର୍ଥାତ ତାଙ୍କୁ ହତ୍ୟା କର । ସେ କହିଲା ଅଲ୍ଲାଃଙ୍କ ରାଣ ! ମୁଁ ଏହି ସହରକୁ କେବଳ ହଜ୍‌ରତ୍ ଅଲୀ ର:ଅଙ୍କୁ ହତ୍ୟା କରିବାପାଇଁ ଆସିଛି । ତେଣୁ ମୁଁ ତୁମକୁ ତାହା ନିଶ୍ଚିତ ଦେବି ଯାହା ତୁମେ ମାଗିଛ । ପୁନଶ୍ଚ ଇବ୍‌ନେ ମଲ୍‌ଜମ୍, ଶବିବ ବିନ୍ ବଜ୍‌ରା ଅଶ୍‌ଜଇ ସହ ଭେଟିଲା ଏବଂ ନିଜ ଉଦ୍ଦେଶ୍ୟ ସମ୍ବନ୍ଧରେ ସୁଚିତ କଲା ଏବଂ ତାହାକୁ ନିଜ ସହିତ ରହିବା ପାଇଁ  କହିଲା ଏବଂ ସବିବ୍ ତାହାର କଥା ମାନିନେଲା । ଅବ୍‌ଦୁର୍ ରହ୍‌ମାନ୍ ବିନ୍ ମଲ୍‌ଜମ୍ ସେହି ରାତ୍ରରେ ଯେଉଁ ଦିନ ହଜ୍‌ରତ୍ ଅଲୀ ର:ଅଙ୍କୁ ହତ୍ୟା କରିବାର ଯୋଜନା କରିଥିଲା । ସେହିଦିନ ଅଶ୍‌ଅତ୍ ବିନ୍ କୈଶ୍ କିନ୍ଦିଙ୍କ ମସ୍‌ଜିଦ୍‌ରେ ତାହା ସହ ରାତ୍ରିଯାପନ କଲା । ଫଜର୍ ହେବା ମାତ୍ରେ ଅଶ୍‌ଅତ୍ କହିଲା ଉଠ ରାତି ପାହିଲାଣି । ଅବ୍‌ଦୁର୍ ରହ୍‌ମାନ୍ ବିନ୍ ମଲ୍‌ଜମ୍ ଓ ଶବିବ୍ ବିନ୍ ବଜ୍‌ରା ଛିଡ଼ା ହେଲେ ଏବଂ ନିଜ ତରବାରୀ ଧରି ସେହି ମାର୍ଗରେ ବସି ରହିଲେ । ଯେଉଁ ବାଟ ଦେଇ ହଜ୍‌ରତ୍ ଅଲୀ ର:ଅ ମସ୍‌ଜିଦ୍‌ରେ ପ୍ରବେଶ କରନ୍ତି । ହଜ୍‌ରତ୍ ହସନ୍ ବିନ୍ ବଜ୍‌ରାଃ କୁହନ୍ତି ମୁଁ ପାହାନ୍ତାରେ ହଜ୍‌ରତ୍ ଅଲୀ ର:ଅଙ୍କ ନିକଟରେ ଆସି ବସିପଡ଼ିଲି । ସେତେବେଳେ ହଜ୍‌ରତ୍ ଅଲୀ ର:ଅ କହିଲେ ମୁଁ ସାରା ରାତି ନିଜ ପରିଜନଙ୍କୁ ଜାଗ୍ରତ କଲି ଓ ପୁଣି ସେହି ସ୍ଥଳେ ବସି ବସି ହିଁ ମତେ ନିଦ ଲାଗିଗଲା ଏବଂ ମୁଁ ସ୍ୱପ୍ନରେ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କୁ ଦେଖିଲି ଏବଂ ମୁଁ କହିଲି, ହେ ଅଲ୍ଲାଃଙ୍କ ରସୁଲ୍ ! ମତେ ଆପଣଙ୍କ ଅନୁଗାମୀଙ୍କ ମଧ୍ୟରୁ ଭିଷଣ କଳହକାରୀ ଓ ଖଳସ୍ୱଭାବି ଲୋକମାନଙ୍କ ସମ୍ମୁଖୀନ ହେବାକୁ ପଡୁଛି । ଏଥିରେ ଆପଣ ସ:ଆ:ସ କହିଲେ: ସେମାନଙ୍କ ବିପକ୍ଷରେ ପ୍ରଭୁଙ୍କ ଶରଣେ ପ୍ରାର୍ଥନା କରନ୍ତୁ । ପୁନଶ୍ଚ ମୁଁ କହିଲି ହେ ପ୍ରଭୁ ! ମତେ ଏମାନଙ୍କ ପରିବର୍ତେ ତାହା ପ୍ରଦାନ କର ଯାହା ଏମାନଙ୍କଠାରୁ ଉତମ ଏବଂ ସେହି ଖଳ ସ୍ୱଭାବିଙ୍କୁ ତାହା ଦିଅ ଯାହା ମୋଠାରୁ ନିକୃଷ୍ଟ ହୋଇଥିବେ । ଇତି ମଧ୍ୟରେ ଇବ୍‌ନେ ନବାହ୍ ମୁଅଜିନ୍ ଅଜାନ୍ ଦେବାପାଇଁ ଆସିଲେ ଏବଂ କହିଲେ, ନମାଜର ସମୟ ହୋଇଯାଇଛି । ହସନ୍ କୁହନ୍ତି ମୁଁ ନିଜ ପିତାଙ୍କର ହସ୍ତ ଧରିଲି ସେ ଛିଡ଼ା ହେଲେ ଏବଂ ଆଗକୁ ବଢ଼ିଲେ ଇବ୍‌ନେ ନବାହ୍ ଆପଣଙ୍କ ସମ୍ମୁଖରେ ଥିଲେ ଏବଂ ମୁଁ ଆପଣଙ୍କ ପଛରେ ଚାଲୁଥିଲି ଯେତେବେଳେ ଆପଣ ଦ୍ୱାରରୁ ବାହାରକୁ ବାହାରିଲେ କହିଲେ, ହେ ଲୋକମାନେ ! ନମାଜ, ନମାଜ । ଆପଣ ପ୍ରତିଦିନ ଏହିପରି କୁହନ୍ତି ଏବଂ ସେତେବେଳେ ଆପଣଙ୍କ ହାତରେ ଲାଠି ଟିଏ ରହିଥାଏ ଯାହାକୁ ଆପଣ କବାଟରେ ମାରି ଲୋକମାନଙ୍କୁ ନିଦରୁ ଜାଗ୍ରତ କରନ୍ତି । ସେତିକିବେଳେ ସେହି ଦୁଇ ହତ୍ୟାକାରି ଆପଣଙ୍କ ସମ୍ମୁଖକୁ ଆସିଗଲେ ସ୍ୱଚକ୍ଷୁରେ ଅବଲୋକନ କରିଥିବା ଲୋକମାନଙ୍କ ମଧରୁ କିଛି ଲୋକ କୁହନ୍ତି: ମୁଁ ତରବାରୀର ଚମକ ଦେଖିଛି ଏବଂ ଜଣକୁ ଏହା କହିବାର ଶୁଣିଛି ଯେ ହେ ଅଲୀ ଆମେ ଅଲ୍ଲାଃଙ୍କ ଆଦେଶ ପାଳନ କରିବୁ ନା କି ଆପଣଙ୍କର ସେଥିଅନ୍ତେ ମୁଁ ଦ୍ୱିତୀୟ ତରବାରୀ ଦେଖିଲି । ଏବଂ ଦୁହେଁ ମିଳିତ ଭାବରେ ହଜ୍‌ରତ୍ ଅଲୀ ର:ଅଙ୍କ ଉପରେ ଆକ୍ରମଣ କରିଦେଲେ । ଅବ୍‌ଦୁର୍ ରହ୍‌ମାନ୍ ବିନ୍ ମଲ୍‌ଜମ୍‌ଙ୍କ ପ୍ରହାର ହଜ୍‌ରତ୍ ଅଲୀ ର:ଅଙ୍କ ମଥାଦେଇ ମସ୍ତକର ଚୁଟି ଉପରେ ପଡ଼ିଲା ଏବଂ ମଗଜ ପର୍ଯ୍ୟନ୍ତ ପହଂଚିଗଲା ଯେବେ କି ସବିବ୍‌ର ପ୍ରହାର ଦ୍ୱାରର କାଠ ଉପରେ ଯାଇ ପଡ଼ିଲା । ମୁଁ ହଜ୍‌ରତ୍ ଅଲୀଙ୍କୁ ଏକଥା କହିବାର ଶୁଣିଲି ଯେ, ଏହି ବ୍ୟକ୍ତିଜଣକ ତୁମ ହାତରୁ ଯେପରି ଖସି ନ ଯାଇପାରୁ ଯଦ୍ୱାରା ପ୍ରତ୍ୟେକ ଦିଗରୁ ତାହାକୁ ଧରିବାପାଇଁ ଲୋକମାନେ ଲମ୍ଫ ମାରିଲେ ଏବଂ ଶବିବ୍ ସେଠାରୁ ଖସିଯିବାରେ ସଫଳ ହେଲା । ଯେବେ କି ମଲ୍‌ଜମ୍ ଧରା ପଡ଼ିଲା । ତାଙ୍କୁ ହଜ୍‌ରତ୍ ଅଲୀ ର:ଅଙ୍କ ନିକଟକୁ ଅଣାଗଲା, ହଜ୍‌ରତ୍ ଅଲୀ ର:ଅ କହିଲେ ତାକୁ ଭଲ ଖାଇବାକୁ ଦିଅ ଓ ନରମ ବିଛଣା ଦିଅ ଯଦି ମୁଁ ଜୀବିତ ରହେ ତେବେ ତାହାକୁ ମୃତ୍ୟୁଦେଣ୍ଡ ଦେବି ଅବା କ୍ଷମା କରିଦେବି କିନ୍ତୁ ଯଦି ମୁଁ ଏ ସଂସାରରୁ ଚାଲିଯାଏ ତେବେ ତାହାକୁ ମୋ ହତ୍ୟାକ୍ରମଣ କରିବା ଦୋଷରେ ମୃତ୍ୟୁଦଣ୍ଡ ଦେବ । ମୁଁ ପରମେଶ୍ୱରଙ୍କ ନିକଟରେ ତାହା ପ୍ରସଙ୍ଗରେ ଝଗଡ଼ା କରିବି ଅର୍ଥାତ ଏହି ମାମଲାର ନିଷ୍ପତି ପ୍ରଭୁ ସ୍ୱୟମ କରିବେ ।

***(ତବକାତୁଲ୍ କୁବ୍‌ରା......ଖଣ୍ଡ-୩, ପୃ-୨୫-୨୭...... ବେରୁତ ୧୯୯୦)***

ଯେତେବେଳେ ହଜ୍‌ରତ୍ ଅଲୀ ର:ଅଙ୍କ ମୃତ୍ୟୁ ସମୟ ପାଖେଇ ଆସିଲା ସେତେବେଳେ ହଜ୍‌ରତ୍ ଅଲୀ ର:ଅ ନିମ୍ନଲିଖିତ ୱ୍ୱସିୟତ କଲେ:- ***ବିସ୍‌ମିଲ୍ଲାଃ ହିର୍ ରହ୍‌ମାନ୍ ନିର୍‌ରହିମ୍ ।*** ଏହି ୱ୍ୱସିୟତ୍‌ଟି ହେଉଛି ସେହି ୱ୍ୱସିୟତ ଯାହାକି ଅଲୀ ବିନ୍ ଅବୁ ତାଲିବ୍ କରୁଛନ୍ତି । ମୁଁ ସାକ୍ଷ୍ୟ ଦେଉଛି କି ଅଲ୍ଲାଃ ତାଲାଙ୍କ ବ୍ୟତିତ କେହି ଉପାସ୍ୟ ଯୋଗ୍ୟ ନୁହନ୍ତି ଏବଂ ମୁହମ୍ମଦ ମୁସ୍ତଫା ସ:ଆ:ସ ତାଙ୍କର ଭକ୍ତ ଓ ବାର୍ତାବାହକ ଅଟନ୍ତି । ଯାହାଙ୍କୁ ଅଲ୍ଲାଃ ମାର୍ଗଦର୍ଶକ ଓ ସତ୍ୟ ଧର୍ମର ପ୍ରଚାର ନିମନ୍ତେ ପ୍ରେରଣ କରିଥିଲେ । ଯଦ୍ୱାରା ସେ ତାହାକୁ ସମସ୍ତ ଧର୍ମ ଉପରେ ବିଜୟୀ କରିଦେବେ ଅବା ବିଜୟ ମଣ୍ଡିତ କରିବେ ଏହା ଅନେକଶ୍ୱରବାଦୀଙ୍କୁ କିଭଳି ଖରାପ ଅନୁଭବ ହେଉ ନା କାହିଁକି । ନିଶ୍ଚିତ ରୂପେ ମୋର ନମାଜ, ମୋର ବଳିଦାନ, ମୋର ଜୀବିତ ରହିବା ଓ ମୋର ମୃତ୍ୟୁବରଣ କରିବା ଆଦି ସମସ୍ତ କାର୍ଯ୍ୟ ସେହି ସମସ୍ତ ଜଗତର ପାଳନକର୍ତାଙ୍କ ପାଇଁ ଉଦ୍ଦିଷ୍ଟ । ଅଲ୍ଲାଃଙ୍କର କେହି ସମକକ୍ଷ ନୁହନ୍ତି । ମତେ ଏହାର ନିର୍ଦ୍ଦେଶ ଦିଆଯାଇଅଛି ଏବଂ ମୁଁ ଆଜ୍ଞାକାରୀମାନଙ୍କ ମଧରୁ ଅଟେ । ହେ ହସନ୍ ! ମୁଁ ତୁମକୁ ଓ ନିଜର ସମସ୍ତ ସନ୍ତାନମାନଙ୍କୁ ନିଜର ସମସ୍ତ ପରିବାର

ବର୍ଗଙ୍କୁ ଅଲ୍ଲାଃ ତାଲାଙ୍କୁ ଭୟ କରିବାକୁ ଓ୍ୱସିୟତ କରୁଛି ଯିଏ ତୁମମାନଙ୍କର ପାଳନକର୍ତା ଅଟନ୍ତି ଏବଂ ତୁମେ ଇସ୍‌ଲାମ୍ ଧର୍ମରେ ରହିଥିବା ଅବସ୍ଥାରେ ହିଁ ମୃତ୍ୟୁବରଣ କରିବ। ତୁମେମାନେ ସମସ୍ତେ ଅଲ୍ଲାଃ ତାଲାଙ୍କ ଦଉଡ଼ିକୁ ଜାବୁଡ଼ି ଧରିବ ଏବଂ ପରସ୍ପର ମଧ୍ୟରେ ଫାଟ ସୃଷ୍ଟି କରିବନାହିଁ କାରଣ ମୁଁ ଅବ୍‌ଦୁଲ୍ କାସିମ୍ ସ:ଆ:ସଙ୍କଠାରୁ ଶୁଣିଛି କି ପାରସ୍ପରିକ ପ୍ରସଙ୍ଗକୁ ସୁଧାରିବା ହେଉଛି ନଫିଲ୍ ନମାଜ ଏବଂ ରୋଜାଠାରୁ ଅଧିକ ଶ୍ରେୟସ୍କର। ( ହଜୁର କହିଲେ ! ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କଥା ଏବଂ ଏହାକୁ ସର୍ବଦା ସ୍ମରଣ ରଖିବା ଉଚିତ ଯେ ପାରସ୍ପରିକ ସମ୍ପର୍କକୁ ସୁଧାରିବା ହେଉଛି ନଫିଲ୍ ନମାଜ୍ ଓ ରୋଜାଠାରୁ ଅଧିକ ଶ୍ରେୟସ୍କର) ତୁମେ ନିଜ ସମ୍ପର୍କୀୟଙ୍କର ଯତ୍ନ ନେବ ଏବଂ ତାଙ୍କ ସହିତ ସଦ୍ ବ୍ୟବହାର ପ୍ରଦର୍ଶନ କରିବ। ଏହା ଦ୍ୱରା ଅଲ୍ଲାଃ ତାଲା ତୁମ ଉପରେ ଜଟିଳ ହିସାବକୁ ଆହୁରି ସରଳ କରିଦେବେ। ଅନାଥ ମାନଙ୍କ କ୍ଷେତ୍ରରେ ଅଲ୍ଲାଃ ତାଲାଙ୍କୁ ଭୟ କରିବ। ପଡ଼ୋଶି ମାନଙ୍କ ବିଷୟରେ ଅଲ୍ଲାଃ ତାଲାଙ୍କ ପ୍ରତି ଭୟ କରିବ। କାରଣ ପଡ଼ୋଶିଙ୍କ ସହିତ ସଦ୍ ବ୍ୟବହାର ପ୍ରଦର୍ଶନ କରିବା ତୁମ ନବୀଙ୍କର ଓ୍ୱସିୟତ ଅଟେ। ହଜୁର ସ:ଆ:ସ ସର୍ବଦା ପଡ଼ୋଶିମାନଙ୍କ ସହିତ ସଦ୍‌ବ୍ୟବହାର କରିବାପାଇଁ ଉପଦେଶ ଦେଉଥିଲେ। ପବିତ୍ର କୁର୍‌ଆନ୍ ପ୍ରସଙ୍ଗରେ ଅଲ୍ଲାଃଙ୍କୁ ଭୟକର। ଏ କ୍ଷେତ୍ରରେ ଅନ୍ୟ କେହି ତୁମମାନଙ୍କଠାରୁ ଆଗକୁ ବଳି ନ ଯାଆନ୍ତୁ। ନମାଜ ପ୍ରସଙ୍ଗରେ ଅଲ୍ଲାଃ ତାଲାଙ୍କ ଭୟଙ୍କର କାରଣ ଏହା ତୁମ ଧର୍ମର ସ୍ତମ୍ଭ ଅଟେ। ଅଲ୍ଲାଃଙ୍କ ଘର ସମ୍ବନ୍ଧରେ ଭୟ ରଖ ଏବଂ ଆଜୀବନ ଏହାକୁ ସୂନ୍ୟ ହେବାକୁ ଦେବନାହିଁ କାରଣ ଯଦି ନମାଜକୁ ଛାଡ଼ି ଦିଅ ତେବେ ତାହାଭଳି ଅନ୍ୟ କୌଣସି ଘର ତୁମକୁ ପ୍ରାପ୍ତ ହେବନାହିଁ ଏବଂ ନିଜର ଧନ ସହିତ ଜିହାଦ୍ କର ଓ ଯକାତ୍ ବିଷୟରେ ଅଲ୍ଲାଃ ତାଲାଙ୍କୁ ଭୟ କର। କାରଣ ଯକାତ୍ ଅଲ୍ଲାଃ ତାଲାଙ୍କର କ୍ରୋଧକୁ ଶୀତଳ କରିଦିଏ ଏବଂ ଦରିଦ୍ର ଓ ଅଭାବି ମାନଙ୍କ କ୍ଷେତ୍ରରେ ମଧ୍ୟ ଅଲ୍ଲାଃ ତାଲାଙ୍କୁ ଭୟ କର ଏବଂ ସେମାନଙ୍କୁ ନିଜର ଅର୍ଥନୈତିକ ସମ୍ବଳରେ ସାମିଲ କର। ନମାଜର ସୁରକ୍ଷା କର ଅଲ୍ଲାଃ ତାଲାଙ୍କ ପ୍ରସନ୍ନତା ପାଇଁ କୌଣସି ନିନ୍ଦାକାରୀର ନିନ୍ଦା ଓ ଅପବାଦକୁ ଭୟ କରନାହିଁ। ଅଲ୍ଲାଃ ତାଲା ତୁମମାନଙ୍କୁ ଯେଉଁଭଳି ଆଦେଶ ଦେଇଛନ୍ତି ସେହିଭଳି ଉତମ କଥା ଲୋକମାନଙ୍କୁ କୁହ। **ଅମର୍ ବିଲ୍ ମାରୁଫ୍ ଓ ନହି ଅନିଲ୍ ମୁନ୍‌କର୍‌କୁ** ଆଦୌ ପରିତ୍ୟାଗ କରନାହିଁ (ଅର୍ଥାତ ପୂଣ୍ୟ ଓ ଉତମ କାର୍ଯ୍ୟ କରିବା ପ୍ରତି ଆଦେଶ ଦିଅ ଏବଂ ଅପକର୍ମରୁ ଲୋକମାନଙ୍କୁ ଆକଟ କରିବାକୁ ପ୍ରୟାସ କର) ଅନ୍ୟଥା ତୁମମାନଙ୍କ ମଧ୍ୟରୁ ମନ୍ଦବ୍ୟକ୍ତିମାନେ ତୁମର ପଦାଧିକାରୀ ହୋଇଯିବେ ସେତେବେଳେ ତୁମେମାନେ ଅଲ୍ଲାଃଙ୍କ ନିକଟରେ ସେମାନଙ୍କ ପ୍ରସଙ୍ଗରେ ଦୁଆ କଲେ ସେ ତାହାକୁ ଗ୍ରହଣୀୟ କରିବେନାହିଁ। ଅର୍ଥାତ ଉକ୍ତ ଦୁଆ କୁ ପ୍ରଭୁ ଗ୍ରହଣ କରିବେନାହିଁ। ପରସ୍ପର ସହିତ ଯୋଗ ସୁତ୍ର ରକ୍ଷା କର ଏବଂ ଲୋକ ଦେଖାଣିଆ ଓ କୁତ୍ରିମତା ବ୍ୟତିତ ପରସ୍ପରକୁ ସହଯୋଗ କର। ସାବଧାନ ! ପରସ୍ପର ସହିତ ଶତୃତାକୁ ବୃଦ୍ଧି କରନାହିଁ କି ସମ୍ପର୍କ ଛିନ୍ନ କରନାହିଁ ଏବଂ ନା ହିଁ ପରସ୍ପର ମଧ୍ୟରେ ଫାଟ ସୃଷ୍ଟି କର। ପୂଣ୍ୟ ଏବଂ ଧର୍ମ ପରାୟଣତାରେ ପରସ୍ପରକୁ ସହଯୋଗ କର ଏବଂ ପାପ ଓ ବିଦ୍ରୋହରେ ପରସ୍ପରକୁ ସହଯୋଗ କରନାହିଁ। ଅଲ୍ଲାଃ ତାଲାଙ୍କ ଧର୍ମ ପରାୟଣତା ମାର୍ଗକୁ ଅବଲମ୍ବନ କର ନିଃସନ୍ଦେହ ଅଲ୍ଲାଃ ତାଲା ଶାସ୍ତି ଦେବାରେ ଅତ୍ୟନ୍ତ କଠୋର। ହେ ଅଲ୍ଲାଃଙ୍କ ରସୁଲଙ୍କର ସମ୍ମାନନୀୟ ପରିବାରବର୍ଗ ! ଅଲ୍ଲାଃ ତୁମକୁ ସୁରକ୍ଷା ପ୍ରଦାନ କରିବେ। ତୁମ ନବୀ ସ:ଆ:ସଙ୍କର ତୁମମାନଙ୍କ ମାଧ୍ୟମରେ ସୁରକ୍ଷା କରନ୍ତୁ ଅର୍ଥାତ ତୁମର ଉତମ ନମୁନା ମାଧ୍ୟମରେ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ଚୀରକାଳ ଜିବୀତ ରହିଥାନ୍ତୁ। ମୁଁ ତୁମକୁ ପରମେଶ୍ୱରଙ୍କ ଅଧିନ କରି ଚାଲିଯାଉଛି ତୁମ ଉପରେ ପ୍ରଭୁଙ୍କ ସୁରକ୍ଷା ଓ ଦୟା ଅବତୀର୍ଣ୍ଣ ହେଉ।

***(ତାରିଖେ ତିବ୍‌ରି.........ଖଣ୍ଡ-୩, ପୃ-୧୫୮............ ବେରୁତ ୧୯୮୭)***

ଅବୁ ସନାନ୍ ବର୍ଣ୍ଣନା କରନ୍ତି: ଯେତେବେଳେ ହଜ୍‌ରତ୍ ଅଲୀ ର:ଅ କ୍ଷତାକ୍ତ ହୋଇଥିଲେ ସେତେବେଳେ ସେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିବାକୁ ଗଲେ ବର୍ଣ୍ଣନାକାରୀ କୁହନ୍ତି: ମୁଁ କହିଲି ହେ ଅମୀରୁଲ୍ ମୁମିନିନ୍ ଆପଣଙ୍କ ଏହି ଅବସ୍ଥା ଦେଖି ଆମକୁ ବହୁତ କଷ୍ଟ ହେଉଛି ଏଥିରେ ହଜ୍‌ରତ୍ ଅଲୀ କହିଲେ, କିନ୍ତୁ ମତେ ମୋର ଏହି ଅବସ୍ଥାରେ କୌଣସି ଦୁଃଖ ନାହିଁ କାରଣ ସଚ୍ଚୋଟ ଅଲ୍ଲାଃଙ୍କ ନବୀ ମତେ ସୁଚିତ କରିଦେଇଥିଲେ କି ତୁମକୁ ଅମୁକ ଅମୁକ ସ୍ଥାନରେ ଆଘାତ ଲାଗିବ ଏବଂ ଆପଣ ର:ଅ ନିଜ କାନ ପଟି ଆଡ଼କୁ ଇଙ୍ଗିତ କରି କହିଲେ, ସେଠାରୁ ରକ୍ତସ୍ରାବ ହେବ ଯାହାକି ତୁମ ଦାଢ଼ିକୁ ରଙ୍ଗୀନ କରିଦେବ ତୁମର ଏଭଳି ଅବସ୍ଥା ଏହି ସମ୍ପ୍ରଦାୟର ସବୁଠାରୁ ହତଭାଗା ବ୍ୟକ୍ତ କରିବ। ଯେପରି ସମୁଦ୍ ସମ୍ପ୍ରଦାୟର ସେହି ହତଭାଗା ବ୍ୟକ୍ତି ଯିଏ ତାଙ୍କ ଓଟର ଖୁର କାଟିଦେଇଥିଲା। ***(ଅଲ୍‌ମୁସ୍‌ତଦ୍‌ରକ..... ଖଣ୍ଡ-୩, ପୃ-୩୨୭... ହଦିସ୍-୪୬୪୮  ଦାରୁଲ୍ ଫିକର୍ ୨୦୦୨)***

ହଜ୍‌ରତ୍ ଅଲୀ ର:ଅ କହିଲେ ବର୍ତମାନ ସେ ଜଣେ କଏଦୀ ତେଣୁ ତୁମେ ତାହା ସହ ଉତମ ବ୍ୟବହାର ପ୍ରଦର୍ଶନ କର ଯଦି ମୁଁ ଜୀବିତ ରୁହେ ତେବେ ତାହାକୁ ମୃତ୍ୟୁଦଣ୍ଡାଦେଶ ଦେବି ଅବା କ୍ଷମା ଦେବି କିନ୍ତୁ ଯଦି ଏହି ଇହଧାମରୁ ବାହୁଡ଼ି ଯାଏ ତେବେ ତାହାକୁ ମୋ ହତ୍ୟା ଆକ୍ରମଣ କରିବା ଦୋଷରେ ମୃତ୍ୟୁଦଣ୍ଡ ଦେବ। କିନ୍ତୁ ତାହାର କାନ, ନାକ ଛେଦ କରିବନାହିଁ। ***(ଅଲ୍‌ଇସ୍‌ତିୟାବ....... ଖଣ୍ଡ-୩, ପୃ-୨୧୯.......... ବେରୁତ ୨୦୦୨)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଏହି ଘଟଣାର ଚର୍ଚ୍ଚା କରି କୁହନ୍ତି ଇତିହାସରେ ଦରଜ ରହିଛି ଜଣେ ବ୍ୟକ୍ତି ଅସ୍ତ୍ର ଦ୍ୱାରା =ଙ୍କ ଉପରେ ବଡ଼ ଛୁରା ଦ୍ୱାରା ଆକ୍ରମଣ କଲା ଏବଂ ତାଙ୍କ ପେଟ କାଟି ଦେଇଥିଲା। କିନ୍ତୁ ସେ ଧରା ପଡ଼ିଥିଲା ମୁଣ୍ଡରେ ଆଘାତ ଲାଗିଥିଲା କିନ୍ତୁ ସମ୍ଭବତଃ ପେଟକୁ ସେ ମଧ୍ୟ ପ୍ରହାର କରିଥିବ। ସେ ଯାହା ହେଉ ଆପଣ ଏହା ଲେଖିଛନ୍ତି ଯେ ଆକ୍ରମଣକାରୀ ପେଟ ଚିରି ଦେଇଥିଲା। ମୁଣ୍ଡରେ ମଧ୍ୟ ଆଘାତ ଲାଗିଥିଲା। ବୋଧହୁଏ ପେଟରେ ମଧ୍ୟ ଆଘାତ ଲାଗିଥିବ ।ଯାହା ହେଉ ଅଧିକାଂଶ ବର୍ଣ୍ଣନାରେ ମୁଣ୍ଡ ଉପରେ ପ୍ରହାର ବା ଆଘାତ ଲାଗିଥିବାର ବର୍ଣ୍ଣନା ରହିଛି ତେବେ ସାହାବା ହଜ୍‌ରତ୍ ଅଲୀ ର:ଅଙ୍କୁ ପଚାରିଲେ ସଂପୃକ୍ତ ଅଭିଯୁକ୍ତ ସହ କି ମାମଲା କରିବୁ ? ଆପଣ ର:ଅ ଇମାମ୍ ହସନଙ୍କୁ ଡ଼କାଇ ଓ୍ୱସିୟତ କଲେ ଯଦି ମୁଁ ଜୀବିତ ରୁହେ ତେବେ ତାହାକୁ ମୃତ୍ୟୁଦଣ୍ଡାଦେଶ ଦେବି ଅବା କ୍ଷମା ଦେବି କିନ୍ତୁ ଯଦି ଏହି ଇହଧାମରୁ ବାହୁଡ଼ି ଯାଏ ତେବେ ତାହାକୁ ମୋ ହତ୍ୟା ଆକ୍ରମଣ କରିବା ଦୋଷରେ ମୃତ୍ୟୁଦଣ୍ଡ ଦେବ।      ***(ଖୁତ୍‌ବାତେ ମହେମୁଦ୍ ଖଣ୍ଡ-୧୬, ପୃ-୪୨୮)***

ଉମ୍‌ରୋ ଜିମୁର୍ ମର୍ କୁହନ୍ତି ଯେତେବେଳେ ହଜ୍‌ରତ୍ ଅଲୀ ର:ଅଙ୍କୁ ତରବାରୀର ଆଘାତ ଲାଗିଲା ସେତେବେଳେ ମୁଁ ଆପଣଙ୍କ ସେବାରେ ହାଜର ହେଲି ଆପଣ ନିଜ ମସ୍ତକରେ କପଡ଼ା ଗୁଡ଼ାଇଥିଲେ। ମୁଁ କହିଲି ହେ ଅମୀରୁଲ୍ ମୁମିନିନ୍ ! ମତେ ନିଜ କ୍ଷତ ଚିହ୍ନ ଦେଖାନ୍ତୁ ଅତଏବ ମୁଁ ଆପଣଙ୍କ କ୍ଷତ ଦେଖି କହିଲି ଏହା ସାମାନ୍ୟତମ କ୍ଷତ କିଛି ହେବନାହିଁ। ଆପଣ କହିଲେ, ମୁଁ ତୁମମାନଙ୍କଠାରୁ ବିଦାୟ ନେଉଅଛି ଏଥିରେ ଆପଣଙ୍କ କନ୍ୟା ଉମ୍ମେ କୁଲ୍‌ସୁମ୍ ପରଦା ଆଢୁଆଳରୁ କାନ୍ଦି ପକାଇଲେ। ଆପଣ ତାଙ୍କୁ କହିଲେ, ଚୁପ୍ ହୋଇଯାଅ ଯଦି ତୁମେ ତାହା ଦେଖିନିଅ ଯାହା ମୁଁ ଅବଲୋକନ କରୁଅଛି ତେବେ ରୋଦନ କରିବନାହିଁ। ମୁଁ ପଚାରିଲି ହେ ଅମୀରୁଲ୍ ମୁମିନିନ୍ ଆପଣ କଣ ଦେଖିଛନ୍ତି ? ହଜ୍‌ରତ୍ ଅଲୀ ର:ଅ କହିଲେ, ମୁଁ ଦେବଦୂତ ଓ ହଜୁର ସ:ଆ:ସଙ୍କର ଦଳକୁ ଦେଖୁଅଛି ଏବଂ ହଜୁର ସ:ଆ:ସ ମତେ କହୁଛନ୍ତି ହେ ଅଲୀ ପ୍ରସନ୍ନିତ ହୋଇଯାଅ କାରଣ ଯେଉଁ ଆଡ଼କୁ ତୁମେ ଗତି କରୁଅଛ ତାହା ସେଥିରୁ ଶ୍ରେୟସ୍କର ଯେଉଁ ଅବସ୍ଥାରେ ତୁମେ ବର୍ତମାନ ଅଛ। ଆଉ ଏକ ବର୍ଣ୍ଣନାରେ ଦରଜ ରହିଛି ଯେତେବେଳେ ହଜ୍‌ରତ୍ ଅଲୀ ର:ଅ ନିଜ ଓ୍ୱସିୟତ ସମାପ୍ତ କରିଦେଲେ ସେତେବେଳେ କହିଲେ, ମୁଁ ଆପଣ ସମସ୍ତଙ୍କୁ ସଲାମ୍ କରୁଛି। ଅସ୍ ସଲାମୁ ଅଲୈକୁମ୍ କହୁଛି ସେଥିଅନ୍ତେ ଆଉ କିଛି କହିଲେ ନାହିଁ କେବଳ ଲା ଇଲ୍ଲଲାହା ଇଲ୍ଲଲା କଲ୍‌ମା ବ୍ୟତିତ ଏପରି କି ଆପଣ ନିଜର ଶେଷ ନିସ୍ୱାଶ ତ୍ୟାଗ କଲେ ।

***(ଉସଦୁଲ୍ ଗାବାଃ.... ଖଣ୍ଡ-୪, ପୃ-୧୧୪-୧୧୫......ବେରୁତ ୨୦୦୩)***

ଯେତେବେଳେ ହଜ୍‌ରତ୍ ଅଲୀ ବିନ୍ ଅବୁ ତାଲିବ୍‌ଙ୍କର ନିଧନ ଘଟିଲା ସେତେବେଳେ ହଜ୍‌ରତ ହସନ୍ ମଂଚ ଆଗରେ ଛିଡ଼ା ହେଲେ ଏବଂ କହିଲେ, ହେ ଲୋକମାନେ ! ଆଜି ରାତିରେ ଜଣେ ବ୍ୟକ୍ତିଙ୍କର ନିଧନ ହୋଇଛି ତାଙ୍କ ପୂର୍ବରୁ ନା କୌଣସି ବ୍ୟକ୍ତି ତାଙ୍କ ପରି ଥିଲା ନା ହିଁ ତାଙ୍କ ପରବର୍ତୀ ଆଗମନକାରୀଙ୍କ ବଂଶଧରମାନଙ୍କ ମଧ୍ୟରେ ତାଙ୍କ ଭଳି ମର୍ଯ୍ୟାଦାପୂର୍ଣ୍ଣ ବ୍ୟକ୍ତି  କିଏ ହୋଇପାରିବ। ରସୁଲୁଲ୍ଲାଃ ସ:ଆ:ସ ଯେତେବେଳେ ତାଙ୍କୁ କୌଣସି ଅଭିଯାନରେ ପ୍ରେରଣ କରୁଥିଲେ ସେତେବେଳେ ଜିବ୍ରାଇଲ୍ ତାଙ୍କ ବାମ ପାର୍ଶ୍ୱରେ ଓ ମିକାଇଲ୍ ତାଙ୍କ ଦକ୍ଷିଣ ପାର୍ଶ୍ୱରେ ରହୁଥିଲେ। ସେ ସେପର୍ଯ୍ୟନ୍ତ ଫେରୁନଥିଲେ ଯେପର୍ଯ୍ୟନ୍ତ ଅଲ୍ଲାଃ ତାଲା ତାଙ୍କ ହସ୍ତରେ ବିଜୟ ପ୍ରଦାନ କରିଦେଉନଥିଲେ। ସେ କେବଳ ସାତଶହ ଦିର୍‌ହମ୍ ଧନ ଛାଡ଼ିଯାଇଛନ୍ତି। ତାଙ୍କର ଏ ଉଦ୍ଦେଶ୍ୟ ଥିଲା ଯେ ସେ ଏହି ଅର୍ଥ ଦ୍ୱାରା ଗୁଲାମ୍ ଖରିଦ୍ କରିବେ। ତାଙ୍କ ଆତ୍ମାକୁ ସେହି ରାତିରେ ଈଶ୍ୱର ଉଠାଇ ନେଲେ ଯେଉଁ ରାତିରେ ହଜ୍‌ରତ୍ ଇସାଙ୍କ ଆତ୍ମାକୁ ଉଠାଯାଇଥିଲା ଅର୍ଥାତ ୨୭ ରବ୍‌ଜାନ୍‌ର ରାତି ଆଉ ଏକ ବର୍ଣ୍ଣନାରେ ଲେଖା ଅଛି ଯେ ସେ ଚାଳିଶି ହିଜ୍‌ରି ୨୭ ରମ୍‌ଜାନ୍ ଦିନ ଶହୀଦ ହୋଇଥିଲେ।  ତାଙ୍କ ଖିଲାଫତ୍ ର ଅବଧି ଚାରିବର୍ଷ ଆଠମାସ କାଳ ରହିଥିଲା।

***(ତବକାତୁଲ୍ କୁବ୍‌ରା........ ଖଣ୍ଡ-୩, ପୃ-୨୮.......... ବେରୁତ ୧୯୯୦)***

***(ଅଲ୍‌ଅସାବାଃ....... ଖଣ୍ଡ-୪, ପୃ-୪୬୮......... ବେରୁତ ୨୦୦୫)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଏହି ଘଟଣାର ଚର୍ଚ୍ଚା କରି କୁହନ୍ତି। ତବକାତୁଲ୍ ଇବ୍‌ନେ ସାଆଦ୍‌ର ତୃତୀୟ ଭାଗରେ ହଜ୍‌ରତ୍ ଅଲୀ ର:ଅଙ୍କ ଦେହାନ୍ତ ଘଟଣା ହଜ୍‌ରତ୍ ଇମାମ୍ ହସନ୍ ବର୍ଣ୍ଣନା କରନ୍ତି: ହେ ଲୋକମାନେ ଆଜି ସେହି ବ୍ୟକ୍ତିଙ୍କର ବିୟୋଗ ଘଟିଲା ତାହାର ବିଶେଷଗୁଣକୁ ନା ଆମ ପୂର୍ବ ପୁରୁଷରେ କେହି ପାଇଥିଲେ ନା ଅଧିକାରୀ ହୋଇଥିଲେ ନା ପରବର୍ତୀ ମାନେ ହୋଇପାରିବେ। ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ତାଙ୍କୁ ରଣ କ୍ଷେତ୍ରକୁ ପ୍ରେରଣ କରୁଥିଲେ ଯେତେବେଳେ କି ଜିବ୍ରାଇଲ୍ ତାଙ୍କ ବାମ ପାର୍ଶ୍ୱରେ ଓ ମିକାଇଲ୍ ତାଙ୍କ ଦକ୍ଷିଣ ପାର୍ଶ୍ୱରେ ରହି ଲଢୁଥିଲେ ଏବଂ ଯୁଦ୍ଧରୁ ବିଜୟ ବିମଣ୍ଡିତ ହୋଇ ଫେରୁନଥିଲେ। ଶେଷରେ ସେ ସାତଶହ ଦିର୍‌ହମ୍ ସମ୍ପତି ଛାଡ଼ି ଯାଇଛନ୍ତି ଯାହାକି ସେ ଏକ ଦାସ ଖରିଦ୍ କରିବାପାଇଁ ସଂଚୟ କରିଥିଲେ। ସେ ସେହି ରାତ୍ରରେ ଦେହ ତ୍ୟାଗ କଲେ ଯେଉଁ ରାତ୍ରରେ ଯୀଶୁ ମସିହ୍ ଆକାଶ ମାର୍ଗକୁ ଉଠି ଯାଇଥିଲେ। ଅର୍ଥାତ ରମ୍‌ଜାନ୍‌ର ୨୭ ତମ ରାତ୍ରରେ।

***(ଦାଓ୍ୱତୁଲ୍ ଅମୀର, ଅନଓ୍ୱାରୁଲ୍ ଉଲୁମ୍, ଖଣ୍ଡ-୭, ପୃ-୩୪୮)***

ହଜ୍‌ରତ୍ ଅଲୀ ର:ଅଙ୍କୁ ତାଙ୍କ ଦୁଇ ପୁତ୍ର ଓ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜାଫର୍ ଗୁସଲ୍ ଅର୍ଥାତ ଗାଧୋଇ ଦେଇଥିଲେ ଏବଂ ଆପଣଙ୍କ ପୁତ୍ର ହଜ୍‌ରତ୍ ହସନ୍ ର:ଅ ଆପଣଙ୍କର ଯନାଜାଃ ପଢ଼ାଇଥିଲେ ଯେଉଁଥିରେ ସେ ଚାରୋଟି ତକ୍‌ବିର୍ କହିଥିଲେ ଆପଣଙ୍କୁ ତିନୋଟି ବସ୍ତ୍ରରେ କଫନ୍ ଦିଆଯାଇଥିଲା ଯେଉଁଥିରେ କମିଜ୍ ନଥିଲା ଆପଣଙ୍କ ଅନ୍ତେଷ୍ଟିକ୍ରୀୟା ସହରି କରିବା ସମୟରେ ହୋଇଥିଲା। କୁହାଯାଏ ଯେ ହଜ୍‌ରତ୍ ଅଲୀ ର:ଅଙ୍କ ନିକଟରେ କିଛି

ମୁତବରିକ ମୁସକ୍ ରହିଥିଲା ଅର୍ଥାତ କସ୍ତୁରୀ ଯାହାକି ହଜୁର ସ:ଆ:ସଙ୍କ ପବିତ୍ର ଶରୀରରେ ବୋଳିବାପରେ ବର୍ତିଯାଇଥିଲା । ହଜ୍‌ରତ୍ ଅଲୀ ର:ଅ ଓ୍ୱସିୟତ କରିଥିଲେ ଯେ ସେହି ମୁସକ୍ ଆପଣଙ୍କ ଶରୀରରେ ଲେପନ କରିବାପାଇଁ ।

ଆପଣଙ୍କ ବୟସ ପ୍ରସଙ୍ଗରେ ଭିନ୍ନ ମତ ରହିଛି କେତେକ କୁହନ୍ତି ଆପଣ ୫୭ ବର୍ଷ ବୟସରେ ଦେହ ତ୍ୟାଗ କରିଥିଲେ ଆଉ କେତେକ କୁହନ୍ତି କି ଆପଣ ୫୮ ତ ଆଉ କେତେକ କୁହନ୍ତି ଆପଣ ୬୫ ବର୍ଷ ବୟସ ଜୀବିତ ରହିଥିଲେ । କେତେକଙ୍କ କହିବା ଅନୁଯାୟୀ ଆପଣ ୬୩ ବର୍ଷ ଜୀବିତ ରହିଥିଲେ । ଏକାଧିକଙ୍କ ମତ ଏହି କି ଯେ, ଆପଣ ୬୩ ବର୍ଷ ବୟସ ପର୍ଯ୍ୟନ୍ତ ଜୀବିତ ରହିଥିଲେ ।

***(ଉସଦୁଲ୍ ଗାବାଃ........ ଖଣ୍ଡ-୪, ପୃ-୧୧୫.......... ବେରୁତ ୨୦୦୩)***

ହଜ୍‌ରତ୍ ଅଲୀ ର:ଅଙ୍କ ସମାଧି କେଉଁ ସ୍ଥଳେ ରହିଛି ଏହି ପ୍ରଶ୍ନ ମଧ ଉଠିଥାଏ । ଏହି ପ୍ରସଙ୍ଗରେ ଇତିହାସର ପୁସ୍ତକରେ ଭିନ୍ନ ଭିନ୍ନ ବର୍ଣ୍ଣନା ଦେଖିବାକୁ ମିଳୁଅଛି ତାହା ଏପରିକି ହଜ୍‌ରତ୍ ଅଲୀ ର:ଅଙ୍କୁ ରାତ୍ରିବେଳା କୁଫାରେ ସମାଧି ଦିଆଯାଇଥିଲା ଏବଂ ତାହାକୁ ଅର୍ଥାତ ସମାଧି ପୀଠକୁ ଗୁପ୍ତ ରଖାଗଲା । ଅର୍ଥାତ କୁଫାର ଯାମେ ମସ୍‌ଜିଦ୍‌ରେ ତାଙ୍କୁ କବର ଦିଆଗଲା । ହଜ୍‌ରତ୍ ଇମାମ୍ ହସନ୍ ଓ ହୁସୈନ୍ ତାଙ୍କ ମରଶରୀରକୁ ମଦିନା ନେଇ ଆସିଥିଲେ ଯାହାକି ଆଉ ଏକ ବର୍ଣ୍ଣନା ଦରଜ ରହିଛି ଏବଂ ହଜ୍‌ରତ୍ ଫାତିମାଙ୍କ କବର ନିକଟରେ ଜନ୍ନତୁଲ୍ ବକିରେ କବର ଦିଆଯାଇଥିଲା । ଆଉ ଏକ ବର୍ଣ୍ଣନାରେ ଦରଜ ରହିଛି ଯେତେବେଳେ ସେ ଦୁହେଁ ହଜ୍‌ରତ୍ ଅଲୀ ର:ଅଙ୍କ ମରଶରୀରକୁ ସିନ୍ଦୁକରେ ରଖି ଓଟ ଉପରେ ଲଦିଲେ ସେତେବେଳେ ଓଟଟି ହଜିଗଲା ଯାହାକୁ ତଏ କବିଲାର ଲୋକମାନେ ଧରି ଉକ୍ତ ସିନ୍ଦୁକକୁ ଧନରତ୍ନ ମଣିଲେ କିନ୍ତୁ ଯେତେବେଳେ ସେମାନେ ଖୋଲି ସିନ୍ଦୁକ ଦେଖିଲେ ସେଥିରେ ଏକ ଶବ ପାଇଲେ ଯାହାକୁ ଚିହ୍ନି ନପାରି ସେମାନେ ସିନ୍ଦୁକ ସମେତ ସମାଧି ଦେଇଦେଇଥିଲେ । ତେଣୁ କାହାରିକୁ ଜଣାନାହିଁ ଯେ ତାହା କେଉଁ ସ୍ଥଳେ ଅବସ୍ଥିତ ଅର୍ଥାତ ଉକ୍ତ ସମାଧି କେଉଁଠାରେ ରହିଛି । ଆଉ ଏକ ବର୍ଣ୍ଣନାରେ ହଜ୍‌ରତ୍ ହସନ୍ ହଜ୍‌ରତ୍ ଅଲୀ ର:ଅଙ୍କୁ କୁଫାରେ ଯାଦା ବିନ୍ ହୁବିରାଙ୍କ ଘରେ ସମାଧି ଦେଇଥିଲେ । କୁହାଯାଏ ଯେ ଯାଦା ହଜ୍‌ରତ୍ ଅଲୀ ର:ଅଙ୍କ ଭଣଜା ଥିଲେ ।

ଇମାମ୍ ଜାଫର୍ ସାଦିକ୍ କୁହନ୍ତି ହଜ୍‌ରତ୍ ଅଲୀ ର:ଅଙ୍କର ରାତ୍ରି ସମୟରେ କବର ଦିଆଯାଇଥିଲା ଯାହାକୁ ଗୁପ୍ତ ରଖାଯାଇଥିଲା । ଯଦିଚ ତାହା କସ୍‌ରେ ଇମାରତ୍ ନିକଟରେ ରହିଛି । ଆଉ ଏକ ବର୍ଣ୍ଣନାରେ ଦରଜ ରହିଛି ଆପଣଙ୍କ ପୁତ୍ର ହଜ୍‌ରତ୍ ହସନ୍ ର:ଅ ଆପଣଙ୍କର ଯନାଜାଃ ପଢ଼ାଇଥିଲେ ଏବଂ କୁଫାର ବାହାରେ ହଜ୍‌ରତ୍ ଅଲୀ ର:ଅଙ୍କୁ କବର ଦିଆଯାଇଥିଲା କିନ୍ତୁ ତାଙ୍କ କବରକୁ ଗୁପ୍ତ ରଖାଯାଇଥିଲା ଏହି ଭୟରେ କି ଖୱାରିଜ୍ ତାଙ୍କ କବରକୁ ଅସମ୍ମାନ ନ କରନ୍ତୁ । କେତେକ ଶିହା କୁହନ୍ତି କି ହଜ୍‌ରତ୍ ଅଲୀ ର:ଅଙ୍କ ସମାଧି ନଜଫ୍‌ରେ ରହିଛି ଆଜିକାଲି ଯାହାକୁ ମଶହଦୁଲ୍ ନଜଫ୍ କୁହାଯାଉଅଛି । ଆଉ ଏକ ବର୍ଣ୍ଣନାରେ ହଜ୍‌ରତ୍ ଅଲୀ ର:ଅଙ୍କୁ କୁଫାରେ ଶହୀଦ କରାଯାଇଥିଲା କିନ୍ତୁ ତାଙ୍କ ସମାଧି ସମ୍ବନ୍ଧରେ କୌଣସି ଖବର ନାହିଁ ଯେ ତାହା କେଉଁଠାରେ ଅବସ୍ଥିତ ଯଦିଚ ଆପଣଙ୍କ ପୁତ୍ର ହଜ୍‌ରତ୍ ହସନ୍ ଆପଣଙ୍କ ଯନାଜାଃ ପଢ଼ାଇଥିଲେ ଏବଂ କୁଫାର ଦାରେ ଇମାରତ୍‌ରେ ହଜ୍‌ରତ୍ ଅଲୀ ର:ଅଙ୍କୁ କବର ଦିଆଯାଇଥିଲା ଏବଂ ତାହାକୁ ଗୁପ୍ତ ରଖାଯାଇଥିଲା । ଏହି ଭୟରେ କି ଖୱାରିଜ୍ ତାଙ୍କ କବରର ତିରସ୍କାର କରିନଦିଅନ୍ତୁ ।

ଅଲାମା ଇବ୍‌ନେ ଅସିର୍ ଲେଖିଛନ୍ତି ଯେ ଏହି ବର୍ଣ୍ଣନା ପ୍ରଶିଦ୍ଧ ଅଛି ଏବଂ ଯିଏ ଏ କଥା କହୁଛି ଯେ ତାଙ୍କୁ ପଶୁମାନଙ୍କ ଉପରେ ରଖାଗଲା ଏବଂ ସେ ତାହାକୁ ନେଇ ଚାଲିଗଲା କାହାରିକୁ ଜଣାନାହିଁ କି ସେ ପଶୁ କେଉଁ ଆଡ଼େ ଚାଲିଗଲା, ଏହା ଠିକ୍ ନୁହେଁ ଅର୍ଥାତ ସ୍ୱୀକାର ଯୋଗ୍ୟ ନୁହେଁ ନା ଶରିୟତ ଏହାକୁ ସ୍ୱୀକୃତି ପ୍ରଦାନ କରୁଛି । ଯେଉଁ ଅଜ୍ଞାନ ଲୋକମାନେ ଏହି ଆସ୍ଥା ରଖୁଛନ୍ତି କି ହଜ୍‌ରତ୍ ଅଲୀ ର:ଅଙ୍କ ସମାଧି ମସ୍‌ହଦୁଲ୍ ନଜଫ୍‌ରେ ରହିଛି ତେବେ ସ୍ମରଣ ରହୁ ଯେ, ଏହାର କୌଣସି ପ୍ରମାଣ ନାହିଁ ଏହା ଭିତିହିନ ବରଂ କୁହାଯାଏ ଯେ, ସେଠାରେ ହଜ୍‌ରତ୍ ମୁଗେରା ବିନ୍ ସୈବାଙ୍କ କବର ରହିଛି ।

***(ଅଲ୍‌ବିଦାୟା..... ଖଣ୍ଡ-୪, ଭାଗ-୭, ପୃ-୩୧୬-୩୧୭..... ବେରୁତ ୨୦୦୧)***

***(ତାରିଖେ ତିବ୍‌ରି, ଖଣ୍ଡ-୩, ପୃ-୪୭୭... ବେରୁତ ୧୯୮୭)***

ଇମାମ୍ ଇବ୍‌ନେ ତିମିୟା କୁହନ୍ତି ନଜଫ୍‌ରେ ମସ୍‌ହୁଦଲ୍ ନାମରେ ଯେଉଁ ସ୍ଥାନ ରହିଛି ସେହି ପ୍ରସଙ୍ଗରେ ବିଦ୍ୱାନଗଣ ଏକମତ ଯେ ତାହା ହଜ୍‌ରତ୍ ଅଲୀ ର:ଅଙ୍କ ସମାଧିସ୍ଥଳୀ ନୁହେଁ ବରଂ ତାହା ହଜ୍‌ରତ୍ ଜାଫର୍ ବିନ୍ ମୁଗିରା ବିନ୍ ସୈବାଙ୍କର କବର । ଅହ୍‌ଲେ ବୟତ, ଶିହା ଓ ଅନ୍ୟାନ୍ୟ ମୁସଲମାନମାନେ କୁଫାରେ ତିନିଶହ ବର୍ଷରୁ ଉର୍ଦ୍ଧକାଳ ଶାସନ କରିବା ସତ୍ୱେ କଦାପି ଏକଥା ଚର୍ଚ୍ଚା କଲେନାହିଁ କି ତାହା ହଜ୍‌ରତ୍ ଅଲୀ ର:ଅଙ୍କର କବର । ହଜ୍‌ରତ୍ ଅଲୀ ର:ଅଙ୍କ ଶାହଦତ୍‌ର ୩୦୦ ବର୍ଷ ପରେ ଉକ୍ତ ସ୍ଥାନକୁ ମସ୍‌ହଦୁଲ୍ ଅଲୀ ବୋଲି କୁହାଯାଏ ଅର୍ଥାତ ଅଲୀଙ୍କ ସାହାଦତ୍‌ର ସ୍ଥାନ । ଅତଏବ ଉକ୍ତ ବର୍ଣ୍ଣନାଟି ସମ୍ପୁର୍ଣ୍ଣରୂପେ ତ୍ରୁଟିପୂର୍ଣ୍ଣ ଯେ, ଉକ୍ତ କବରଟି ହେଉଛି ହଜ୍‌ରତ୍ ଅଲୀ ର:ଅଙ୍କର ।

***(ଏନ୍‌ସାଇକ୍ଲୋପେଡ଼ିଆ....... ଖଣ୍ଡ-୧, ପୃ-୪୩୬.....ରିୟାଜ ୧୪୩୮)***

ସେହିପରି ହଜ୍‌ରତ୍ ଅଲୀ ର:ଅଙ୍କ ସମ୍ବନ୍ଧରେ ଅଲାମା ଇବ୍‌ନେ ଜୁଜି ନିଜର ଇତିହାସ ପୁସ୍ତକରେ ବର୍ଣ୍ଣନା କରନ୍ତି କି ହଜ୍‌ରତ୍ ଅଲୀ ର:ଅଙ୍କ କବର ସମ୍ପର୍କରେ ବିଭିନ୍ନ ବିବରଣୀ ଉଦ୍ଧୃତ କରିବା ପରେ ଲେଖିଛନ୍ତି ଯେ **ୱଲ୍ଲାହୁ ଆଲମୁ ଅୟୁଲ୍ ଅକ୍‌ୱାଲେ ଅସହୁ ।** ଅର୍ଥାତ ଅଲ୍ଲାଃ ତାଲା ହିଁ ଭଲଭାବରେ ଜାଣନ୍ତି କି କେଉଁ ବିବରଣୀଟି ସଠିକ୍ ଅଟେ ।

***(ଅଲ୍‌ମୁନ୍‌ତଜମ୍, ଖଣ୍ଡ-୫, ପୃ-୧୭୮...... ବେରୁତ ୨୦୧୨)***

ହଜ୍‌ରତ୍ ଅଲୀ ର:ଅଙ୍କ ବିବାହ ଏବଂ ସନ୍ତାନ ସମ୍ପର୍କରେ ଏହିପରି ସୁଚନା ମିଳେ ଯେ ହଜ୍‌ରତ୍ ଅଲୀ ର:ଅ ଭିନ୍ନ ଭିନ୍ନ ସମୟରେ ୮ ଗୋଟି ବିବାହ କରିଥିଲେ । ସେମାନଙ୍କର ନାମ ଯଥାକ୍ରମେ ଫାତିମା ବିନ୍‌ତେ ରସୁଲୁଲ୍ଲାଃ ସ:ଆ:ସ, ଖୌଲା ବିନ୍‌ତେ ଜାଫର୍, ଲୈଲା ବିନ୍‌ତେ ମସ୍‌ଉଦ୍, ଉମ୍ମେ ଅଲ୍‌ବନିନ୍ ବିନ୍‌ତେ ହଜାମ୍, ଅସ୍‌ମା ବିନ୍‌ତେ ଉମୈସ୍, ସହ୍‌ବାଆ ଉମ୍ମେ ହବିବ୍ ବିନ୍‌ତେ ରବିୟା, ଉମାମା ବିନ୍‌ତେ ଅଦୁଲ୍ ଆସ୍ । ହଜୁର ସ:ଆ:ସଙ୍କ ସୁପୁତ୍ରୀ ହଜ୍‌ରତ୍ ଜୈନବ ର:ଅଙ୍କ ସୁପୁତ୍ରୀ ଓ ନବୀ କରିମ୍ ସ:ଆ:ସଙ୍କ ନାତୁଣୀ ଥିଲେ ଏବଂ ଉମ୍ମେ ସଇଦ୍ ବିନ୍‌ତେ ଉରୱା ବିନ୍ ମସ୍‌ଉଦ୍ ସକ୍‌ଫି ଏମାନଙ୍କ ଗର୍ଭରୁ ଅଲ୍ଲାଃ ତାଲା ତାଙ୍କୁ ବହୁଳ ସନ୍ତାନ ପ୍ରଦାନ କରିଥିଲେ । ସେହି ସନ୍ତାନମାନଙ୍କର ସଂଖ୍ୟା ତିରିଶିରୁ ଉର୍ଦ୍ଧ ଥିଲା । ଚଉଦଜଣ ପୁଅ ଓ ୧୯ ଜଣ ଝିଅ । ଅଲୀଙ୍କର ପିଢ଼ି ହଜ୍‌ତର୍ ହସନ୍, ହୁସୈନ୍, ମୁହମ୍ମଦ ବିନ୍ ହୁନ୍‌ଫିୟା, ଅବାସ୍ ବିନ୍ କିଲାବିୟା ଏବଂ ଅମ୍‌ରୋ ବିନ୍ ତଗଲ୍‌ବିୟାଙ୍କଠାରୁ ଆଗକୁ ଚାଲିଲା ।

***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୪୧.......... ବେରୁତ ୧୯୯୦)***

ହଜ୍‌ରତ୍ ଅଲୀ ର:ଅଙ୍କର ମାହାତ୍ମ୍ୟିତା ଏବଂ ଉତ୍ତମ ଚରିତ୍ର ସମ୍ପର୍କରେ ଏହା ଉଲ୍ଲେଖ ରହିଛି ଯେ, ହଜ୍‌ରତ୍ ଇବ୍‌ନେ ଅବ୍‌ବାସ ବର୍ଣ୍ଣନା କରନ୍ତି, ରସୁଲେ କରିମ୍ ସ:ଆ:ସ କହିଲେ: **ଆନା ମଦିନତୁଲ୍ ଇଲ୍‌ମେ ୱ ଅଲୀୟୁନ୍ ବାବୁହା ଫମନ୍ ଆରଦା ଅଲ୍‌ମଦିନତା ଫଲ୍‌ୟାତିଲ୍ ବାବା ।** ଅର୍ଥାତ ମୁଁ ଜ୍ଞାନର ଗନ୍ଥାଘର ଏବଂ ଅଲୀ ସେହି ଗନ୍ଥାଘରର ଦ୍ୱାର ଅତଏବ ଯେଉଁ ବ୍ୟକ୍ତି ଉକ୍ତ ନଗରୀରେ ପ୍ରବେଶ କରିବାକୁ ଚାହୁଁଛନ୍ତି ବା ନଗରୀର ଅଭିଳାଷୀ ତାହେଲେ ତା ପାଇଁ ଏହା ଆବଶ୍ୟକ ହେବ ଯେ, ସେ ସେହି ଗନ୍ଥାଘରର ଅର୍ଥାତ ନଗରୀର ଦ୍ୱାର ନିକଟକୁ ଆସୁ । ***(ଅଲ୍‌ମୁସ୍‌ତଦ୍‌ରକ..... ଖଣ୍ଡ-୩, ପୃ-୩୩୯... ହଦିସ୍-୪୬୯୫ ଦାରୁଲ୍ ଫିକର୍ ୨୦୦୨)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ବର୍ଣ୍ଣନା କରନ୍ତି କି ଉକ୍ତ କଥାକୁ ହଜ୍‌ରତ୍ ଅଲୀ ର:ଅ ଏକଦା କହିଲେ, କି ସାହାବାମାନଙ୍କ ମଧ୍ୟରେ ସତ୍‌ସାହାସୀ ଏବଂ ବୀର ହଜ୍‌ରତ୍ ଅବୁ ବକର ର:ଅ ଥିଲେ ଏବଂ ପୁନଶ୍ଚ କହିଲେ, କି ବଦର ଯୁଦ୍ଧରେ ଯେତେବେଳେ ରସୁଲେ କରିମ୍ ସ:ଆ:ସଙ୍କ ପାଇଁ ପୃଥକ ମଣ୍ଡପ ନିର୍ମିତ ହେଲା ସେତେବେଳେ ସେ ସମୟରେ ଏହି ପ୍ରଶ୍ନ ଟି ଉତ୍ପନ୍ନ ହେଲା କି ଆଜି ହଜୁର ସ:ଆ:ସଙ୍କ ସୁରକ୍ଷା ଦାୟିତ୍ୱ କାହା ଉପରେ ନ୍ୟସ୍ତ କରାଯିବ । ପ୍ରତ୍ୟୁତରରେ ହଜ୍‌ରତ୍ ଅବୁ ବକର ର:ଅ ତତ୍‌କ୍ଷଣାତ୍ ଫୁଙ୍ଗୁଳା ତରବାରୀ ଧରି ଛିଡ଼ା ହୋଇଗଲେ ଏବଂ ସେ ସେହି ଭୟଙ୍କର ବିପଦ ସମୟରେ ଅତ୍ୟନ୍ତ ବିରତ୍ୱ ସହକାରେ ହଜୁର ସ:ଆ:ସଙ୍କ ସୁରକ୍ଷା ଦାୟିତ୍ୱ ସମ୍ପାଦନ କରିଥିଲେ । ସେହିପରି ଆହାଦିସ୍‌ରେ ବର୍ଣ୍ଣିତ ରହିଛି ହଜୁର ସ:ଆ:ସ ଏକଦା କହିଲେ, **ଆନା ମଦିନତୁଲ୍ ଇଲ୍‌ମେ ୱ ଅଲୀୟୁନ୍ ବାବୁହା** ଅର୍ଥାତ ମୁଁ ଜ୍ଞାନର ସହର ଓ ଅଲୀ ସେହି ସହରର ଦ୍ୱାର । ସୁତରାଂ ହଜ୍‌ରତ୍ ଅଲୀ ର:ଅଙ୍କୁ ମଧ ବିଦ୍ୱାନ ମାନଙ୍କ ଜଣେ ବୋଲି ହଜୁର ସ:ଆ:ସ ବିବେଚିତ କରିଛନ୍ତି । କିନ୍ତୁ ଖୈବର ଯୁଦ୍ଧ ଭଳି ଘଡ଼ିସନ୍ଧି ମୁହୁର୍ତରେ ହଜୁର ସ:ଆ:ସ ଇସ୍‌ଲାମ୍‌ର ଧ୍ୱଜା ହଜ୍‌ରତ୍ ଅଲୀ ର:ଅଙ୍କ ହସ୍ତରେ ଧରାଇଥିଲେ । ତହିଁରୁ ଏହା ସ୍ପଷ୍ଟ ଯେ, ରସୁଲେ କରିମ୍ ସ:ଆ:ସଙ୍କ ସମୟରେ ବିଦ୍ୱାନମାନେ ଭୀରୁ ନଥିଲେ ବରଂ ସର୍ବାପେକ୍ଷା ସାହାସୀ ଥିଲେ ।

***(ତଫ୍‌ସିର୍ କବୀର୍ ଖଣ୍ଡ-୭, ପୃ-୩୬୪-୩୬୫)***

ବିଦ୍ୱାନମାନଙ୍କର ସାହାସିକତା ସମ୍ପର୍କରେ ଉକ୍ତ ଚର୍ଚ୍ଚାଟି ଆପଣ ବର୍ଣ୍ଣନା କରୁଛନ୍ତି: ହଜ୍‌ରତ୍ ଅଲୀ ର:ଅ କୁହନ୍ତି ଯେ ବେଳ ଥିଲା ଏକଦା ମୁଁ ପେଟରେ ଭିଷଣ ଭୋକ ଯୋଗୁଁ ଶୀଳା ବାନ୍ଧୁଥିଲି ଏବଂ ଆଜି ମୋର ସଦ୍‌କା ଅର୍ଥାତ ଦାନ ଓ ଯକାତ୍ ଚାରି ହଜାର ଦିନାର୍ ପର୍ଯ୍ୟନ୍ତ ପହଂଚିଯାଇଛି । ଏକ ବର୍ଣ୍ଣନାରେ ତାହା ଚାଳିଶି ହଜାର ଦିନାର ର ଚର୍ଚ୍ଚା ରହିଛି । ଅବୁ ବହର୍ ନିଜର ଶିକ୍ଷକଙ୍କଠାରୁ ବର୍ଣ୍ଣନା କରନ୍ତି କି ସେ କହିଲେ କି ମୁଁ ହଜ୍‌ରତ୍ ଅଲୀ ର:ଅଙ୍କୁ ମୋଟା ବସ୍ତ୍ର ପିନ୍ଧିଥିବାର ଦେଖିଲି, ହଜ୍‌ରତ୍ ଅଲୀ ର:ଅ କହିଲେ ମୁଁ ଏହି ବସ୍ତ୍ରକୁ ୫୦୦୦ ଦିର୍‌ହମ୍‌ରେ କ୍ରୟ କରିଛି ଅତଏବ ଯେଉଁ ବ୍ୟକ୍ତି ମତେ ଗୋଟିଏ ଦିର୍‌ହମ୍ ଅଧିକ ଦେବ ଅର୍ଥା ୫ହଜାର ଏକ ଦିରହମ୍ ଦେବ ମୁଁ ସେହି ବ୍ୟକ୍ତିକୁ ଉକ୍ତ ବସ୍ତ୍ରକୁ ବିକ୍ରୟ କରିଦେବି । ବର୍ଣ୍ଣନାକାରୀ କୁହନ୍ତି ମୁଁ ହଜ୍‌ରତ୍ ଅଲୀ ର:ଅଙ୍କ ନିକଟରେ କେତେକ ଦିରହମ୍‌ର ଏକ ପୁଟୁଳି ଦେଖିଲି ତେବେ ସେ କହିଲେ, ଇଏ ୟମ୍ବୁର୍ ସମ୍ପତି ମଧ୍ୟରୁ ଆମର ବଳି ପଡ଼ିଥିବା ଖର୍ଚ୍ଚ ଅଟେ । ୟମ୍ବୁ ଏକ ବସ୍ତି ଯାହାକି ମଦିନାଠାରୁ ୭ ମାଇଲ ଦୁରରେ ସମୁଦ୍ର ଉପକୂଳରେ ଅବସ୍ଥିତ । ହଜ୍‌ରତ୍ ଅଲୀ ର:ଅଙ୍କ ମୁଦ୍ରିକାରେ **ଅଲ୍ଲାହୁଲ୍ ମଲିକୁ** ଖୋଦିତ ହୋଇଥିଲା ଯାହାର ଅର୍ଥ ହେଉଛି ଅଲ୍ଲାଃ ହିଁ ସମ୍ରାଟ ।

***(ଉସଦୁଲ୍ ଗାବାଃ........ ଖଣ୍ଡ-୪, ପୃ-୯୭...... ଲେବ୍‌ନାନ୍ ୨୦୦୩)***

***(ତବକାତୁଲ୍ କୁବ୍‌ରା......ଖଣ୍ଡ-୩, ପୃ-୨୨....... ବେରୁତ ୧୯୯୦)***

***(ଲୁଗାତୁଲ୍ ହଦିସ୍ ଖଣ୍ଡ-୪, ପୃ-୬୧୩.... ଲାହୋର୍ ୨୦୦୫)***

ଯୁମଇ ବିନ୍ ଉମୈର୍ ବର୍ଣ୍ଣନା କରନ୍ତି: ମୁଁ ଯେତେବେଳେ ହଜ୍‌ରତ୍ ଆଇଶା ର:ଅଙ୍କ ନିକଟକୁ ମୋ ପିଉସୀଙ୍କ ସହିତ ଆସିଲି ସେତେବେଳେ ସେ ପ୍ରଶ୍ନ କଲେ କି ଲୋକଙ୍କ ମଧ୍ୟରୁ କିଏ ହଜୁର ସ:ଆ:ସଙ୍କ ସର୍ବାଧିକ ପ୍ରୀୟ ଅଟନ୍ତି ? ହଜ୍‌ରତ୍ ଆଇଶା ର:ଅ

ଉତର ଦେଲେ, ଫାତିମା । ପୁନଶ୍ଚ ପ୍ରଶ୍ନ କରାଗଲା କି ପୁରୁଷମାନଙ୍କ ମଧ୍ୟରୁ କିଏ ହଜୁର ସ:ଆ:ସଙ୍କୁ ଅତି ପ୍ରୀୟ ? ଅତଏବ ହଜ୍‌ରତ୍ ଆଇଶା ର:ଅ ଉତର ଦେଲେ ଫାତିମାଙ୍କ ସ୍ୱାମୀ ହଜ୍‌ରତ୍ ଅଲୀ ର:ଅ ।

***(ସୁନନେ ତିର୍‌ମିଜି, କିତାବୁଲ୍ ମନାକିବ୍..... ହଦିସ୍ ନଂ-୩୮୭୪)***

ହଜ୍‌ରତ୍ ସାଲ୍‌ବା ବିନ୍ ଅବୁ ମାଲିକ୍ ବର୍ଣ୍ଣନା କରନ୍ତି: ହଜ୍‌ରତ୍ ସାଆଦ୍ ବିନ୍ ଉବାଦାଃ ପ୍ରତ୍ୟେକ ରଣଭୂମିରେ ରସୁଲେ କରିମ୍ ସ:ଆ:ସଙ୍କ ପକ୍ଷରୁ ଧ୍ୱଜାଧାରୀ ରହୁଥିଲେ କିନ୍ତୁ ଯେତେବେଳେ ଯୁଦ୍ଧ ସମୟ ଆସୁଥିଲା ସେତେବେଳେ ହଜ୍‌ରତ୍ ଅଲୀ ର:ଅ ଧ୍ୱଜା ଧରିନେଉଥିଲେ ।

***(ଉସଦୁଲ୍ ଗାବାଃ........ ଖଣ୍ଡ-୪, ପୃ-୯୩...... ବେରୁତ ୨୦୦୩)***

ସକିଫ୍ ସମ୍ପ୍ରଦାୟର ଜଣେ ବ୍ୟକ୍ତି ବର୍ଣ୍ଣନା କରନ୍ତି କି ହଜ୍‌ରତ୍ ଅଲୀ ର:ଅ ମତେ ସାବୁର୍ ଅଂଚଳର କର୍ମକର୍ତା କରି ନିଯୁକ୍ତ କରିଥିଲେ ଏହି ସାବୁର୍ ଅଂଚଳଟି ଇରାନ୍‌ର ଏକ ଅଂଚଳ ଯାହା ସିରାଜ୍‌ଠାରୁ ପ୍ରାୟ ୭୫ ମାଇଲ୍ ଦୁରରେ ଅବସ୍ଥିତ । ଏବଂ ସେ କହିଲେ ଯେ ତୁମେ କୌଣସି ବ୍ୟକ୍ତିକୁ ଏକ ଦିର୍‌ହମ୍ କର ନ ଦେବା ଯୋଗୁଁ ଚାବୁକ ପ୍ରହାର କରିବନାହିଁ । ଲୋକମାନଙ୍କ ଜୀବିକା ପଛରେ ଧାଇଁବ ନାହିଁ, ଶୀତରତୁରେ କିମ୍ବା ଗ୍ରୀଷ୍ମରତୁରେ ସେମାନଙ୍କ ବସ୍ତ୍ର ପଛରେ ଧାଇଁବ ନାହିଁ । ତୁମେ ଏହିପରି କର ଆଦାୟ କରିବନାହିଁ ଯଦ୍ୱାରା କି ସେମାନେ ନିବସ୍ତ୍ର ହୋଇଯିବେ ଏବଂ ନା ଏପରି କୌଣସି ପଶୁ କର ଆକାରରେ ମାଗିବ ଯାହାକୁ ସେମାନେ କାର୍ଯ୍ୟରେ ବ୍ୟବହୃତ କରୁଥିବେ । କୌଣସି ବ୍ୟକ୍ତିକୁ ମଧ ଗୋଟିଏ ଦିର୍‌ହମ୍ ପାଇଁ ଛିଡ଼ା ନ ରଖ ଅର୍ଥାତ ଯାହାବି କର ଆଦାୟ କର ସେଥିପାଇଁ ଯିଜିୟା ଆଦାୟ କରିବ ଏଥିନିମନ୍ତେ କୌଣସି କଷ୍ଟ ଓ ଚାପ ପ୍ରୟୋଗ କରିବନାହିଁ କାହାରି ଉପରେ । ମୁଁ କହିଲି କି ହେ ଅମୀରୁଲ୍ ମୁମିନିନ୍! ତାହେଲେ ମୁଁ ଆପଣଙ୍କ ନିକଟକୁ ଏହିପରି ହିଁ ପ୍ରତ୍ୟାବର୍ତନ କରିବି ଅର୍ଥାତ ଶୂନ୍ୟହସ୍ତରେ । ହଜ୍‌ରତ୍ ଅଲୀ ର:ଅ କହିଲେ, ତୁମର ମଙ୍ଗଳ ହେଉ ହଁ ତୁମେ ଶୂନ୍ୟହସ୍ତ ହୋଇ ଲେଉଟି ଆସ କିଛି ଅସୁବିଧା ନାହିଁ । ଆମମାନଙ୍କୁ ତ ଏହି ଆଦେଶ ଦିଆଯାଇଛି ଯେ, ତୁମେମାନେ ଲୋକମାନଙ୍କର ସେହି ଅର୍ଥରୁ କର ଆଦାୟ କର ଯାହା ତାଙ୍କ ଆୟଠାରୁ ଅଧିକ ହୋଇଥିବ ଅର୍ଥାତ ନିଜ ଖର୍ଚ୍ଚ ଭରଣପୋଷଣ ବହନ କରିବାପରେ ଯାହା ବଳିପଡୁଥିବ ।

***(ଉସଦୁଲ୍ ଗାବାଃ..... ଖଣ୍ଡ-୪, ପୃ-୯୮..... ବେରୁତ ୨୦୦୩) (ମଜ୍‌ମଉଲ୍ ବୁଲ୍‌ଦାନ୍..... ଖଣ୍ଡ-୩, ପୃ-୧୮୮)***

ହଜ୍‌ରତ୍ ଇବ୍‌ନେ ଅବ୍‌ବାସ ର:ଅ ବର୍ଣ୍ଣନା କରନ୍ତି: ରସୁଲେ କରିମ୍ ସ:ଆ:ସ ହଜ୍‌ରତ୍ ଅଲୀ ର:ଅଙ୍କୁ କହିଲେ ତୁମେ ମୋ ଭାଇ ଓ ମୋର ସାଥି ଅଟ ।

***(କନଜୁଲ୍ ଆମାଲ୍, ଖଣ୍ଡ-୧୩, ପୃ-୧୦୯ ହଦିସ୍- ୩୬୩୫୬...୧୯୮୧)***

ଅଲୀ ବିନ୍ ରବିୟା ବର୍ଣ୍ଣନା କରନ୍ତି ମୁଁ ହଜ୍‌ରତ୍ ଅଲୀ ର:ଅଙ୍କ ନିକଟରେ ଉପସ୍ଥିତ ଥିଲି, ତାଙ୍କ ନିକଟକୁ ଯେତେବେଳେ ଏକ ପାଳିତ ପଶୁ ଅଣାଗଲା ଯାହା ଉପରେ ଆପଣ ଆରୋହଣ ହୋଇପାରିବେ । ସେତେବେଳେ ଆପଣ ତା ଉପରେ ପାଦ ରଖି ଚଢ଼ିଲେ ଅର୍ଥାତ ଏକ ଲୌହ କୁଣ୍ଡଳୀରେ ପାଦ ରଖିଲେ ସେତେବେଳେ ଆପଣ ତିନିଥର ବିସ୍‌ମିଲ୍ଲାଃ ପଢ଼ିଲେ । ଯେତେବେଳେ ଆପଣ ତାହାର ପିଠି ଉପରେ ସଳଖ ହୋଇ ବସିପଡ଼ିଲେ ସେତେବେଳେ ଅଲ୍‌ହମ୍‌ଦୁଲିଲ୍ଲାଃ କହିଲେ, ପୁନଶ୍ଚ ଏହି ଉକ୍ତି ପାଠ କଲେ **ସୁବ୍‌ହାନଲ୍ଲଜି ସଖ୍‌ଖରା ଲନା ହାଜା ଓ୍ୱମା କୁନ୍ନା ଲହୁ ମୁକ୍‌ରିନିନା ଓ୍ୱ ଇନ୍ନା ଇଲା ରବ୍‌ବିନା ଲମୁନ୍‌କଲିବୁନ୍ (ଜୁଖରୁଫ୍:୧୪-୧୫)** ଅର୍ଥାତ ଅଲ୍ଲାଃ ତାଲାଙ୍କ ସତା ଅତ୍ୟନ୍ତ ପବିତ୍ରମୟ ଯିଏ ଆମ ଲାଗି ଏହି ବାହନକୁ ଆମ ଅଧିନ କରିଦେଇଛନ୍ତି ଅଥଚ ଏଥିନିମନ୍ତେ ଆମମାନଙ୍କର ସାମର୍ଥ୍ୟ ନାହିଁ ଅର୍ଥାତ ତାହାକୁ ଆମେ ଆୟତ ଧିନ କରିବାର ସାମର୍ଥ୍ୟ ରଖୁନାହୁଁ । ପୁନଶ୍ଚ ତିନିଥର ଅଲ୍‌ହମୁଦିଲ୍ଲାହୁ ଏବଂ ତିନିଥର ଅଲ୍ଲାହୁ ଅକ୍‌ବର୍ ପାଠ କଲେ । ଏହାପରେ ଆପଣ ଏହି ଦୁଆ ପଢ଼ିଲେ କି **ସୁବ୍‌ହାନକା ଇନ୍ନି କଦ୍ ଜଲମ୍‌ତୁ ନଫ୍‌ସି ଫଗ୍‌ଫିରଲି ଫଇନ୍ନହୁ ଲା ୟଗଫିରୁଜ ଜୁନୁବାଇଲ୍ଲା ଅନ୍‌ତା** ଅର୍ଥାତ ତୁମେ ପବିତ୍ରମୟ ନିଃସନ୍ଦେହ ମୁ ହିଁ ନିଜ ଜୀବନ ଉପରେ ଅତ୍ୟାଚାର କରିଛି ଅତଃ ତୁମ୍ଭେ ହିଁ ମତେ କ୍ଷମା ପ୍ରଦାନ କର କାରଣ ତୁମ୍ଭ ବ୍ୟତିତ ଅନ୍ୟ କେହି ବି ପାପକୁ ମାର୍ଜନ କରିବାର କ୍ଷମତା ରଖନ୍ତିନାହିଁ । ଏହାପରେ ପୁନଶ୍ଚ ଆପଣ ପ୍ରସନ୍ନତା ପରିପ୍ରକାଶ କରି ହସିଲେ । ବର୍ଣ୍ଣନାକାରୀ କୁହନ୍ତି ମୁଁ କହିଲି ହେ ଅମୀରୁଲ୍ ମୁମିନିନ୍ ଆପଣ କେଉଁ କାରଣ ଯୋଗୁଁ ସ୍ମିତହାସ୍ୟ ପ୍ରକାଶ କଲେ । ସେ କହିଲେ, ମୁଁ ଯେଉଁଭଳି କରିଛି ସେହିପରି ମୁଁ ରସୁଲେ କରିମ୍ ସ:ଆ:ସଙ୍କୁ କରୁଥିବାର ଦେଖିଥିଲି । ପୁନଶ୍ଚ ଆପଣ ସ:ଆ:ସ ସ୍ମିତହାସ୍ୟତା ପ୍ରକାଶ କରିଥିଲେ ଏବଂ ହଜ୍‌ରତ୍ ଅଲୀ ର:ଅ କୁହନ୍ତି କି ମୁଁ ପୁନଶ୍ଚ କହିଲି କି ହେ ଅଲ୍ଲାଃଙ୍କ ରସୁଲ୍! ଆପଣ କେଉଁ କାରଣ ଯୋଗୁଁ ସ୍ମିତହାସ୍ୟ ପ୍ରକାଶ କଲେ । ପ୍ରତିଉତରରେ ହଜୁର ସ:ଆ:ସ କହିଲେ, ନିଃସନ୍ଦେହ ରୂପେ ତୁମ୍ଭ ପାଳନ କର୍ତା ନିଜର ଭକ୍ତ ଉପରେ ଅତି ପ୍ରସନ୍ନିତ ହୁଅନ୍ତି ଯେତେବେଳେ ତାଙ୍କ ଭକ୍ତ ଏହା କୁହେ କି ହେ ମୋର ପ୍ରଭୁ ତୁମ୍ଭେ ମୋର ପାପକୁ ମାର୍ଜନ କର ଏବଂ ତୁମ୍ଭ ବିନୁ ଅନ୍ୟ କେହି ପାପକୁ ମାର୍ଜନ କଲାବାଲା ନାହିଁ ବା ମାର୍ଜନକାରୀ ନାହିଁ । ଉକ୍ତ କଥା ଉପରେ ହଜୁର ସ:ଆ:ସ ସ୍ମିତ ହାସ୍ୟ ପ୍ରକାଶ କରୁଥିଲେ । ***(ଯାମେ ତିର୍‌ମିଜି.... ହଦିସ୍ ନଂ-୩୪୪୬)***

ୟଦ୍‌ୟା ବିନ୍ ୟାମୁର୍ ବର୍ଣ୍ଣନା କରନ୍ତି କି ଏକଦା ହଜ୍‌ରତ୍ ଅଲୀ ର:ଅ ଉଦ୍‌ବୋଧନ ଦେଲେ । ଅଲ୍ଲାଃ ତାଲାଙ୍କ ପ୍ରଶଂସା ଗାନ କଲେ ଏବଂ ଏହାପରେ କହିଲେ କି ହେ ଲୋକମାନେ ତୁମ ପୂର୍ବରୁ ଲୋକମାନେ ପାପକର୍ମ ଯୋଗୁଁ ନିଃଶେଷ ହୋଇଗଲେ । ସେମାନଙ୍କ ମଧ୍ୟରେ ଥିବା ପୂଣ୍ୟବାନ ବ୍ୟକ୍ତିମାନେ ଏବଂ ବିଦ୍ୱାନମାନେ ସେମାନଙ୍କୁ ଉକ୍ତ ପାପରୁ ବିରତ ରହିବାକୁ ବାରଣ କରୁନଥିଲେ ପୁନଶ୍ଚ ଯେତେବେଳେ ସେମାନେ ପାପକର୍ମ କରିବାରେ ସୀମା ଲଂଘନ କଲେ ସେତେବେଳେ ସେମାନେ ନାନାପ୍ରକାର ଶାସ୍ତି ଦ୍ୱାରା କବଳିତ ହେଲେ । ଅତଃ ତୁମେମାନେ ପୂଣ୍ୟର ଆଦେଶ ଦିଅ ଓ ମନ୍ଦ କର୍ମରୁ ଲୋକମାନଙ୍କୁ ଆକଟ କର କାରଣ ତୁମ ଉପରେ ମଧ ସେମାନଙ୍କ ଭଳି ଶାସ୍ତି ଅବତୀର୍ଣ୍ଣ ନ ହୋଇଯାଉ । ମନେରଖ ପୂଣ୍ୟ କର୍ମର ଆଦେଶ ଦେବା ଓ ମନ୍ଦ କର୍ମରୁ ଅର୍ଥାତ ଅପକର୍ମରୁ ରୋକିବା ଦ୍ୱାରା ତୁମର ଜୀବିକାରେ କିଛି କ୍ଷତି ହେବନାହିଁ ନା ତାହା ତୁମର ମୃତ୍ୟୁକୁ ନିକଟବର୍ତୀ କରାଇବ ।

***(ତଫ୍‌ସିରୁଲ୍ କୁର୍‌ଆନ୍......ଖଣ୍ଡ-୩, ପୃ-୧୩୨..... ଲେବ୍‌ନାନ୍ ୧୯୯୮)***

ହଜ୍‌ରତ୍ ଜାବିର୍ ର:ଅ ବର୍ଣ୍ଣନା କରନ୍ତି କି ଏକଦା ଆମେମାନେ ରସୁଲେ କରିମ୍ ସ:ଆ:ସଙ୍କ ସହିତ ଏକ ଅନ୍‌ସାରୀ ମହିଳାର ଘରେ ଥିଲୁ । ଉକ୍ତ ମହିଳା ଜଣକ ଆମ ପାଇଁ ଖାଦ୍ୟ ପ୍ରସ୍ତୁତ କରିଥିଲେ ଏବଂ ଆମକୁ ନିମନ୍ତ୍ରିତ କରିଥିଲେ । ନବୀ କରିମ୍ ସ:ଆ:ସ କହିଲେ, ବର୍ତମାନ ତୁମ ନିକଟକୁ ଏକ ବୈକୁଣ୍ଠବାସୀ ଆସିବ । ହଜୁର ସ:ଆ:ସ ବାକ୍ୟ ଉଚ୍ଚାରଣର ପରିସମାପ୍ତିରେ ହିଁ ହଜ୍‌ରତ୍ ଅବୁ ବକର ର:ଅ ଗୃହରେ ପ୍ରବେଶ କଲେ ତେବେ ଆମେ ତାଙ୍କୁ ଅଭିନନ୍ଦନ ଜଣାଇଲୁ । ଏହାପରେ ହଜୁର ସ:ଆ:ସ ପୁନଶ୍ଚ କହିଲେ ଆଙ୍କ ପରେ ମଧ୍ୟ ଆଉ ଜଣେ ବୈକୁଣ୍ଠବାସୀ ଆସିବେ ଏଥିଅନ୍ତେ ହଜ୍‌ରତ୍ ଉମର୍ ର:ଅଙ୍କ ପ୍ରବେଶ ହେଲା । ଅର୍ଥାତ ହଜ୍‌ରତ୍ ଉମର ର:ଅ ଆଗମନ କଲେ । ଆମେ ତାଙ୍କୁ ମଧ୍ୟ ଅଭିନନ୍ଦନ ଜଣାଇଲୁ । ପୁନଶ୍ଚ ତୃତୀୟଥର ହଜୁର ସ:ଆ:ସ କହିଲେ, ବର୍ତମାନ ମୁହୂର୍ତରେ ତୁମ ନିକଟକୁ ଆଉ ଜଣେ ବୈକୁଣ୍ଠବାସୀ ଆସିବେ । ବର୍ଣ୍ଣନାକାରୀ କୁହନ୍ତି ମୁଁ ଦେଖିଲି କି ହଜୁର ସ:ଆ:ସ ସେତେବେଳେ ନିଜର ମସ୍ତକକୁ ଖଜୁରୀର ଏକ ଛୋଟ ଉଦ୍ଭିଦ ତଳେ ଲୁଚାଇଥିଲେ ଏବଂ କହୁଥିଲେ କି ହେ ଅଲ୍ଲାଃ ! ଯଦି ତୁମେ ଚାହଁ ତା'ହେଲେ ଆଗନ୍ତୁକ ଜଣକ ଅର୍ଥାତ ଆଗମନକାରୀ ହଜ୍‌ରତ୍ ଅଲୀ ର:ଅ ହୁଅନ୍ତୁ । ସୁତରାଂ ପୁନଶ୍ଚ ଯେତେବେଳେ ହଜ୍‌ରତ୍ ଅଲୀ ର:ଅଙ୍କ ପ୍ରବେଶ ହେଲା ସେତେବେଳେ ଆମେମାନେ ତାଙ୍କୁ ଅଭିବାଦନ ଜଣାଇଲୁ ।

***(ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲ୍ ଖଣ୍ଡ-୫, ପୃ-୧୦୭ ହଦିସ୍ ନଂ-୧୪୬୦୪.... ବେରୁତ ୧୯୯୮)***

ହଜ୍‌ରତ୍ ଅନସ୍ ର:ଅ ବର୍ଣ୍ଣନା କରନ୍ତି, ରସୁଲେ କରିମ୍ ସ:ଆ:ସ କହିଲେ, ବୈକୁଣ୍ଠପୂର ତିନିଜଣ ବ୍ୟକ୍ତିଙ୍କର ଅଭିଳାଷୀ ଏବଂ ସେହି ତିନିଜଣ ବ୍ୟକ୍ତି ହେଲେ, ହଜ୍‌ରତ୍ ଅଲୀ ର:ଅ, ହଜ୍‌ରତ୍ ଅମାର୍ ଓ ହଜ୍‌ରତ୍ ସଲ୍‌ମାନ ର:ଅ । ***(ଅଲ୍‌ମୁସ୍‌ତଦ୍‌ରକ୍....... ଖଣ୍ଡ-୩, ପୃ-୩୪୮.... ହଦିସ୍ ନଂ-୪୭୨୪..... ଦାରୁଲ୍ ଫିକର୍ ୨୦୦୨)***

ଅବୁ ମୁସା ନହଦୀ ବର୍ଣ୍ଣନା କରନ୍ତି, ହଜ୍‌ରତ୍ ଅଲୀ ର:ଅ କହିଲେ, କି ଏକଦା ରସୁଲେ କରିମ୍ ସ:ଆ:ସ ମୋର ହାତ ଧରି ନେଲେ ଏବଂ ଆମେ ଦୁହେଁ ମଦିନାର ଏକ ଗଳି ଦେଇ ଅତିକ୍ରମ କରି ଏକ ଉଦ୍ୟାନ ନିକଟରେ ପହଂଚିଲୁ । ମୁଁ କହିଲି ହେ ଅଲ୍ଲାଃଙ୍କ ରସୁଲ୍! ଏହି ଉଦ୍ୟାନଟି ଅତ୍ୟନ୍ତ ସୁନ୍ଦର । ଏହା ଶୁଣି ଆପଣ ସ:ଆ:ସ କହିଲେ ତୁମ ପାଇଁ ବୈକୁଣ୍ଠରେ ଏହାଠାରୁ ସୁନ୍ଦର ବଗିଚା ରହିଛି । ***(ଅଲ୍‌ମୁସ୍‌ତଦ୍‌ରକ..... ଖଣ୍ଡ-୩, ପୃ-୩୪୯-୩୫୦... ହଦିସ୍-୪୭୩୦ ଦାରୁଲ୍ ଫିକର୍ ୨୦୦୨)***

ହଜ୍‌ରତ୍ ଅମାର୍ ବିନ୍ ୟାସିର୍ ବର୍ଣ୍ଣନା କରନ୍ତି, ମୁଁ ରସୁଲେ କରିମ୍ ସ:ଆ:ସଙ୍କୁ ହଜ୍‌ରତ୍ ଅଲୀ ର:ଅଙ୍କୁ ଏହା କହୁଥିବାର ଶୁଣିଲି ଯେ, ହେ ଅଲୀ ! ଅଲ୍ଲାଃ ତାଲା ତୁମକୁ ଏହିଭଳି ଏକ ସୁଗୁଣ ପ୍ରଦାନ କରିଛନ୍ତି ଯେଉଁ ସୁଗୁଣଠାରୁ ଅଧିକା ସେ ନିଜର ଭକ୍ତମାନଙ୍କୁ ମଧ୍ୟ ପ୍ରଦାନ କରିନାହାନ୍ତି । ସେହି ସୁଗୁଣଟି ହେଲା ସଂସାରଠାରୁ ବିମୁଖତା । ଅଲ୍ଲାଃ ତାଲା ତୁମକୁ ଏଭଳି ଗଢ଼ିଛନ୍ତି ଯେ ନା ତ ତୁମେ ସଂସାରଠାରୁ କିଛି ବସ୍ତୁ ନେଉଅଛ ଓ ନା ଏ ସଂସାର ତୁମଠାରୁ କିଛି ନେଉଛି ଅର୍ଥାତ ତୁମକୁ ସାଂସାରିକତାର କୌଣସି ବସ୍ତୁର ଅଭିଳାଷ ନାହିଁ । ନା ସାଂସାରିକ ବସ୍ତୁର ଆବଶ୍ୟକତା ରହିଛି । ନା ହିଁ ସାଂସାରିକ ବସ୍ତୁର ମୋହ ରଖୁଥିବା ବ୍ୟକ୍ତିମାନେ ତୁମ ସହିତ ସମ୍ପର୍କ ରଖୁଛନ୍ତି ନା ରଖିବାକୁ ଚାହୁଁଛନ୍ତି । ସେହିପରି ଅଲ୍ଲାଃ ତାଲା ତୁମକୁ ଦାରିଦ୍ରମାନଙ୍କର ପ୍ରେମୀ କରିଦେଇଛନ୍ତି । ସେହି ଦରିଦ୍ରମାନେ ତୁମକୁ ନିଜର ପଥପ୍ରଦର୍ଶକରୂପେ ଗ୍ରହଣ କରିନେଇଛନ୍ତି ଏବଂ ସେଥିରେ ସେମାନେ ଆନନ୍ଦିତ । ତୁମେ ସେମାନଙ୍କୁ ନିଜର ଅନୁଗାମୀ ରୂପେ ଗ୍ରହଣ କରି ପ୍ରସନ୍ନ ହୋଇଯାଅ । ଅତଏବ ସେହି ବ୍ୟକ୍ତି ପାଇଁ ସୁଭ ସମାଚାର ଯିଏ ତୁମକୁ ଭଲ ପାଇବ ଏବଂ ତୁମ ସଂପର୍କରେ ସତ୍ୟ କହିବ ଏବଂ ସେହି ବ୍ୟକ୍ତି ପାଇଁ ବିପର୍ଯ୍ୟୟ ଯିଏ ତୁମ ପ୍ରତି ବୈରାଗ୍ୟଭାବ ପ୍ରଦର୍ଶନ କରିବ ଏବଂ ତୁମ ବିରୁଦ୍ଧରେ ମିଥ୍ୟା କଥନ କହିବ । ସେହି ଲୋକମାନେ ଯେଉଁମାନେ ତୁମକୁ ଭଲ ପାଉଛନ୍ତି ଏବଂ ତୁମ ସମ୍ପର୍କରେ ସତ୍ୟ କହୁଛନ୍ତି, ସେମାନେ ସ୍ୱର୍ଗରେ ତୁମ ଘରର ପଡ଼ୋଶୀ ଏବଂ ତୁମ ପ୍ରାସାଦରେ ତୁମର ସାଥି ହେବେ ଏବଂ ଯେଉଁ ଲୋକମାନେ ତୁମ ସହିତ ବୈରାଗ୍ୟଭାବ ରଖିବେ ଏବଂ ତୁମ ଉପରେ ମିଥ୍ୟା ଅପବାଦ ପ୍ରୟୋଗ କରିବେ, ଅଲ୍ଲାଃ ତାଲା ସେହି ବୈରାଗ୍ୟଭାବ ଏବଂ ଅସତ୍ୟ କହୁଥିବା ଲୋକମାନଙ୍କର ଦାୟିତ୍ୱ ନିଜ ଉପରେ ନ୍ୟସ୍ତ କରିନେଇଛନ୍ତି । ପ୍ରଳୟ ଦିବସରେ ସେ ସେମାନଙ୍କୁ ମିଥ୍ୟାବାଦୀଙ୍କ

ମଧ୍ୟରେ ଛିଡ଼ା ହେବାର ସ୍ଥାନ ଦେବେ ।
***(ଉସଦୁଲ୍ ଗାବାଃ........ ଖଣ୍ଡ-୪, ପୃ-୯୬-୯୭.......... ବେରୁତ ୨୦୦୩)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ବର୍ଣ୍ଣନା କରନ୍ତି, ହଜୁର ସ:ଆ:ସ କହିଲେ କି ମୁଁ ସ୍ୱର୍ଗରେ ଯେଉଁ ସ୍ତରରେ ବି ଥିବି ତହିଁରେ ଅଲୀ ର:ଅ ଓ ଫାତିମା ର:ଅ ମଧ ରହିବେ । ***(ବର୍‌କାତେ ଖିଲାଫତ୍, ଅନ୍‌ୱାରୁଲ ଉଲୁମ୍, ଖଣ୍ଡ-୨, ପୃ-୨୫୪)***

ହଜ୍‌ରତ୍ ଅଲୀ ର:ଅ ଅସ୍‌ରା ମୁବ୍‌ଶିରାଙ୍କ ମଧ୍ୟରୁ ଜଣେ ଥିଲେ ଅର୍ଥାତ ସେହି ସୌଭାଗ୍ୟଶାଳୀ ସାହାବା ଯାହାଙ୍କୁ ତାଙ୍କ ଜୀବନରେ ହିଁ ବୈକୁଣ୍ଠବାସୀ ହେବାର ସୁସମାଚାର ମିଳିଯାଇଥିଲା ।

ହଜ୍‌ରତ୍ ସଇଦ୍ ବିନ୍ ଜୈଦ୍ ବର୍ଣ୍ଣନା କରନ୍ତି, ମୁଁ ନଅଜଣ ବ୍ୟକ୍ତିଙ୍କ ବିଷୟରେ ଏହି କଥାର ସାକ୍ଷ୍ୟ ଦେଉଛି ସେମାନେ ହେଉଛନ୍ତି ବୈକୁଣ୍ଠବାସୀ । ଯଦି ମୁଁ ଦଶମ ବ୍ୟକ୍ତି ବିଷୟରେ ହିଁ ଏହିପରି କଥା କୁହେ ଅର୍ଥାତ ସାକ୍ଷ୍ୟ ଦିଏ ତା'ହେଲେ ସେହି ଦଶମ ବ୍ୟକ୍ତି ହେଉଛି ଏହି ଅଧମ ଅର୍ଥାତ ସେ ନିଜକୁ ସମ୍ବୋଧିତ କଲେ । ଲୋକମାନେ ତାଙ୍କୁ ପଚାରିଲେ ତାହା କିପରି ? ସେ କହିଲେ, କି ଆମେମାନେ ହଜୁର ସ:ଆ:ସଙ୍କ ସହିତ ହୀରା ପର୍ବତ ଉପରେ ଥିଲୁ ତାହା ଦୋହଲିବାକୁ ଲାଗିଲା ଅର୍ଥାତ ଆନ୍ଦୋଳିତ ହେଲା ଏହା ଦେଖି ହଜୁର ସ:ଆ:ସ କହିଲେ ହେ ହୀରା ରହିଯାଅ ନିଃସନ୍ଦେହ ତୋ ଉପରେ ଜଣେ ନବୀ, ଜଣେ ସତ୍ୟବାଦୀ ଓ ଜଣେ ଶହୀଦ ଛିଡ଼ା ହୋଇଛନ୍ତି । କେହିଜଣେ ପ୍ରଶ୍ନ କଲେ କି ସେହି ଦଶଜଣ ବୈକୁଣ୍ଠବାସୀ କେଉଁମାନେ ? ହଜ୍‌ରତ୍ ସଇଦ୍ ବିନ୍ ଜୈଦ୍ ର:ଅ କହିଲେ, ରସୁଲେ କରିମ୍ ସ:ଆ:ସ ସ୍ୱୟମ, ହଜ୍‌ରତ୍ ଅବୁବକର, ଉମର, ଉସ୍‌ମାନ, ଅଲୀ, ତଲହା, ଜୁବୈର, ସାଆଦ୍ ଓ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଉଫ୍ ଏବଂ ଯେତେବେଳେ ତାଙ୍କୁ ପ୍ରଶ୍ନ କରାଗଲା ଯେ ସେହି ଦଶମ ବ୍ୟକ୍ତି ଜଣକ କିଏ ? ପ୍ରତିଉତରରେ ହଜ୍‌ରତ୍ ସଇଦ୍ ବିନ୍ ଜୈଦ୍ କହିଲେ, ସେହି ଦଶମ ବ୍ୟକ୍ତି ଜଣକ ହେଉଛି ମୁଁ ନିଜେ । ***(ସୁନନେ ତିର୍‌ମିଜି.... ହଦିସ୍ ନଂ-୩୭୫୭)***

ଉପରୋକ୍ତ ଘଟଣା ଟି ମୁଁ ପୂର୍ବ ଖୁତ୍‌ବାରେ ମଧ ଆଲୋଚନା କରିସାରିଛି । ହଜ୍‌ରତ୍ ମସିହ ମଉଦ୍ ଆ:ସ ଉକ୍ତ ଘଟଣା ସମ୍ପର୍କରେ ସେହି ସାହାବିଙ୍କର ଆତ୍ମସଂଜମତା ଏବଂ ଅହମଭାବକୁ ଦୂରିଭୂତ କରିବା ପ୍ରସଙ୍ଗରେ ବର୍ଣ୍ଣନା କରି ଦର୍ଶାଇଛନ୍ତି । ହଜ୍‌ରତ୍ ମସିହ ମଉଦ୍ ଆ:ସ କୁହନ୍ତି ହଜ୍‌ରତ୍ ଅଲୀ ର:ଅ ଯୁଦ୍ଧରେ ଜଣେ ଶତ୍ରୁ ସହିତ ଲଢୁଥିଲେ ଦୀର୍ଘ ସମୟର ସଂଘର୍ଷ ପରେ ଯେତେବେଳେ ହଜ୍‌ରତ୍ ଅଲୀ ର:ଅ ସେହି ବ୍ୟକ୍ତିକୁ ତଳେ ପକାଇଦେଲେ ଏବଂ ତା ଛାତି ଉପରେ ବସି ପଡ଼ିଲେ ସେ ସଙ୍ଗେ ସଙ୍ଗେ ହଜ୍‌ରତ୍ ଅଲୀ ର:ଅଙ୍କ ମୁହଁ ଉପରକୁ ଛେପ ଫିଙ୍ଗିଦେଲା ଯଦ୍ୱାରା ହଜ୍‌ରତ୍ ଅଲୀ ର:ଅ ତାହାର ଛାତି ଉପରୁ ଓହ୍ଲାଇ ଆସିଲେ ଏବଂ ତାହାକୁ ଛାଡ଼ି ଦେଲେ ତାହା ଏଥିପାଇଁ କି ହଜ୍‌ରତ୍ ଅଲୀ ର:ଅ କୁହନ୍ତି ବର୍ତମାନ ସୁଦ୍ଧା ମୁଁ କେବଳ ଅଲ୍ଲାଃ ତାଲାଙ୍କ ପାଇଁ ଲଢୁଥିଲି କିନ୍ତୁ ବର୍ତମାନ ଯେତେବେଳେ ତୁମେ ମୋ ଉପରକୁ ଛାପ ଫିଙ୍ଗିଦେଲ ଏବେ ମୋର ତୁମକୁ ମାରିବା ମୋ ନିଜ ପାଇଁ ହେବ ନା କି ପ୍ରଭୁଙ୍କ ପାଇଁ । ଅତଃ ମୁଁ ଏହା ଚାହୁଁନାହିଁ ଯେ, ମୁଁ ନିଜ ପାଇଁ ଅର୍ଥାତ ଆତ୍ମସ୍ୱାର୍ଥ ପାଇଁ ତୁମକୁ ହତ୍ୟା କରିବି । ଏଥିରୁ ସ୍ପଷ୍ଟ ହେଉଅଛି ଯେ ହଜ୍‌ରତ୍ ଅଲୀ ର:ଅ ନିଜ ଆତ୍ମ ଶତ୍ରୁକୁ ନିଜର ଶତ୍ରୁ ବୋଲି ମଣୁନଥିଲେ । ଏହିଭଳି ମନୋଭାବ ଓ ଅଭ୍ୟାସ ନିଜ ଭିତରେ ସୃଷ୍ଟି କରିବା ଉଚିତ । ଏହି ଉପଦେଶ ହଜ୍‌ରତ୍ ମସିହ ମଉଦ୍ ଆ:ସ ନିଜ ଯମାତ୍‌ର ଲୋକମାନଙ୍କୁ ଦେଇଛନ୍ତି ଯେ ଆତ୍ମସ୍ୱାର୍ଥ ପାଇଁ କାହାରିକୁ ଦୁଃଖକଷ୍ଟ ଦେବା ଅନୁଚିତ । ଯଦି ଆତ୍ମସ୍ୱାର୍ଥ ଲୋଭ, ମୋହ ଓ କାମନା ପାଇଁ ଅନ୍ୟକୁ ଦୁଃଖ କଷ୍ଟ ଦିଆଯାଏ ଏବଂ ଶତ୍ରୁତାର ଧାରାକୁ ଲମ୍ବା କରାଯାଏ ତେବେ ଏହାଠାରୁ ଅଧିକ ଈଶ୍ୱରଙ୍କୁ ନାରାଜ କରୁଥିବା କଥା କଣ ହେବ ? ***(ମଲ୍‌ଫୁଜାତ୍ ଖଣ୍ଡ-୮, ପୃ-୧୦୫)***

ପୁନଶ୍ଚ ଏକ ଅବସରରେ ବିସ୍ତୃତ ଭାବରେ ହଜ୍‌ରତ୍ ମସିହ ମଉଦ୍ ଆ:ସ ବର୍ଣ୍ଣନା କରନ୍ତି କି ନିଜ ନିଜର ଯୋଶ୍ ଓ ଅଲ୍ଲାଃଙ୍କ ପ୍ରତିଥିବା ଯୋଶ୍‌ରେ ଯେଉଁ ପାର୍ଥକ୍ୟ ରହିଛି ତାହା ହଜ୍‌ରତ୍ ଅଲୀ ର:ଅଙ୍କ ଏହି ଘଟଣାରୁ ଶିକ୍ଷା ନେବା ଉଚିତ । ଉଲ୍ଲେଖ ରହିଛି କି ହଜ୍‌ରତ୍ ଅଲୀ ର:ଅ ଜଣେ କାଫିର୍ ରେସ୍‌ଲର୍ ସହିତ ଯୁଦ୍ଧ କଲେ ଏବଂ ତାହାକୁ ବାରମ୍ବାର କାବୁ କରୁଥିଲେ କିନ୍ତୁ ସେହି ଶତ୍ରୁଜଣକ ବାରମ୍ବାର ଆପଣଙ୍କ କବ୍‌ଜାରୁ ବାହାରି ଯାଉଥିଲା ପରିଶେଷରେ ହଜ୍‌ରତ୍ ଅଲୀ ର:ଅ ସେହି ଶତ୍ରୁକୁ ଧରି ତାହାର ଛାତି ଉପରେ ବସିପଡ଼ିଲେ ଏବଂ ସେହି ମୁହୂର୍ତରେ ହିଁ ଖୁବ୍ ନିକଟବର୍ତୀ ଥିଲା କି ହଜ୍‌ରତ୍ ଅଲୀ ର:ଅ ତାହାକୁ ଛୁରୀ ମାଡ଼ କରିଦେଇଥାନ୍ତେ କିନ୍ତୁ ଉକ୍ତ ବ୍ୟକ୍ତିଜଣକ ଆପଣଙ୍କ ମୁହଁ ଉପରକୁ ଛାପ ଫିଙ୍ଗିଦେଲା ଯେତେବେଳ ସେ ଏହିପରି ଆଚରଣ କଲା ସେତେବେଳେ ହଜ୍‌ରତ୍ ଅଲୀ ର:ଅ ତାହାର ଛାତି ଉପରୁ ଓହ୍ଲାଇ ଆସିଲେ ଏବଂ ତାକୁ ଛାଡ଼ି ଦେଲେ । ଏହା ଦେଖି ସେ ଶତ୍ରୁଜଣକ ଆଶ୍ଚର୍ଯ୍ୟଚକିତ ହେଲା ଏବଂ ଅଲୀଙ୍କୁ ପଚାରିଲା ଆପଣ ଏତେ କଷ୍ଟ କରି ମତେ ଧରିଥିଲେ ଏବଂ ମୁଁ ଆପଣଙ୍କର ପରମଶତ୍ରୁ ଏବଂ ଆପଣଙ୍କର ରକ୍ତ ପିପାଶୁ ତା'ହେଲେ ଆପଣ ମତେ କାବୁ କରିବା ସତ୍ୱେ କାହିଁକି ଛାଡ଼ିଦେଲେ ? କେଉଁ କାରଣରୁ ? ହଜ୍‌ରତ୍ ଅଲୀ ର:ଅ ଉତର ଦେଲେ କି ପ୍ରକୃତ କଥା ହେଲା ଯେ ମୋର ତୁମ ସହିତ କୌଣସି ବ୍ୟକ୍ତିଗତ ଶତ୍ରୁତା ନାହିଁ ଯେହେତୁ ତୁମେ ଧର୍ମ ବିରୁଦ୍ଧତା କାରଣରୁ ମୁସଲମାନମାନଙ୍କୁ ଦୁଃଖ କଷ୍ଟ ଦେଉଅଛି ଏଥିଯୋଗୁଁ ତୁମକୁ ନୀହିତ କରିବାକୁ ବୈଧ ମଣୁଛି ଏବଂ ମୁଁ କେବଳ ଧାର୍ମିକ ଆବଶ୍ୟକତା ଯୋଗୁଁ ତୁମ ସହ ଲଢୁଥିଲି କିନ୍ତୁ ଯେତେବେଳେ ତୁମେ ମୋ ମୁହଁ ଉପରକୁ ଛାପ ଫିଙ୍ଗିଦେଲ ଏବଂ ମତେ କ୍ରୋଧିତ କଲ ସେତେବେଳେ ମୁଁ ଏହା ଭାବିଲି ଏହି କଥାଟି ମୋର ଆତ୍ମସ୍ୱାର୍ଥକୁ କେନ୍ଦ୍ରିତ କରିଛି । ବର୍ତମାନ ଏହି ଶତ୍ରୁକୁ ଆଉ କିଛି କହିବା ଉଚିତ ହେବନାହିଁ ମୋର କୌଣସି କାର୍ଯ୍ୟ ନିଜ ଆତ୍ମସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ନୁହେଁ । ମୋ ଦ୍ୱାରା ଯେଉଁ କାର୍ଯ୍ୟ ବି ସମ୍ପାଦିତ ହେବ ତାହା କେବଳ ଅଲ୍ଲାଃ ତାଲାଙ୍କ ପାଇଁ ଉଦ୍ଦିଷ୍ଟ । ଯେତେବେଳେ ମୋର ଏହି ଅବସ୍ଥାରେ ପରିବର୍ତନ ଆସିବ ଏବଂ କ୍ରୋଧ ଦୂରିଭୂତ ହୋଇଯିବ ସେତେବେଳେ ତୁମ ସହିତ ସେହିପରି ବ୍ୟବହାର ପ୍ରଦର୍ଶନ ହେବ ଯେଉଁଭଳି ଶତ୍ରୁଭଳି କ୍ରୁରତା ପ୍ରଦର୍ଶନ କରାଯାଇଥାଏ । ଏହି କଥା ସେହି ଅବିଶ୍ୱାସକାରୀର ମନ ଉପରେ ଏତେ ପ୍ରଭାବ ପଡ଼ିଲା କି ସେ ସମସ୍ତ ଅବିଶ୍ୱାସକାରିତା ତାହା ହୃଦୟରୁ ବାହାରି ଚାଲିଗଲା ଏବଂ ସେ ଭାବିଲା କି ଏହାଠୁ ଅଧିକ ଉତମ ଧର୍ମ ସଂସାରରେ ଆଉ କେଉଁଠି ମିଳିବନାହିଁ ଯାହାର ଶିକ୍ଷା ପ୍ରଭାବରୁ ମନୁଷ୍ୟର ଆତ୍ମ । ଏଭଳି ପବିତ୍ର ଆତ୍ମା ପାଲଟିଯାଏ । ଅତଏବ ସେହି ଶତ୍ରୁ ସେତିକିବେଳେ ହିଁ ତୌବା କଲା ଏବଂ ମୁସଲମାନ ଧର୍ମରେ ଦୀକ୍ଷିତ ହୋଇଗଲା" । ***(ମଲ୍‌ଫୁଜାତ୍, ଖଣ୍ଡ-୯, ପୃ-୨୧୯)*** । ଅତଃ ଏହା ହେଉଛି ଅସଲ ଧର୍ମ ପରାୟଣତା ଯାହା ସୁଫଳ ପ୍ରଦାନ କରିଥାଏ ।

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ମଧ ଉକ୍ତ ୟହୁଦୀ ବ୍ୟକ୍ତିର ହଜ୍‌ରତ୍ ଅଲୀ ର:ଅଙ୍କ ସହିତ ହୋଇଥିବା ସଂଘର୍ଷ ଘଟଣାକୁ ବର୍ଣ୍ଣନା କରିଛନ୍ତି ଯେ, ହଜ୍‌ରତ୍ ଅଲୀ ର:ଅ ଏକ ଯୁଦ୍ଧରେ ସାମିଲ ଥିଲେ । ଏକ ପରମଶତ୍ରୁ ଯାହାକୁ ଖୁବ୍ କମ୍ ଲୋକମାନେ ହିଁ ମୁକାବିଲା କରିବାପାଇଁ ବାହାରିଥିଲେ । ସେହି ଶତ୍ରୁ ଆପଣଙ୍କ ବିପକ୍ଷରେ ଆସିଲା ଏବଂ ଦୀର୍ଘ ସମୟ ଧରି ହଜ୍‌ରତ୍ ଅଲୀ ର:ଅ ଓ ଉକ୍ତ ୟହୁଦୀ ରେସ୍‌ଲର୍ ମଧ୍ୟରେ ଯୁଦ୍ଧ ଲାଗିରହିଲା । ପରିଶେଷରେ ଅନେକ ସମୟର ସଂଘର୍ଷ ପରେ ହଜ୍‌ରତ୍ ଅଲୀ ର:ଅ ସେହି ୟହୁଦୀ ଯୋଦ୍ଧାକୁ ତଳେ ପକାଇଦେଲେ ଏବଂ ତା ଛାତି ଉପରେ ବସିପଡ଼ିଲେ ଏବଂ ଏହି ଇଚ୍ଛା ପ୍ରକାଶ କଲେ କି ନିଜ ଛୁରୀ ସାହାର୍ଯ୍ୟରେ ତାହାକୁ ନିହତ କରିଦେବେ କିନ୍ତୁ ହଠାତ୍ ସେ ୟହୁଦୀ ଜଣକ ଆପଣଙ୍କ ମୁଖ ଉପରକୁ ଛାପ ଫିଙ୍ଗିଦେଲା । ହଜ୍‌ରତ୍ ଅଲୀ ର:ଅ ତତ୍‌କ୍ଷଣାତ୍ ତାହା ଉପରୁ ଉଠି ଆସିଲେ ଏବଂ ତାକୁ ଛାଡ଼ିଦେଲେ । ସେହି ୟହୁଦୀ ଶତ୍ରୁ ଏହା ଦେଖି ବିସ୍ମିତ ହେଲା ଏବଂ କହିବାକୁ ଲାଗିଲା ଏହା ଅଭୁଦ ଘଟଣା ଯେ ଦୀର୍ଘ ସମୟର ସଂଘର୍ଷ ପରେ ଆପଣ ମତେ ତଳେ ପକାଇବାରେ ସଫଳ ହୋଇଥିଲେ ଏବଂ ବର୍ତମାନ ହଠାତ୍ ମତେ ଛାଡ଼ି ପୃଥକ ହୋଇଗଲେ । ଆପଣ ଏ କି ମୂର୍ଖାମି କଲେ ? ହଜ୍‌ରତ୍ ଅଲୀ ର:ଅ କହିଲେ ମୁଁ କୌଣସି ମୂର୍ଖାମି ପ୍ରଦର୍ଶନ କରିନାହିଁ ବରଂ ଯେତେବେଳେ ମୁଁ ତୁମକୁ ତଳେ ପକାଇଦେଲି ତୁମେ ମୋ ମୁହଁ ଉପରେ ଛେପ ଫିଙ୍ଗିଦେଲ ସେତେବେଳେ ହଠାତ୍ ମୋ ମନରେ କ୍ରୋଧ ଉତ୍ପନ୍ନ ହେଲା କି ତୁମେ ମୋ ମୁହଁକୁ କାହିଁକି ଛେପ ଫିଙ୍ଗିଲ । କିନ୍ତୁ ତତ୍‌କ୍ଷଣାତ୍ ମୋ ମନରେ ଏହି ଭାବଟି ଯାତ ହେଲା ଯେ ବର୍ତମାନ ପର୍ଯ୍ୟନ୍ତ ମୁଁ ଯାହା କିଛି କରୁଥିଲି ତାହା ଅଲ୍ଲାଃ ତାଲାଙ୍କ ପାଇଁ କରୁଥିଲି କିନ୍ତୁ ଏହାପରେ ଯଦି ମୁଁ ତୁମ ସହ ଲଢ଼ିଥାନ୍ତି ବା ତୁମକ ହତ୍ୟା କରିଥାନ୍ତି ତେବେ ତାହା ମୋ ନିଜ ବ୍ୟକ୍ତିଗତ କାରଣ ହୋଇଥାନ୍ତା ଅଲ୍ଲାଃ ତାଲାଙ୍କ ପ୍ରସନ୍ନତା ପାଇଁ ହୋଇନଥାନ୍ତା । ଏଣୁ ମୁଁ ତୁମକୁ ବଦ୍ଧ କରିବାରୁ ଓହରି ଗଲି ଓ ମୁଁ ଉଚିତ ଭାବିଲି ଯେ ମୁଁ ତୁମକୁ ଛାଡିଦେବି ଏବଂ ମୋ କ୍ରୋଧ ଯେତେବେଳେ ଦୂରିଭୂତ ହେବ ସେତେବେଳେ ମୁଁ ତୁମକୁ ଅଲ୍ଲାଃ ତାଲାଙ୍କ ପାଇଁ ତଳେ ପକାଇଦେବି । ହଜ୍‌ରତ୍ ଅଲୀ ର:ଅ ସଂପର୍କିତ ଘଟଣାବଳୀ ଆଗାମି ଖୁତ୍‌ବାରେ ବର୍ଣ୍ଣନା କରିବି ।
***(ଅହେମଦୀୟତ୍ ଦୁନିଆଁ ମେଁ ଇସ୍‌ଲାମୀ ତାଲିମ୍ ଓ୍ୱ ତମଦ୍ଦୁନ୍.... ଅନୱାରୁଲ୍ ଉଲୁମ୍, ଖଣ୍ଡ-୧୬, ପୃ-୧୩୨)***

ବର୍ତମାନ ମୁଁ ଆଉ ଏକ କଥା ପ୍ରତି ଧ୍ୟାନ ଆକର୍ଷିତ କରିବାକୁ ଚାହୁଁଛି ତାହା ହେଲା ଆଜି ନବବର୍ଷର ପ୍ରଥମ ଦିନ ପ୍ରଥମ ଜୁମ୍ମା ଦୁଆ କରନ୍ତୁ କି ଏହି ନବବର୍ଷ ଯମାତ୍ ପାଇଁ, ପୃଥିବୀ ବାସୀଙ୍କ ପାଇଁ ଏବଂ ମାନବଜାତି ପାଇଁ ମଙ୍ଗଳମୟ ସାବ୍ୟସ୍ତ ହେଉ । ଆମେମାନେ ମଧ୍ୟ ପୂର୍ବାପେକ୍ଷା ନିଜର କର୍ତବ୍ୟ ସମ୍ପାଦନକାରୀ ହେଉ ଅଲ୍ଲାଃ ତାଲା ଆଡ଼କୁ ଅଧିକ ନତମସ୍ତକ ହେଉ ନିଜର ଉପାସନାର ସ୍ତରକୁ ଅଭିବୃଦ୍ଧି କରିବାରେ ଅଲ୍ଲାଃ ତାଲା ଆମକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ନିଜର ଜନ୍ମର ଉଦ୍ଦେଶ୍ୟକୁ ସଫଳ ରୂପେ ଚରିତ୍ରାର୍ଥ କରିବାପାଇଁ ଆମକୁ ଶକ୍ତି ପ୍ରଦାନ କରନ୍ତୁ ଏବଂ ପରସ୍ପରର ଅଧିକାରକୁ କ୍ଷୁର୍ଣ୍ଣ କରିବା ପରିବର୍ତେ ଅଲ୍ଲାଃ ତାଲାଙ୍କର ଆଦେଶାବଳୀ ଉପରେ ପରିଚାଳିତ ହୋଇ ପରସ୍ପରର ଅଧିକାରକୁ ସମ୍ପାଦନକାରୀ ହୋଇଯାଉ ନଚେତ ପୁଣି ଅଲ୍ଲାଃ ତାଲା ନିଜ ଶୈଳୀରେ ସଂସାରବାସୀଙ୍କୁ ତାଙ୍କ କର୍ତବ୍ୟ ପ୍ରତି ଧ୍ୟାନ ଆକର୍ଷଣ କରାଇବ । କାଳେ ଆମେ ସମସ୍ତେ ଏବଂ ଏ ସଂସାରର ସମସ୍ତ ଲୋକେ ଏହି ଗୁରୁତ୍ୱପୂର୍ଣ୍ଣ କଥାକୁ ବୁଝିଯାନ୍ତେ ଏବଂ ନିଜର ଇହକାଳ ଓ ପରକାଳକୁ ସୁଧାରି ନିଅନ୍ତେ ।

ବିଗତ ଏକବର୍ଷ ଧରି ଆମେମାନେ ଏକ ଭୟଙ୍କର ତଥା ମାରାତ୍ମକ ବ୍ୟାଧିର ସମ୍ମୁଖିନ ହୋଇଅଛେ ଏବଂ ବିଶ୍ୱର ଏମିତି କୌଣସି ରାଷ୍ଟ୍ର ନାହିଁ ଯେଉଁଠି ଏହି ଭାଇରସ୍ ବ୍ୟାପି ନଥିବ । କେଉଁଠି ଏହି ମାରାତ୍ମକ ଭାଇରସର କୋପ ଅଧିକ ରହିଛି ତ ଆଉ କେଉଁଠି କମ୍ ରହିଛି । ବିଶ୍ୱର ବହୁଳ ଜନସଂଖ୍ୟା ଏହି କଥା ପ୍ରତି ଧ୍ୟାନ ଦେବାକୁ ଚାହୁଁନାହିଁ କିମ୍ବା ଏଥିପ୍ରତି ସଚେତନ ନୁହନ୍ତି କି ଈଶ୍ୱର ନ କରନ୍ତୁ କି ଏହି ସଂକ୍ରମଣ ରୋଗ ଆମମାନଙ୍କୁ ଈଶ୍ୱରଙ୍କ ଆଡ଼କୁ ଧ୍ୟାନ ଆକର୍ଷିତ କରିବା ପ୍ରତି ସଚେତନ କରୁଛି କିନ୍ତୁ ଏମାନେ ଏଥିପ୍ରତି ଧ୍ୟାନ ଦେବାକୁ ଚାହୁଁନାହାନ୍ତି । ଏଥିପ୍ରତି କାହାରିବି ଧ୍ୟାନ ନାହିଁ ।

କିଛି ମାସ ତଳେ ମୁଁ ଅନେକ ରାଷ୍ଟ୍ରର ରାଷ୍ଟ୍ରମୁଖ୍ୟଙ୍କୁ ଏଥିପ୍ରତି ଧ୍ୟାନ ଆକର୍ଷିତ କରିବା ପାଇଁ ପତ୍ର ଲେଖିଥିଲି ଏବଂ କୋଭିଡ଼

ପ୍ରସଙ୍ଗରେ ମଧ ବୁଝାଇବାକୁ ଚେଷ୍ଟା କରିଥିଲି ଏବଂ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ଉପଦେଶାବଳୀ ମାଧ୍ୟମରେ ଏଥପ୍ରତି ଦୃଷ୍ଟି ଆକର୍ଷଣ କରିଥିଲି ଯେ ଏହି ବିପତି ଅଲ୍ଲାଃ ତାଲାଙ୍କ ପକ୍ଷରୁ କେବଳ ନିଜ ଅଧିକାରକୁ ଏବଂ କର୍ତବ୍ୟ ସମ୍ପାଦନକୁ ଭୁଲି ବସିଥିବା ଯୋଗୁଁ ଆସିଅଛି ଯେଉଁଭଳି ସଂସାରରେ ଅତ୍ୟାଚାର ଅଭିବୃଦ୍ଧି ଘଟିଛି ଯଦ୍ୱାରା ଏହି ଧରା ପୃଷ୍ଟରେ ଏହି ରୋଗ ଅବତୀର୍ଣ୍ଣ ହୋଇଛି ଏଣୁ ଧାନ ଦିଅନ୍ତୁ । କେତେକ ରାଷ୍ଟ୍ର ପ୍ରବନ୍ଧକମାନେ ଉତର ମଧ ଦେଇଛନ୍ତି କିନ୍ତୁ ତାହା ସେମାନଙ୍କର ସାଂସାରିକତା ପୂର୍ଣ୍ଣ ଉତର ଥିଲା ନା କି ଆଧାତ୍ମିକ ସମ୍ୱଳିତ ଉତର । ଅତଏବ ସେହି ଉତରଗୁଡ଼ିକ ଏହି କି ଯେ, ଆମେମାନେ ମଧ ଚାହୁଁଛୁ କି ଏହି ବ୍ୟାଧି ଯଥାଶିଘ୍ର ଦୂରିଭୁତ ହେଉ କିନ୍ତୁ ସେମାନଙ୍କର ଏହି ଉତର ଗୁଡ଼ିକ ସାଂସାରିକତା ସମ୍ୱଳିତ ଉତର ଥିଲା କିନ୍ତୁ ମଝିରେ ଅଲ୍ଲାଃ ତାଲାଙ୍କ ଯେଉଁ ସ୍ଥାନ ରହିଥିଲା ତାହା ଶୂନ୍ୟ ପଡ଼ି ରହିଥିଲା । ରାଷ୍ଟ୍ର ସଂଚାଳକମାନେ ଏ ବିଷୟରେ କୌଣସି ଚର୍ଚ୍ଚା କଲେନାହିଁ ଯେବେକି ଏପରି ହେବା ନିହାତି ଜରୁରୀ ଥିଲା । କିନ୍ତୁ ନା ତ ସେମାନେ ନିଜର ଚାରିତ୍ରିକ ଅବସ୍ଥାକୁ ପରିବର୍ତନ କରିବାପ୍ରତି ସଚେତନ ଅଛନ୍ତି ଏବଂ ନା ହିଁ ସେମାନେ ଏଥିପ୍ରତି କୌଣସି ପଦକ୍ଷେପ ଗ୍ରହଣ କରୁଛନ୍ତି । ଏହି ରାଜନେତାମାନେ ଜାତିର ସହାନୁଭୂତିକର୍ତା ହୋଇ ଜାତି ଓ ଦେଶକୁ ପ୍ରକୃତ ଉଦ୍ଦେଶ୍ୟ ପ୍ରତି ଧ୍ୟାନ ଆକର୍ଷିତ କରିବାକୁ ଚାହୁଁନାହାନ୍ତି ଯଦି ତାହା ନ ହୁଏ ତେବେ ଏହି ସଂକ୍ରାମକ ରୋଗର ପରବର୍ତୀ ପ୍ରଭାବ ଅତ୍ୟନ୍ତ ଭୟଙ୍କର ହେବ । ଏହି ପରିଣାମଟି ପ୍ରତ୍ୟେକ ରାଜନେତା, ବୁଦ୍ଧିଜୀବି, ଅଭିଜ୍ଞବ୍ୟକ୍ତିଙ୍କୁ ଜଣା ଅତଏବ ପ୍ରକୃତ ସମାଧାନ ବାହାର କରିବା ପରିବର୍ତେ କେବଳ ସାଂସାରିକତାକୁ ଆବୁରି ବସିଲେ ବା ସେଥିପ୍ରତି ପ୍ରୟାସରତ ରହିଲେ ହେବନାହିଁ ।

ଏହି ବ୍ୟାଧି ଯୋଗୁଁ ନା କେବଳ ବ୍ୟକ୍ତିଗତ ରୂପେ ବରଂ ସାମୁହିକ, ଅର୍ଥନୈତିକ ଓ ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ମଧ ବ୍ୟକ୍ତି ଦୁର୍ବଳ ହୋଇଛି । ଯେଉଁମାନେ ଉକ୍ତ ବ୍ୟାଧି ଦ୍ୱାରା ପ୍ରଭାବିତ ହୋଇଛନ୍ତି । ସେମାନଙ୍କ ଉପରୋକ୍ତ ଅବସ୍ଥା ଦୁର୍ବଳ ହୋଇପଡ଼ିଛି କିନ୍ତୁ ସାମୁହିକ ରୂପେ ପ୍ରତ୍ୟେକ ଅର୍ଥନୈତିକ ଦୃଷ୍ଟିକୋଣରୁ ମଧ୍ୟ ଲୋକମାନେ କେବଳ ଯେ ପ୍ରଭାବିତ ହୋଇଛନ୍ତି ତାହା ନୁହେଁ ବରଂ ବଡ଼ ବଡ଼ ବିକଶିତ ରାଷ୍ଟ୍ରମାନଙ୍କର ଅର୍ଥନୈତିକ ଅବସ୍ଥା ଭୁଷୁଡ଼ି ଯାଇଛି । ସାଂସାରିକ ବ୍ୟକ୍ତିଙ୍କ ନିକଟରେ ଏହାର କେବଳ ଏକମାତ୍ର ସମାଧାନ ରହିଛି ଯେ ଯେତେବେଳେ ଏଭଳି ଉତ୍କୃଷ୍ଟ ପରିସ୍ଥିତି ସୃଷ୍ଟି ହୋଇଯିବ ଯେତେବେଳେ ଅର୍ଥନୈତିକ ଅବସ୍ଥା ସମ୍ପୂର୍ଣ୍ଣରୂପେ ଭୁଷୁଡ଼ି ପଡ଼ିବ ସେତେବେଳେ ସେମାନେ ଛୋଟ ଛୋଟ ରାଷ୍ଟ୍ରମାନଙ୍କ ଅର୍ଥନୈତିକ ଅବସ୍ଥା ଉପରେ କବ୍‌ଜା କରିବାକୁ ଚେଷ୍ଟା କରିବେ ତେଣୁ ସେମାନଙ୍କୁ କିଭଳି ନିଜର ଜାଲରେ ଫସାଇ ନିଜ ଜାଲ ଅଧିନକୁ ଆଣିବେ ଓ ପୁନଶ୍ଚ କୌଣସି ଆଳରେ ସେମାନଙ୍କର ଅର୍ଥନୈତିକ ଅବସ୍ଥା ଉପରେ କବ୍‌ଜା କରିବେ ଏଥପ୍ରତି ବ୍ଲକ ନିର୍ମାଣ ହେବ ଏବଂ ନିର୍ମାଣ ମଧ୍ୟ ହେଉଅଛି । ଶିତଳ ଯୁଦ୍ଧ ପୂର୍ନବାର ଆରମ୍ଭ ହୋଇଯିବ ଏବଂ ବର୍ତମାନ କୁହାଗଲାଣି କି ଶୀତଳ ଯୁଦ୍ଧ ଆରମ୍ଭ ହୋଇଯାଇଛି । ଏକପକ୍ଷେ ସେହି ସମୟଟି ବେଶ୍ ଦୁର ନୁହେଁ ପ୍ରକୃତ ଅସ୍ତ୍ରର ଯୁଦ୍ଧ ମଧ୍ୟ ଆରମ୍ଭ ହୋଇଯାଇଛି । ସେହି ଯୁଦ୍ଧଟି ଅତ୍ୟନ୍ତ ଭୟଙ୍କର ହେବ ଅର୍ଥାତ ପରମାଣୁ ଅସ୍ତ୍ରର ବିନିଯୋଗ । ପୁନଶ୍ଚ ଲୋକମାନେ ଏକ ଗଭୀର ଗର୍ତ ମଧ୍ୟକୁ ଖସି ପଡ଼ିବେ । ଗରୀବ ରାଷ୍ଟ୍ରମାନେ ଯେଉଁମାନେ ପୂର୍ବରୁ ନିଷ୍ପେସିତ ଅଛନ୍ତି ସେମାନେ ତ ପେଶି ହେବେ ତତ୍‌ସହିତ ଧନୀରାଷ୍ଟ୍ରର ଲୋକମାନେ ବି ପେଶି ହୋଇଯିବେ ଏବଂ ଭିଷଣ ଭାବରେ ପେଶି ହେବେ । ଅତଏବ ସଂସାର ଏହି ଅବସ୍ଥାରେ ଉପନୀତ ହେବା ପୂର୍ବରୁ ହିଁ ଆମେମାନେ ନିଜର କର୍ତବ୍ୟ ସମ୍ପାଦନ କରିବା ସଙ୍ଗେ ସଙ୍ଗେ ସଂସାର ବାସୀଙ୍କୁ ସଚେତନ କରିବା ଉଚିତ । ସୁତରାଂ ଏହି ବର୍ଷଟି ଆମମାନଙ୍କ ପାଇଁ ସୁଖ ଓ ସମୃଦ୍ଧିକର ସାବ୍ୟସ୍ତ ହେଉ । ତାହା ସେତେବେଳେ ସମ୍ଭବ ଯେତେବେଳେ ଆମେମାନେ ନିଜ ଅବସ୍ଥାର ମଧ୍ୟ ନିରୀକ୍ଷଣ କରିବା ଆମେମାନେ ଯେଉଁମାନେ ଯୁଗବତାର ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କୁ ସ୍ୱିକାର କରିଛେ କଣ ଆମମାନଙ୍କର ଏପରି ଅବସ୍ଥା ହୋଇପଡ଼ିଛି କି ଆମେ ଅଲ୍ଲାଃ ତାଲାଙ୍କର କର୍ତବ୍ୟ ସମ୍ପାଦନ କରିବା ସହିତ ନୈଷ୍ଠିକ ରୂପେ ଅଲ୍ଲାଃ ତାଲାଙ୍କ ଭକ୍ତମାନଙ୍କ ମଧ୍ୟ କର୍ତବ୍ୟ ସମ୍ପାଦନକାରୀ ରୁପେ ବିବେଚିତ ହେବା ଏବଂ ବର୍ତମାନ ଆମମାନଙ୍କୁ ନିଜ ଅବସ୍ଥା ସୁଧାର କରିବା ଓ ପରସ୍ପରକୁ ଭଲ ପାଇବା ପାଇଁ ନିଜ ଭିତରେ ସେହି ଉତ୍ସାହ ସୃଷ୍ଟି କରିବା ଉଚିତ ଏବଂ ସେହି ସ୍ତରକୁ ଅଧିକ ଉନ୍ନିତ କରିବା ଉଚିତ । ଅତଏବ ପ୍ରତ୍ୟେକ ଅହେମଦୀକୁ ଚିନ୍ତା କରିବା ଦରକାରକି ତା ଦାୟିତ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ଓ ବୃହତ ବଡ଼ କର୍ତବ୍ୟ ନ୍ୟସ୍ତ ହୋଇଛି । ତାହାକୁ ଚରିତାର୍ଥ ଓ ସମ୍ପାଦନ କରିବା ପୂର୍ବରୁ ସର୍ବପ୍ରଥମେ ନିଜ ଭିତରେ ପ୍ରେମ ଓ ସଦ୍‌ଭାବନା ଓ ଭାତୃଭାବ ଭଳି ପରିବେଶ ସୃଷ୍ଟି କରିବାକୁ ପଡ଼ିବ । ନିଜର ପରିବେଶରେ ଓ ଅହେମଦୀ ପରିବେଶରେ ଥିବା ତଥା ପୃଥିବୀବାସୀଙ୍କୁ ଏହି ଧ୍ୱଜା ତଳେ ଆଣିବାକୁ ଓ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଧ୍ୱଜାକୁ ଉଚ୍ଚା କରିବାକୁ ଆମକୁ ପ୍ରୟାସ କରିବାକୁ ହେବ ଏବଂ ଅଲ୍ଲାଃ ତାଲାଙ୍କର ଏକଶ୍ୱରବାଦର ପତାକା ତଳେ ଏହି ସମସ୍ତଙ୍କୁ ଏକତ୍ରିତ କରିବାକୁ ଚେଷ୍ଟା କରିବା ଉଚିତ ତାହେଲେ ଯାଇ ଆମେମାନେ ନିଜ ବୟତର ଉଦ୍ଦେଶ୍ୟକୁ ସଫଳ କରିପାରିବା । ଆମେମାନେ ଯେତେବେଳେ ନିଜ ବୟତର ଉଦ୍ଦେଶ୍ୟକୁ ସଫଳ ରୂପାୟନକାରୀ ରୂପେ ବିବେଚିତ ହୋଇପାରିବା ଅଲ୍ଲାଃ ତାଲାଙ୍କର କୃପାର ଅଧିକାରୀ ମଧ ହୋଇପାରିବା ଆମେମାନେ ସେତେବେଳେ ଯାଇ ନବବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନକାରୀ ଓ ପ୍ରାପ୍ତକାରୀ ଓ ପ୍ରକୃତ ଅଧିକାରୀ ରୂପେ ବିବେଚିତ ହୋଇପାରିବା । ଅଲ୍ଲାଃ ତାଲା ଏଥିନିମନ୍ତେ ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଓ ପ୍ରତ୍ୟେକ ପୁରୁଷ, ମହିଳା, ଶିଶୁ ଓ ବୃଦ୍ଧ ଉକ୍ତ କଥାକୁ ହୃଦୟଙ୍ଗମ କରି ଏହି ଶପଥ ନିଅନ୍ତୁ କି ଚଳିତବର୍ଷ ଏହି ନବଜାଗରଣ ସୃଷ୍ଟି କରିବାପାଇଁ ନିଜର ସକଳ ଉଦ୍ୟମକୁ ବିନିଯୋଗ କରିବେ । ଅଲ୍ଲାଃ ତାଲା ଏଥିନିମନ୍ତେ ପ୍ରତ୍ୟେକ ଅହେମଦୀକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ଆଜିକାଲି ପାକିସ୍ତାନରେ ବସବାସ କରୁଥିବା ଅହେମଦୀ ଓ ଉପଦ୍ୱୀପରେ ବସବାସ କରୁଥିବା ଅହେମଦୀମାନଙ୍କ ପାଇଁ ଦୁଆ କରିବାପାଇଁ ଦୃଷ୍ଟି ଆକର୍ଷିତ କରୁଛି କି ସେମାନଙ୍କୁ ନିଜର ଦୁଆରେ ସ୍ମରଣ ରଖନ୍ତୁ । ପାକିସ୍ତାନର କେତେକ ସ୍ଥାନରେ କେତେକ ମୌଲବୀମାନେ ଏବଂ ସରକାରୀ କର୍ମଚାରୀମାନେ ଅନ୍ୟାୟ ପନ୍ଥାକୁ ଆପଣାଇ ନେଇଛନ୍ତି ଅଲ୍ଲାଃ ତାଲା ଏଭଳି ଅଯୋଗ୍ୟ ବ୍ୟକ୍ତିମାନଙ୍କୁ ଯଥା ଶିଘ୍ର ଧରି ଦଣ୍ଡିତ କରନ୍ତୁ । ତୌହିନେ ରିସାଲତ୍ ଅର୍ଥାତ ନବୀଙ୍କୁ ଅସମ୍ମାନ କରିବାର ଯେଉଁ କାନୁନ୍ ଅଧିନରେ ଏହି ଅନ୍ୟାୟ ଓ ଅତ୍ୟାଚାର ଅହେମଦୀମାନଙ୍କ ଉପରେ ଏମାନେ ଅତ୍ୟାଚାର କରୁଛନ୍ତି ଏବଂ ଅହେମଦୀମାନଙ୍କ ଉପରେ ବିଭିନ୍ନ କଟକଣା ଲଗାଉଛନ୍ତି ଏବଂ ଦଣ୍ଡିତ କରିବାପାଇଁ ଅପଚେଷ୍ଟା କରୁଛନ୍ତି ଅଲ୍ଲାଃ ତାଲା ତାଙ୍କୁ ଯଥା ଶିଘ୍ର ଦୁରିଭୁତ କରନ୍ତୁ ଏବଂ ଆମମାନଙ୍କୁ ମଧ୍ୟ ସେମାନଙ୍କଠାରୁ ମୁକ୍ତି ପ୍ରଦାନ କରନ୍ତୁ । ପ୍ରକୃତରେ ତ ରହ୍‌ମତୁଲ୍ ଲିଲ୍ ଆଲେମୀନ୍‌ଙ୍କ ନାମକୁ ଏମାନେ ବଦନାମ କରୁଛନ୍ତି । ଅହେମଦୀମାନେ ତ ନାମୁସେ ରିସାଲତ୍ ପାଇଁ ନିଜର ଜୀବନକୁ ଜଳାଞ୍ଜଳି ଦେଉଛନ୍ତି । ଆଜି ସଂସାରକୁ ହଜୁର ସ:ଆ:ସଙ୍କୁ ଧ୍ୱଜାଧିନକୁ ଆଣିବାକୁ ସର୍ବାଧିକ କାର୍ଯ୍ୟ କେବଳ ପ୍ରକୃତ ଅହେମଦୀମାନେ ହିଁ କରୁଛନ୍ତି ତାହା ନୁହେଁ ବରଂ ଏହା କହିବା ଉଚିତ ହେବ ଯେ, ଯଦି କିଏ ଏଭଳି କାର୍ଯ୍ୟ କରୁଛି ତାହେଲେ ସେ କେବଳ ଅହେମଦୀ ହିଁ କରୁଛି ।

ଅତଏବ ଏହି ସାଂସାରିକ ଲୋକେ ଓ ରାଷ୍ଟ୍ର ଓ ଅର୍ଥ ବଳରେ ଆମ ଉପରେ ଅତ୍ୟାଚାର ତ କରିପାରିବେ କିନ୍ତୁ ସେମାନେ ଏହି କଥାକୁ ସ୍ମରଣ ରଖିବା ଉଚିତ କି ଆମେମାନେ ସେହି ଈଶ୍ୱରଙ୍କୁ ଧରିଛୁ ଯିଏ ନେମଲ୍ ମୌଲା ଓ୍ୱ ନେମଲ୍ ନସିର୍ ଅଟନ୍ତି । ସେହି ଈଶ୍ୱର ନେମଲ୍ ମୌଲା ଅଟନ୍ତି ଓ ନେମନ୍ ନସିର୍ ଅଟନ୍ତି । ନିଃସନ୍ଦେହ ରୂପେ ତାଙ୍କ ସାହାଯ୍ୟ ଆଗତ ଏବଂ ନିଶ୍ଚିତ ଆସିବ ଏବଂ ସେତେବେଳେ ପୁଣି ସେହି ସାଂସାରିକ ଲୋକମାନଙ୍କର ବିଚାର ତଥା ବଳଶକ୍ତି ଓ ସାମର୍ଥ୍ୟ ଅଲ୍ଲାଃଙ୍କ ସମ୍ମୁଖରେ କୌଣସି ଅସ୍ତିତ୍ୱ ରହିବ ନାହିଁ ଏବଂ ସେମାନେ ମାଟିରେ ମିଶିଯିବେ ସୁତରାଂ ଆମମାନଙ୍କର ଏହି କର୍ତବ୍ୟ ରହିଛି ଯେ, ଆମେମାନେ ଦୁଆ ଓ ଉପାସନାକୁ ସୁସଜ୍ଜିତ ଓ ବିମଣ୍ଡିତ କରିବା ଉଚିତ । ଅଲ୍ଲାଃ ତାଲା ଏଥିନିମନ୍ତେ ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ଯଦି ଆମେମାନେ ଏପରି କରିନେବା ତାହେଲେ ଆମେମାନେ ସଫଳତା ପ୍ରାପ୍ତ କରିବା ।

ଉପଦ୍ୱୀପ ବିଷୟରେ ମୁଁ କହିଥିଲି ଯେ ଯେଉଁ ଅହେମଦୀମାନଙ୍କୁ ବିନା କୌଣସି ଦୋଷରେ ଗିରଫ କରାଯାଇଥିଲା ସମସ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଦିଆଯାଇଛି । ଅନ୍ୟ ଏକ ନ୍ୟାୟାଳୟ ମଧ କିଛି ଆର୍ଥିକ ଜୋରିମାନା ଦେଇ ପ୍ରାୟ ସମସ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଦେଇଛି ଏହା ସତ୍ତ୍ୱେ ସେଠିକାର ଆଉ କେତେକ ଅହେମଦୀମାନେ ରହିଛନ୍ତି ଯେଉଁମାନେ କାରାବରଣ ଭୋଗ କରୁଛନ୍ତି ସେମାନଙ୍କ ପାଇଁ ମଧ୍ୟ ଦୁଆ କରନ୍ତୁ କି ଅଲ୍ଲାଃ ତାଲା ସେମାନଙ୍କୁ ଯଥାଶିଘ୍ର କାରାମୁକ୍ତ କରନ୍ତୁ । ପାକିସ୍ତାନର ଅସିରାନ୍ ଅର୍ଥାତ ଅଲ୍ଲାଃଙ୍କ ମାର୍ଗରେ ବନ୍ଦି ହୋଇଥିବା ଅହେମଦୀମାନଙ୍କ ପାଇଁ ମଧ୍ୟ ଦୁଆ କରିବେ । ଆମମାନଙ୍କର ଖୁସୀ ନବବର୍ଷ ସହିତ ପଛେ ଆରମ୍ଭ ହେଉ କିମ୍ବା ଇଦ୍‌ର ପ୍ରକୃତ ଆନନ୍ଦ । ତାହା ସେତିକିବେଳେ ହେବ ଯେତେବେଳେ ଆମେମାନେ ସଂସାରର ପ୍ରତ୍ୟେକ ପାର୍ଶ୍ୱରେ ଅଲ୍ଲାଃ ତାଲାଙ୍କ ଏକଶ୍ୱରବାଦର ଧ୍ୱଜା ଓ ବାନାକୁ ଉତୋଳନ କରିବା ଯେଉଁ ଧ୍ୱଜାକୁ ଧରି ହଜୁର ସ:ଆ:ସ ଏହି ପୃଥିବୀ ପୃଷ୍ଟରେ ଅବତୀର୍ଣ୍ଣ ହୋଇଥିଲେ । ଆନନ୍ଦ ଓ ଉଲ୍ଲାସର ପର୍ବ ସେତେବେଳେ ହେବ ଯେତେବେଳେ ମାନବଜାତି ନିଜର ପ୍ରକୃତ ସ୍ରଷ୍ଟାକୁ ଚିହ୍ନିନେବ ଓ ତାହାକୁ ଉପଲବ୍ଧ କରିବ । ଯେତେବେଳେ ପାରସ୍ପରିକ ଘୃଣାଭାବ ପ୍ରେମଭାବରେ ପରିବର୍ତିତ ହୋଇଯିବ ସେତେବେଳେ ଅଲ୍ଲାଃ ତାଲା ଆମମାନଙ୍କୁ ସେହି ଆନନ୍ଦର ମାଧ୍ୟମ ଓ ସମ୍ୱଳ ମଧ ପ୍ରଦାନ କରିଦେବେ । ଅଲ୍ଲାଃ ମୁସଲମାନ ଜାତିକୁ ମଧ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ କି ସେମାନେ ଆଗମନକାରୀ ହଜ୍‌ରତ୍ ମସିହ ମଉଦ୍ ଆ:ସ ଯିଏକି ଯୁଗାବତାର ଅଟନ୍ତି ତାଙ୍କୁ ମାନିନିଅନ୍ତୁ । ସଂସାରକୁ ମଧ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ କି ସେମାନେ ଅଲ୍ଲାଃ ତାଲା ଓ ତାହାଙ୍କ ଭକ୍ତଙ୍କ କର୍ତବ୍ୟ ସମ୍ପାଦନ କରିବାପ୍ରତି ମନଯୋଗ କରନ୍ତୁ । ଅଲ୍ଲାଃ ତାଲା ପ୍ରତ୍ୟେକ ଦେଶରେ ପ୍ରତ୍ୟେକ ଅହେମଦୀଙ୍କୁ ନିଜର ଶାନ୍ତିପୂର୍ଣ୍ଣ ସୁରକ୍ଷାବଳୟ ମଧରେ ରଖନ୍ତୁ ଏବଂ ନବବର୍ଷ ପ୍ରତ୍ୟେକ ଅହେମଦୀ ପାଇଁ ପ୍ରତ୍ୟେକ ମନୁଷ୍ୟ ଜାତି ପାଇଁ ଦୟା, କରୁଣାମୟ ଓ ମଙ୍ଗଳମୟ ସାବ୍ୟସ୍ତ ହେଉ । ଯେଉଁ ତ୍ରୁଟି ବିଚ୍ୟୁତ ବିଗତ ବର୍ଷରେ ଆମଦ୍ୱାରା ହୋଇଯାଇଛି । ଯେଉଁଗୁଡ଼ିକ ଅଲ୍ଲାଃ ତାଲାଙ୍କ ଅପ୍ରସନ୍ନତାର କାରଣ ସାଜିଛି ଯେଉଁଠି ଆମମାନଙ୍କୁ କେତେକ ପୁରସ୍କାରରୁ ବଂଚିତ ରଖିବାର କାରଣ ସାଜିଛି ତହିଁରୁ ଅଲ୍ଲାଃ ତାଲା ଆମମାନଙ୍କୁ ସୁରକ୍ଷା ପ୍ରଦାନ କରନ୍ତୁ । ଆମମାନଙ୍କ ତ୍ରୁଟିକୁ ମାର୍ଜନ କରନ୍ତୁ ନିଜର ପୁରସ୍କାର ଓ କୃପାର ଆମକୁ ଅଧିକାର କରନ୍ତୁ ଆମେମାନେ ପ୍ରକୃତ ବିଶ୍ୱାସକାରୀ ହୋଇଯାଉ ଏହି ଦୁଆ କରିବା ନିମନ୍ତେ ଅଲ୍ଲାଃ ତାଲା ଆମକୁ ମଧ ସାମର୍ଥ୍ୟ ପ୍ରଦାନ କରନ୍ତୁ ଆମିନ୍................

⌘⌘⌘⌘⌘⌘⌘⌘⌘⌘

## ଖୁତ୍‌ବା ଯୁମା ପ୍ରଦତ ୨୫ ଡ଼ିସେମ୍ବର ୨୦୨୦ର ଅବଶିଷ୍ଟାଂଶ

କିନ୍ତୁ ହଜ୍‌ରତ୍ ଅଲୀ ର:ଅ ଉକ୍ତ ରାୟକୁ ଅସ୍ୱୀକାର କରିଦେଲେ ଏବଂ କହିଲେ କି ନିର୍ଣ୍ଣୟକାରୀମାନେ ନା ତ ଏଥି ସକାଶେ ନିଯୁକ୍ତ ହୋଇଥିଲେ ଓ ନା ହିଁ ସେମାନେ ଏଭଳି ରାୟ କୋରାନୀୟ ଆଦେଶ ଉପରେ ଆଧାରିତ । ପ୍ରତି ଉତରରେ ହଜ୍‌ରତ୍ ଅଲୀ ର:ଅଙ୍କର ସେହି କପଟ ସ୍ୱଭାବି ସାଥିମାନେ ଓ ଯେଉଁମାନେ ନିର୍ଣ୍ଣୟକାରୀ ନିଯୁକ୍ତ କରିବା ଉପରେ ଗୁରୁତ୍ୱ ଆରୋପ ଦେଇଥିଲେ ସେମାନେ ଏହା ଚିତ୍କାର କରିବା ଲାଗିଲେ କି ନିର୍ଣ୍ଣୟକାରୀମାନେ କାହିଁକି ନିଯୁକ୍ତ ହୋଇଥିଲେ ଯେବେକି ଧାର୍ମିକ ପ୍ରସଙ୍ଗରେ କୌଣସି ନିର୍ଣ୍ଣୟକାରୀ ହୋଇପାରିବ ନାହିଁ । ହଜ୍‌ରତ୍ ଅଲୀ ର:ଅ ଉତର ଦେଲେ କି ପ୍ରଥମତଃ ଏହି କଥା ଚୁକ୍ତିରେ ସାମିଲ ଥିଲା କି ତାଙ୍କର ଅର୍ଥାତ ନିର୍ଣ୍ଣୟକାରୀଙ୍କର ଏହି ନିଷ୍ପତିଟି କୁରାନୀୟ ଅନୁଯାୟୀ ହେବ ଯାହାକୁ ସେମାନେ ପାଳନ କରିନାହାନ୍ତି । ତେଣୁ କୋରାନ୍ ଅନୁଯାୟୀ ନିଷ୍ପତି ହୋଇନାହିଁ । ଦ୍ୱିତୀୟତଃ ନିର୍ଣ୍ଣନକାରୀମାନେ ତ ସ୍ୱୟମ ତୁମମାନଙ୍କ ଜିଦ୍ ଯୋଗୁଁ ନିଯୁକ୍ତ ହୋଇଥିଲେ କିନ୍ତୁ ନିଯୁକ୍ତ ହେବାପରେ ତୁମେ ହିଁ ଏହା କହୁଛ କି କାହିଁକି ନିଯୁକ୍ତ କଲ ? ସେ କହିଲେ ଆମେମାନେ ଅର୍ଥହୀନ କଥା କହିଥିଲୁ ଏବଂ ଆମେମାନେ ଆପଣଙ୍କୁ ଯାହାକିଛି କହିଥିଲୁ ତାହା ଆମମାନଙ୍କର ନିଜସ୍ୱ ତ୍ରୁଟି ଓ ଦୋଷ ଥିଲା କିନ୍ତୁ ପ୍ରଶ୍ନ ତ ଏହାକି ଯେ ଆପଣ ଏହି କଥା କାହିଁକି ମାନିଥିଲେ । ଅର୍ଥାତ ଆମର କଥା କାହିଁକି ସ୍ୱୀକାର କରିନେଲେ ଏହାର ଅର୍ଥ ଏହା ଯେ ଯେଉଁ ବିଦ୍ରୋହୀ କପଟବିଶ୍ୱାସୀମାନେ ଥିଲେ ତାହାର ଅର୍ଥ ଆମେ ପାପ କରିଛୁ ଏବଂ ଆପଣ ମଧ୍ୟ ଏଥିରେ ଭାଗିଦାର ଅଛନ୍ତି ଏପରି ଆମେ ଦୁହେଁ ସମାନ ହୋଇଗଲେ ଅର୍ଥାତ ପାପରେ ସାମିଲ ହୋଇଗଲେ । ଆମେମାନେ ବି ପାପ କଲୁ ଓ ଆପଣ ବି ପାପ କଲେ ବର୍ତମାନ ଆମେ ତ ଆମ ଭୁଲ୍ ଯୋଗୁଁ ତୌବା କରିନେଇଛୁ ଆପଣଙ୍କ ପାଇଁ ଏହା ଉଚିତ ହେବ କି ଆପଣ ବି ତୌବା କରିନିଅନ୍ତୁ ଏବଂ ଏହି କଥାର ସ୍ୱୀକାର କରନ୍ତୁ ଯେ ଆପଣ ଯାହା କିଛି କରିଛନ୍ତି ତାହା ଅବୈଧ ଅଟେ । ତହିଁରୁ ସେମାନଙ୍କର ଏହି ଅଭିପ୍ରାୟ ଥିଲା କି ଯଦି ହଜ୍‌ରତ୍ ଅଲୀ ର:ଅ ଅସ୍ୱୀକାର କଲେ ତେବେ ସେମାନେ ଅର୍ଥାତ କପଟବିଶ୍ୱାସୀ ଉପଦ୍ରବୀମାନେ ଏହା କହି ଆପଣଙ୍କ ବୟତରୁ ପୃଥକ ହୋଇଯିବେ ଯେ ହଜ୍‌ରତ୍ ଅଲୀ ଯେପରି ଏକ ଇସ୍‌ଲାମ୍ ବିରୋଧିୟ କାର୍ଯ୍ୟ କରିଛନ୍ତି । ଅତଏବ ଆମେମାନେ ତାଙ୍କର ବୟତରେ ରହିପାରିବୁନାହିଁ ଏବଂ ସେମାନେ ନିଜ ଦୋଷ ସ୍ୱୀକାର କରିନେଲେ ଏବଂ କହିଲେ କି ଯଦି ମୁଁ ତୌବା ବି କରେ ତାହେଲେ ମଧ୍ୟ ତାଙ୍କର ଖିଲାଫତ୍ ବାତିଲ ହୋଇଯିବ କାରଣ ଯେଉଁ ବ୍ୟକ୍ତି ଏତେବଡ଼ ମହାପାପ କରେ ସେ କିପରି ଖଲିଫା ରହିପାରିବ । ହଜ୍‌ରତ୍ ଅଲୀ ର:ଅ ଯେତେବେଳେ ଏହି କଥା ଶୁଣିଲେ ସେତେବେଳେ ସେ କହିଲେ, ମୁଁ ତ କୌଣସି ଦୋଷ କରିନାହିଁ ମୁଁ ଯେଉଁ ସଂକ୍ରାନ୍ତରେ ଆଦେଶ ଦେଇଥିଲି ସେଥିରେ କୌଣସି ନିଷ୍ପତି ନିର୍ଣ୍ଣୟକାରୀମାନେ ଦେଇନାହାନ୍ତି ଯେଉଁଥିପାଇଁ ସେମାନେ ନିଯୁକ୍ତ ହୋଇଥିଲେ ନା ହିଁ ସେମାନେ ଇସ୍‌ଲାମୀୟ ବିଧାନ ଅନୁଯାୟୀ କାର୍ଯ୍ୟ କରିଛନ୍ତି ଦ୍ୱିତୀୟ କଥା ଏହି କି ଯେ ମୁଁ ନିର୍ଣ୍ଣୟକାରୀ ନିଯୁକ୍ତ କରିବାବେଳେ ସ୍ପଷ୍ଟରୂପେ ଏହି ସର୍ତ ରଖିଥିଲି ଯେ ନିର୍ଣ୍ଣୟକାରୀମାନେ ଯେଉଁ ନିଷ୍ପତି ନେବେ ଯଦି ତାହା କୋରାନ୍ ଓ ହଦିସ ଅନୁଯାୟୀ ହୋଇଥିବ ତାହେଲେ ମୁଁ ତାହାକୁ ସ୍ୱୀକାର କରିବି ଅନ୍ୟଥା ନୁହେଁ । ମୁଁ ଏହି ରାୟ କୁ କୌଣସି ପରିପ୍ରେକ୍ଷୀରେ ସ୍ୱୀକାର କରିବାପାଇଁ ପ୍ରସ୍ତୁତ ନାହିଁ । କାରଣ ଯେଉଁ ଉଦ୍ଦେଶ୍ୟପାଇଁ ତାଙ୍କୁ ନିଯୁକ୍ତ କରାଯାଇଥିଲା ସେମାନେ ସେହି ସର୍ତକୁ ପାଳନ କଲେନାହିଁ, ତତ୍‌ସଂକ୍ରାନ୍ତରେ ସେମାନେ କୌଣସି ରାୟ ଦେଇନାହାନ୍ତି ଅତଏବ ମୋ ପାଇଁ ତାଙ୍କର ନିଷ୍ପତି ମାନିବା ଯୁକ୍ତିଯୁକ୍ତ ନୁହେଁ । କିନ୍ତୁ ସେମାନେ ହଜ୍‌ରତ୍ ଅଲୀ ର:ଅଙ୍କର ଏହି ଆପତିକୁ ସ୍ୱୀକାର କଲେନାହିଁ ବରଂ ବୟତରୁ ପୃଥକ ହୋଇଗଲେ ଏବଂ ସେମାନେ ଖୱାରିଜ୍‌ର ଆଖ୍ୟା ପାଇଲେ ଏବଂ ସେମାନେ ଏହି ନିୟମ କଲେ କି କେହି ଆଜ୍ଞାପାଳନ ଯୋଗ୍ୟ ଖଲିଫା ନାହାନ୍ତି ସଂଖ୍ୟାଧିକ ମୁସଲମାନମାନଙ୍କ ରାୟ କ୍ରମେ ହିଁ ରାୟ କାର୍ଯ୍ୟକାରୀ ହେବ କାରଣ ଅଲ୍ଲାଃ ତାଲାଙ୍କ ବ୍ୟତିତ କୌଣସି ଏକ ବ୍ୟକ୍ତିକୁ ଆଜ୍ଞାପାଳନ ଯୋଗ୍ୟ ଖଲିଫା ରୂପେ ସ୍ୱୀକାର କରିବା ନିୟମ ବିରୋଧିୟ ଅଟେ । ***(ଖିଲାଫତେ ରାଶ୍‌ଦା, ଅନ୍‌ୱାରୁଲ୍ ଉଲୁମ୍ ଖଣ୍ଡ-୧୫, ପୃ-୪୮୬-୪୮୮)***

ହଜୁର ଅନୱର ଅ:ବ:ଅ କହିଲେ: ନହରୱାନ୍ ଯୁଦ୍ଧ ଯାହା କି ୩୮ ହିଜରୀରେ ହୋଇଥିଲା, ନହରୱାନ୍ ବାଗ୍‌ଦାଦ୍ ଓ ୱାସ୍ତାର ମଧ୍ୟବର୍ତୀ ଅଂଚଳରେ ଅବସ୍ଥିତ ସେହି ସ୍ଥାନରେ ହଜ୍‌ରତ୍ ଅଲୀ ର:ଅ ଓ ଖୱାରିଜ୍‌ଙ୍କ ମଧ୍ୟରେ ଯୁଦ୍ଧ ହେଲା । ***(ମୁଅଯମୁଲ୍ ବୁଲ୍‌ଦାନ, ଖଣ୍ଡ-୫, ପୃ-୩୭୫.... ବେରୁତ)***

ଇବ୍‌ନେ ଅସିର୍‌ଙ୍କ ଲେଖନୀରେ ଏହା ଦରଜ ରହିଛି ଯେ, ସଫିନ୍ ଯୁଦ୍ଧର ପାରସ୍ପାରିକ ନିଷ୍ପତି ପାଇଁ ହଜ୍‌ରତ୍ ଅଲୀ ର:ଅଙ୍କ ପକ୍ଷରୁ ହଜ୍‌ରତ୍ ଅବୁ ମୁସା ଅଶ୍‌ଅରୀ ଓ ଅମୀର ମୁଆୱିୟାଙ୍କ ପକ୍ଷରୁ ହଜ୍‌ରତ୍ ଉମ୍ରୋ ବିନ୍ ଆସ୍ ନିର୍ଣ୍ଣୟକାରୀ ନିଯୁକ୍ତ ହୋଇଥିଲେ । ଉକ୍ତ ଘଟଣାକୁ ଇତିହାସରେ ତହ୍‌କିମ୍ ବୋଲି କୁହନ୍ତି । ତହ୍‌କିମ୍ ସଂକ୍ରାନ୍ତରେ ହଜ୍‌ରତ୍ ଅଲୀ ର:ଅଙ୍କ ସେନାଦଳ ମଧ୍ୟରୁ ଗୋଟିଏ ଦଳ ମତଭେଦ କଲା ଓ ବିଦ୍ରୋହ କରି ପୃଥକ ହୋଇଗଲେ ଏବଂ ଖୱାରିଜ୍ ବୋଲାଇଲେ । ସେହି ଖୱାରିଜ୍‌ମାନେ ଯେତେବେଳେ ତହ୍‌କିମ୍‌କୁ ପାପ ବୋଲି ବିବେଚିତ କରି ହଜ୍‌ରତ୍ ଅଲୀ ର:ଅଙ୍କୁ ତୌବା ଅର୍ଥାତ କ୍ଷମା ପ୍ରାର୍ଥନା ଏବଂ ଖିଲାଫତ୍‌ରୁ ନିଲମ୍ବିତ ହେବାପାଇଁ ଦାବି କଲେ ସେତେବେଳେ ହଜ୍‌ରତ୍ ଅଲୀ ର:ଅ ସ୍ପଷ୍ଟ ରୂପେ ଏହାକୁ ଅସ୍ୱୀକାର କଲେ । ହଜ୍‌ରତ୍ ଅଲୀ ର:ଅ ଅମୀର ମୁଆୱିୟାକୁ ଅମୀରତ୍ୱକୁ କାହିଁକି ପ୍ରତ୍ୟାଖାନ କଲେ ଏହାର ବିଷଦ ବିବରଣୀ ପୂର୍ବେ ମଧ ଆଲୋଚନା ହୋଇସାରିଛି । ହଜ୍‌ରତ୍ ଅଲୀ ର:ଅ ଅମୀର ମୁଆୱିୟା ବିରୋଧରେ ପୁର୍ନବାର ସିରିୟା ଆଡ଼କୁ ଯୁଦ୍ଧ ପ୍ରସ୍ତୁତି ପାଇଁ ବ୍ୟସ୍ତ ଥିଲେ କି ଖୱାରିଜ୍‌ମାନେ ଉପଦ୍ରବତା ଆରମ୍ଭ କରିଦେଲେ । ସେମାନେ ଅବ୍‌ଦୁଲ୍ଲାଃ ବିନ୍ ୱହବ୍ ଖାର୍‌ଜିକୁ ନିଜର ଇମାମ୍ ରୂପେ ନିର୍ବାଚିତ କଲେ ଏବଂ କୁଫାଠାରୁ ନହ୍‌ରୱାନ୍ ଅଭିମୁଖେ ବାହାରିପଡ଼ିଲେ । ଖୱାରିଜ୍‌ମାନେ ବସ୍‌ରାଠାରେ ମଧ୍ୟ ନିଜର ସେନାସାମନ୍ତ ଏକତ୍ରିତ କଲେ ଏବଂ ଏହାପରେ ନହର୍‌ୱାନ୍‌ରେ ଅବ୍‌ଦୁଲ୍ଲାଃ ବିନ୍ ୱହବ୍‌ଙ୍କର ସନ୍ୟଦଳ ସହିତ ଯାଇ ମିଶିଲେ ।

ହଜୁର ସ:ଆ:ସଙ୍କର ଜଣେ ସାହାବି ଯିଏ କି ହଜ୍‌ରତ୍ ଅଲୀ ର:ଅଙ୍କୁ ସମର୍ଥନ ଜଣାଇବାରୁ ଖୱାରିଜ୍‌ମାନେ ତାଙ୍କୁ ହତ୍ୟାକଲେ ଏବଂ ତାଙ୍କର ଗର୍ଭବତୀ ପତ୍ନୀଙ୍କୁ ଅତ୍ୟନ୍ତ ନିର୍ମମ ଭାବରେ ଗର୍ଭଚିରି ତାଙ୍କୁ ହତ୍ୟା କରିଦେଲେ ଏବଂ ତୈଇନ୍ ନାମକ ସମ୍ପ୍ରଦାୟର ତିନିଜଣ ମହିଳାଙ୍କୁ ମଧ୍ୟ ହତ୍ୟାକଲେ ହଜ୍‌ରତ୍ ଅଲୀଙ୍କ ନିକଟରେ ଯେବେ ଏ ଖବର ପହଂଚିଲା ସେତେବେଳେ ଅନୁସନ୍ଧାନ ପାଇଁ ହାରିସ୍ ବିନ୍ ମୁର୍‌ରାଃଙ୍କୁ ରାଜଦୂତ ରୂପେ ପଠାଇଲେ । ଯେତେବେଳେ ସେ ସେଠାରେ ପହଂଚିଲେ ଖୱାରିଜ୍ ତାଙ୍କୁ ମଧ ହତ୍ୟା କରିଦେଲେ । ଏହିଭଳି ପରିସ୍ଥିତିକୁ ଦେଖି ହଜ୍‌ରତ୍ ଅଲୀ ର:ଅ ସିରିୟା ଯିବାର ଇଚ୍ଛାକୁ ପରିହାର କରିଦେଲେ ଏବଂ ପ୍ରାୟ ୬୫ ହଜାର ସଂଖ୍ୟକ ସୈନ୍ୟଦଳ ଯାହାକୁ ଧରି ସେ ସିରିୟା ଅଭିମୁଖେ ଯିବାକୁ ବାହାରିଥିଲେ । ତାହାକୁ ଧରି ସେ ଖୱାରିଜ୍ ସମ୍ପ୍ରଦାୟର ମୁକାବିଲା ପାଇଁ ବାହାରିଲେ । ଯେତେବେଳେ ହଜ୍‌ରତ୍ ଅଲୀ ର:ଅ ନହର୍‌ୱାନ୍ ନାମକ ସ୍ଥାନରେ ପହଂଚିଲେ ସେତେବେଳେ ହଜ୍‌ରତ୍ ଅଲୀ ର:ଅ ଖୱାରିଜ୍ ଗୋଷ୍ଠୀକୁ ସନ୍ଧିପାଇଁ ଆମନ୍ତ୍ରିତ କଲେ ଏବଂ ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀଙ୍କୁ ଧ୍ୱଜା ପ୍ରଦାନ କଲେ ଏବଂ କହିଲେ, ଯିଏ ଧ୍ୱଜା ତଳକୁ ଆସିଯିବ ସିଏ ଆମ ସୁରକ୍ଷା ବଳୟ ମଧ୍ୟରେ ଚାଲି ଆସିବ ତାହା ସହିତ ଯୁଦ୍ଧ ହେବନାହିଁ ଉକ୍ତ ଘୋଷଣାକୁ ଶୁଣି ଖୱାରିଜ୍ ଯାହାଙ୍କର ସଂଖ୍ୟା ୪ ହଜାର ଥିଲା ତନ୍ମଧ୍ୟରୁ ଶହେଜଣ ହଜ୍‌ରତ୍ ଅଲୀ ର:ଅଙ୍କ ସହିତ ସାମିଲ ହୋଇଗଲେ ଏବଂ ବହୁ ସଂଖ୍ୟକ ସେନା କୁଫାକୁ ଫେରିଯାଇଥିଲା କେବଳ ୧୮୦୦ ଜଣ ବ୍ୟକ୍ତି ଅବ୍‌ଦୁଲ୍ଲାଃ ବିନ୍ ୱହବ୍ ଖାରିଜ୍‌ଙ୍କ ନେତୃତ୍ୱରେ ଆଗକୁ ଅଗ୍ରସର ହେଲା ଏବଂ ହଜ୍‌ରତ୍ ଅଲୀ ର:ଅଙ୍କ ୬୫ ହଜାର ସେନାଦଳ ସହିତ ଯୁଦ୍ଧ କଲା ଯେଉଁଥିରେ ସମସ୍ତ ଖୱାରିଜ୍‌ମାନେ ନୀହତ ହେଲେ ଏକ ବର୍ଣ୍ଣନା ଅନୁଯାୟୀ ଖୱାରିଜ୍‌ର ସାଧାରଣ ସୈନ୍ୟ ସଂଖ୍ୟା କେବଳ ୧୦ରୁ ମଧ୍ୟ କମ୍ ରହିଯାଇଥିଲା । ହଜ୍‌ରତ୍ ଅଲୀ ର:ଅଙ୍କର ସେନାଦଳରୁ ସାତଜଣ ବ୍ୟକ୍ତି ଶହୀଦ ହୋଇଥିଲେ । ***(ଅଲ୍‌କାମିଲ୍ ଫିଲ୍ ତାରିଖ୍.... ଖଣ୍ଡ-୩, ପୃ-୨୧୨-୨୨୩.... ବେରୁତ ଲେବ୍‌ନାନ୍ ୨୦୦୩)***

ହଜ୍‌ରତ୍ ଉମ୍ରୋ ବିନ୍ ଅବ୍‌ଦୁର୍ ରହ୍‌ମାନ୍ ବର୍ଣ୍ଣନା କରନ୍ତି କି ହଜ୍‌ରତ୍ ଅଲୀ ର:ଅ ଯେତେବେଳେ ବସ୍‌ରା ଅଭିମୁଖେ ବାହାରିଲେ ସେତେବେଳେ ବିଦାୟ ମୂଳକ ସାକ୍ଷାତ ପାଇଁ ନବୀ ସ:ଆ:ସଙ୍କ ପବିତ୍ର ପତ୍ନୀ ହଜ୍‌ରତ୍ ଉମ୍ମେ ସଲ୍‌ମାଙ୍କ ସେବାରେ ଉପସ୍ଥିତ ହେଲେ । ସେ କହିଲେ ଆପଣ ଅଲ୍ଲାଃ ତାଲାଙ୍କ ସୁରକ୍ଷା ବଳୟ ମଧ୍ୟକୁ ଯାଆନ୍ତୁ ଅର୍ଥାତ ହଜ୍‌ରତ୍ ଅଲୀ ର:ଅଙ୍କୁ କହିଲେ, କି ଆପଣ ଅଲ୍ଲାଃ ତାଲାଙ୍କ ସୁରକ୍ଷା ବଳୟ ମଧ୍ୟକୁ ଯାଆନ୍ତୁ । ମୁଁ ଈଶ୍ୱରଙ୍କ ରାଣ ଖାଇ କହୁଛି ନିଃସନ୍ଦେହ ଆପଣ ସତ୍ୟପକ୍ଷରେ ଅଛନ୍ତି ଏବଂ ସତ୍ୟ ଆପଣଙ୍କ ସହିତ ଅଛି । ରସୁଲୁଲ୍ଲାଃ ସ:ଆ:ସ ଆମଙ୍କୁ ଘରେ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି ଅତଏବ ଯଦି ଅଲ୍ଲାଃ ତାଲା ଓ ତାହାଙ୍କ ବାର୍ତାବହଙ୍କ ଅବଜ୍ଞାର ଭୟ ନଥାନ୍ତା ତାହେଲେ ମୁଁ ଆପଣଙ୍କ ସାଥିରେ ଯାଆନ୍ତି କିନ୍ତୁ ମୁଁ ତଥାପି ଈଶ୍ୱରଙ୍କ ଶପଥ କରି କହୁଛି ମୋର ସୁପୁତ୍ର ଉମ୍‌ରଙ୍କୁ ଆପଣଙ୍କ ସହିତ ପ୍ରେରଣ କରୁଛି ଯିଏ ମୋ ନିକଟରେ ସର୍ବୋତମ ବ୍ୟକ୍ତି ଏବଂ ସେ ମୋର ପ୍ରାଣଠାରୁ ଅଧିକ ପ୍ରୀୟ । ***(ଅଲ୍‌ମୁସ୍‌ତଦ୍‌ରକ..... ଖଣ୍ଡ-୩, ପୃଷ୍ଠା-୧୨୯.... ହଦିସ୍ ନଂ ୪୬୧୧... ବେରୁତ ୨୦୦୨)***

ସେ ଯାହା ହେଉ ନା କାହିଁକି ହଜ୍‌ରତ୍ ଅଲୀ ର:ଅଙ୍କ ସମ୍ପର୍କୀତ ଆଲୋଚନା ଅଭ୍ୟାହତ ରହିଛି ଇନ୍‌ଶାଅଲ୍ଲାଃ ତାଲା ଏହାର ଅବଶିଷ୍ଟାଂଶ ଆସନ୍ତା ଖୁତବାରେ ବର୍ଣ୍ଣନା କରାଯିବ ।

ଆଜି ମଧ ମୁଁ ପାକିସ୍ତାନ ଓ ଉପଦ୍ୱୀପରେ ବସବାସ କରୁଥିବା ଅହେମଦୀମାନଙ୍କ ପାଇଁ ଦୁଆ କରବାକୁ ପୁନଶ୍ଚ ଆହ୍ୱାନ ଜଣାଉଛି । ଉପଦ୍ୱୀପରୁ ଏକ ଭଲ ଖବର ରହିଛି ଯେ ବିଗତ କିଛି ଦୁଇ ତିନିଦିନ ହେଲା ଦୁଇଟି ଭିନ୍ନ ଭିନ୍ନ ନ୍ୟାୟାଳୟ ମିଥ୍ୟାରୋପରେ ଗିରଫ ହୋଇଥିବା ଅହେମଦୀମାନଙ୍କୁ ନିର୍ଦ୍ଦୋଶ ଭାବରେ ଖଲାସ୍ କରିଛି । ଅଲ୍ଲାଃ ତାଲା ସେହି ନ୍ୟାୟପ୍ରୀୟ ନ୍ୟାୟଧିଶଙ୍କୁ ଏହାର ପୁରସ୍କାର ପ୍ରଦାନ କରନ୍ତୁ ଏବଂ ଅନ୍ୟ ଶାସକଙ୍କୁ ମଧ୍ୟ ଯେଉଁମାନେ ଅହେମଦୀମାନଙ୍କ ବିରୁଦ୍ଧରେ ମିଥ୍ୟା ମୋକଦ୍ଦମା ରୁଜୁ କରୁଛନ୍ତି ଅଲ୍ଲାଃ ତାଲା ସେମାନଙ୍କୁ ନ୍ୟାୟ ବଜାୟ ରଖିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ପାକିସ୍ତାନର କେତେକ ଉଚ୍ଚ ପଦାଧିକାରୀମାନେ ଏବଂ ନ୍ୟାୟପ୍ରୀୟ ସ୍ୱଭାବ ବ୍ୟକ୍ତିମାନେ ଯେଉଁମାନେ ନ୍ୟାୟଠାରୁ ଦୁରେଇ ରହିଛନ୍ତି ନିଜର କ୍ଷମତାର ଅବୈଧ ଓ ଅପବ୍ୟବହାର କରୁଛନ୍ତି ସେମାନଙ୍କୁ ମଧ୍ୟ ଅଲ୍ଲାଃ ତାଲା ସାମର୍ଥ୍ୟ ପ୍ରଦାନ କରନ୍ତୁ ଯେ ସେମାନେ ନିଜ ହୃଦୟ ମଧରେ ଥିବା ବିଦ୍ୱେଷ ଭାବକୁ କାଢ଼ି ଫିଙ୍ଗନ୍ତୁ ଏବଂ ଘଟଣାର ସତ୍ୟାସତ୍ୟକୁ ଅନୁଧାନ କରନ୍ତୁ । ଯେଉଁ ବ୍ୟକ୍ତିଙ୍କର ସଂସ୍କାର ଅଲ୍ଲାଃ ତାଲାଙ୍କ ନିକଟରେ ନିୟତିକୃତ ନୁହେଁ ଅଲ୍ଲାଃ ତାଲା ସେମାନଙ୍କୁ ଧରିବାପାଇଁ ମଧ୍ୟ ମାଧ୍ୟମ ସୃଷ୍ଟି କରନ୍ତୁ ଏବଂ ଅହେମଦୀମାନଙ୍କ ପାଇଁ ପାକିସ୍ତାନରେ ଶାନ୍ତି ଓ ସଦ୍‌ଭାବନାର ବାତାବରଣ ସୃଷ୍ଟି କରିଦିଅନ୍ତୁ । ପାକିସ୍ତାନୀ ଅହେମଦୀ ପାକିସ୍ତାନରେ ବସବାସ କରୁଥିବା ଅହେମଦୀମାନେ ବିଶେଷରୂପେ ନୱାଫିଲ୍ ନମାଜ ଓ ଦୁଆ ପ୍ରତି ଧ୍ୟାନ କେନ୍ଦ୍ରିତ କରନ୍ତୁ ଓ ଗୁରୁତ୍ୱ ଦିଅନ୍ତୁ । ଦୁଆ କରିବା ବେଳେ ସେହି ଦୁଆଗୁଡ଼ିକୁ ଆବୃତି କରନ୍ତୁ ଅର୍ଥାତ

**ରବ୍ବି କୁଲ୍ଲୁ ଶୈଇନ୍ ଖାଦିମୁକା ରବ୍ବି ଫାହ୍‌ଫଜ୍‌ନି ୱ୍‌ନ୍‌ସୁର୍‌ନି ୱ୍‌ର୍‌ହମ୍‌ନି । ଅଲ୍ଲାଃହୁମ୍ମା ଇନ୍ନା ନଜ୍‌ଅଲୁକା ଫି ନୁହୁରିହିମ୍ ୱ ନଉଜୁ ବିକା ମିନ୍ ଶୁରୁରିହିମ୍** ମଧ ଅଧିକ ପଢ଼ନ୍ତୁ । ଇସ୍ତେଗ୍‌ଫାର୍ ପ୍ରତି ଧ୍ୟାନ ଦିଅନ୍ତୁ । ଦରୁଦ୍ ଶରିଫ୍ ପ୍ରତି ମଧ ଧ୍ୟାନ ଦିଅନ୍ତୁ । ଆଜିକାଲି ଏହାର ଅଧିକ ଆବଶ୍ୟକତା ରହିଛି । ନୱାଫିଲ୍ ମଧ ଅଧିକରୁ ଅଧିକ ସମ୍ପାଦନ କରନ୍ତୁ । ଯେପରି ମୁଁ କହିଲି ଅଲ୍ଲାଃ ତାଲା ସେମାନଙ୍କୁ ମଧ୍ୟ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ଶିଘ୍ର ସେଠାରେ ପରିସ୍ଥିତି ସୁଧୁରି ଯାଉ ଏବଂ ପରିସ୍ଥିତି ସାମାନ୍ୟ ହୋଇଯାଉ ।

ଆଜି ମଧ ମୁଁ ନମାଜ ପରେ କେତେକ ମୃତକଙ୍କର ନମାଜ ଯନାଜାଃ ଗାଏବ୍ ପଢ଼ାଇବି ।

ତନ୍ମଧ୍ୟରୁ ପ୍ରଥମ ନମାଜ ଯନାଜାଃ ହେଲା ସମ୍ମାନନୀୟ ସ୍ୱର୍ଗତା ହୁମ୍‌ଦା ଅବ୍‌ବାସ୍ ସାହେବାଙ୍କର ଯିଏ ଖୈର୍‌ପୁରର ସମ୍ମାନନୀୟ ଅବ୍‌ବାସ୍ ବିନ୍ ଅବ୍‌ଦୁଲ୍ଲ କାଦିର୍ ସାହେବଙ୍କର ପତ୍ନୀ ଥିଲେ । ଡ଼ିସେମ୍ବର ମାସ ୨୯ ତାରିଖ ଦିନ ୯୧ ବର୍ଷ ବୟସରେ ତାଙ୍କର ନିଧନ ହୋଇଛି, *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ* ।

ତାଙ୍କ ପିତା ଡ଼ାକ୍ତର ମୁହମ୍ମଦ ଇବ୍ରାହିମ୍ ସାହେବ୍ କିଙ୍ଗ୍ ଏଡ଼୍‌ୱାଡ଼୍ ମେଡ଼ିକାଲ କଲେଜରେ ପାଠ କରିବା ସମୟରେ ୧୯୨୬ ମସିହାରେ ନିଜର ଅହେମଦୀ ସହପାଠୀଙ୍କ ଦ୍ୱାରା ବହୁତ ପ୍ରଭାବିତ ହୋଇ ନିଜର ପତ୍ନୀ ସହିତ ହଜ୍‌ରତ୍ ମୁସ୍‌ଲେ ମଉଦ୍ ର:ଅଙ୍କ ହସ୍ତରେ ବୟତ କରି ଅହେମଦୀୟତ ଗ୍ରହଣ କରିଥିଲେ । ୧୯୫୧ ମସିହାର ମେ ମାସରେ ଲାହୋର୍‌ଠାରେ ହୁମ୍‌ଦା ଅବ୍‌ବାସ ସାହିବାଙ୍କ ବିବାହ ପ୍ରଫେସର ଅବ୍‌ବାସ ବିନ୍ ଅବ୍‌ଦୁଲ୍ କାଦିର୍ ସାହେବଙ୍କ ସହିତ ହୋଇଥିଲା ଯିଏ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ସାହାବି ମୌଲାନା ଅବ୍‌ଦୁଲ୍ଲ ମାଜିଦ୍ ସାହେବଙ୍କ ପୌତ୍ର ଥିଲେ ଏବଂ ହଜ୍‌ରତ୍ ସୟଦା ସାରା ବେଗମ୍ ସାହିବା ହଜ୍‌ରତ୍ ଖଲିଫତୁଲ୍ ମସିହ ସାନି ର:ଅଙ୍କ ପତ୍ନୀଙ୍କ ବଡ଼ ଭାଇ ପ୍ରଫେସ୍‌ର ଅବ୍‌ଦୁଲ୍ଲ କାଦିର୍ ସାହେବଙ୍କ ସୁପୁତ୍ର ଥିଲେ । ୧୯୭୪ ମସିହାରେ ତାଙ୍କର ସ୍ୱାମୀ ଅବାସ୍ ବିନ୍ ପ୍ରଫେସର ଅବ୍‌ଦୁଲ୍ଲ କାଦିର୍ ସାହେବଙ୍କୁ ଖୈର୍‌ପୁରଠାରେ ଦୁର୍ବୃତମାନେ ଶହୀଦ କରିଦେଇଥିଲେ ସେ ଧୈର୍ଯ୍ୟହରା ନ ହୋଇ ଧୈର୍ଯ୍ୟର ଉତମ ପରିଚୟ ଦେଇଥିଲେ ଓ ଅଲ୍ଲାଃ ତାଲାଙ୍କ ପ୍ରସନ୍ନତାରେ ରାଜି ରହିଥିଲେ । ତାଙ୍କ ସ୍ୱାମୀଙ୍କ ସାହାଦତ୍‌ରେ ଅଣଅହେମଦୀମାନଙ୍କ ମଧ୍ୟରୁ ତାଙ୍କ ମାଉସିଙ୍କ ପୁତ୍ର ମଧ୍ୟ ଶୋକ ପତ୍ରରେ ଉଲ୍ଲେଖ କରିଥିଲେ କି ଅବ୍‌ବାସ ଜଣେ ଉତମ ବ୍ୟକ୍ତି ଥିଲେ କାଳେ ସେ ସତ୍‌ମାର୍ଗରେ ରହିଥାନ୍ତେ କି ଅର୍ଥାତ ଅହେମଦୀ ହୋଇନଥାନ୍ତେ । ପ୍ରତିଉତରରେ ହୁମ୍‌ଦା ସାହେବା ଉଲ୍ଲେଖ କଲେ କି ମୁଁ ଏଥିପାଇଁ ଗର୍ବିତ ଯେ ମୋର ସ୍ୱାମୀ ଯେଉଁପଥରେ ଜୀବନ ଉତ୍ସର୍ଗ କଲେ ତାହା ସତ୍‌ପଥର ମାର୍ଗ ଅଟେ ।

ହୁମ୍‌ଦା ସାହେବାଙ୍କର ସ୍କୁଲ୍ ଜୀବନରେ ସଫିକା ସାହିବା ନାମକ ଜଣେ ବାଳିକା ସହପାଠୀ ଥିଲେ ଯିଏ ସଂଯୋଗବସତଃ ପାକିସ୍ତାନର ଜେନେରାଲ୍ ଜିଆଉଲ ହକ୍‌ର ପତ୍ନୀ ଥିଲେ । ଏକଦା ସେ ନିଜ ସ୍ୱାମୀଙ୍କ ରାଷ୍ଟ୍ରପତି ହେବାପରେ କହିଲେ ଅର୍ଥାତ ଜିଆଉଲ୍ ହକ୍‌ର ପତ୍ନୀ କହିଲେ କି ସମସ୍ତ ଲୋକମାନେ ମୋ ସହିତ ସାକ୍ଷାତ କରିବାକୁ ଆସୁଛନ୍ତି କିନ୍ତୁ ହୁମ୍‌ଦା ଆସୁନାହିଁ । ହୁମ୍‌ଦା ସାହିବାଙ୍କୁ ଯେତେବେଳେ ଏହି ଖବର ମିଳିଲା ସେତେବେଳେ ସେ କହିଲେ, ମୁଁ ଏଭଳି ବ୍ୟକ୍ତିର ପତ୍ନୀଙ୍କୁ ସାକ୍ଷାତ କରିବାକୁ ଚାହେଁନାହିଁ କି ମୋ ମନରେ କୌଣସି ଅଭିଳାଷା ନାହିଁ ଯିଏ ମୋର ପ୍ରୀୟ ଇମାମ୍ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ଯମାତ୍ ସହିତ ଶତୃତା କରୁଛି ଏବଂ ଏହାପରେ ହୁମ୍‌ଦା ସାହିବା ତାକୁ କେବେବି ସାକ୍ଷାତ କରିନଥିଲେ ।

ସ୍ୱର୍ଗତା ହୁମ୍‌ଦା ଅବ୍‌ବାସ୍ ସାହେବା ଅସଂଖ୍ୟ ଗୁଣାବଳୀର ଅଧିକାରି ଥିଲେ, ଅତ୍ୟନ୍ତ ସ୍ୱଚ୍ଛତା ଓ ପବିତ୍ରତା ପ୍ରୀୟ ମହିଳା ଥିଲେ, ଶିଷ୍ଟାଚାରୀ ଓ ଅତ୍ୟନ୍ତ ଗୁଣବାନ ନୈଷ୍ଠିକ ମହିଳା ଥିଲେ । ସେ ସର୍ବଦା ନିୟମିତ ରୂପେ ନମାଜ ପାଠ କରୁଥିଲେ ଓ ରୋଜାର ଆୟୋଜନ କରୁଥିଲେ । ପିଲାମାନଙ୍କୁ ମଧ୍ୟ ନମାଜ ଓ ରୋଜାର ଅଭ୍ୟାସ କରାଉଥିଲେ । ଚାନ୍ଦା ଦେବାରେ ସର୍ବଦା ତତ୍ପର ରହୁଥିଲେ । ସେ ଦାନ ଓ ଧର୍ମ କାର୍ଯ୍ୟ କରିବାପାଇଁ ମଧ ସର୍ବଦା ପ୍ରସ୍ତୁତ ରହୁଥିଲେ । ପବିତ୍ର ଧର୍ମ ମାସ ରମ୍‌ଜାନ ମାସରେ ଅନେକ ଲୋକମାନଙ୍କ ପାଇଁ ନିଜ ଘରେ ପ୍ରତିଦିନ ରୋଜା ଇଫ୍‌ତାର କରିବାର ବ୍ୟବସ୍ଥା କରୁଥିଲେ । ଖିଲାଫତ୍ ସହିତ ତାଙ୍କର ସମ୍ପର୍କ ବେଶ୍ ଘନିଷ୍ଠ ଥିଲା । ସେ ଖିଲାଫତ୍‌କୁ ବହୁତ ଭଲ ପାଉଥିଲେ । ନିୟମିତ ରୁପେ ହଜୁରଙ୍କ ନିକଟକୁ ସ୍ୱହସ୍ତରେ ପତ୍ର ଲେଖୁଥିଲେ । ସବୁବେଳେ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ପୁସ୍ତକର ଅଧ୍ୟୟନ କରୁଥିଲେ ଏବଂ ସମ୍ପ୍ରଦାୟର ଅନ୍ୟାନ୍ୟ ପୁସ୍ତକ ଯେପରି ଅଲ୍‌ଫଜଲ୍ ଆଦି ଶେଷ ଜୀବନ ପର୍ଯ୍ୟନ୍ତ ଅଧ୍ୟୟନ କରୁଥିଲେ । ୨୦୦୬ ମସିହାରେ ତାଙ୍କର ସାନ ପୁତ୍ରୀ ଡ଼ାକ୍ତର ଆମିରା ସଡ଼କ ଦୁର୍ଘଟଣାରେ ଦୁଇ ସନ୍ତାନଙ୍କ ସହିତ ପ୍ରାଣ ହରାଇଥିଲେ । ଏହି ଆଘାତକୁ ମଧ୍ୟ ସେ ବେଶ୍ ଧୈର୍ଯ୍ୟର ସହିତ ସହ୍ୟ କରିଥିଲେ ଏବଂ ଧୈର୍ଯ୍ୟର ଏକ ଦୃଷ୍ଟାନ୍ତ ସାବ୍ୟସ୍ତ ହୋଇଥିଲେ । ତାଙ୍କର ସମସ୍ତ ବନ୍ଧୁବାନ୍ଧବ ଓ ପରିଜନମାନେ ତାଙ୍କର ଅସଂଖ୍ୟ ସୁଗୁଣାବଳୀ ବଖାଣିଛନ୍ତି । ଅଣଅହେମଦୀ ସମ୍ପର୍କୀୟମାନେ ମଧ ତାଙ୍କର ସୁଗୁଣମାନ ବର୍ଣ୍ଣନା କରିଛନ୍ତି । ମୃତକଙ୍କର ତିନିପୁତ୍ରି ଓ ଦୁଇଜଣ ପୁତ୍ର ସାମିଲ ଅଛନ୍ତି ଓ ଏମାନେ ସମସ୍ତେ ଆମେରିକା, କାନାଡ଼ା ଓ ନରଓ୍ୱେ ଆଦି ଦେଶରେ ବସବାସ କରୁଛନ୍ତି । ଅଲ୍ଲାଃ ତାଲା ସ୍ୱର୍ଗତାଙ୍କ ସନ୍ତାନସନ୍ତତିଙ୍କୁ ତାଙ୍କର ପୂଣ୍ୟାବଳୀଗୁଡ଼ିକୁ ଅଭ୍ୟାହତ ରଖିବାପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଓ ବୈକୁଣ୍ଠରେ ତାଙ୍କ ସ୍ତରକୁ ଉନ୍ନିତ କରନ୍ତୁ ।

ଦ୍ୱିତୀୟ ଯନାଜାଃ ହେଉଛି ସମ୍ମାନନୀୟ ସ୍ୱର୍ଗତ ରିଜୱାନ୍ ସୟଦ୍ ନଇମି ସାହେବଙ୍କର । ସେ ଇରାକ୍‌ର ଅଧିବାସୀ ଥିଲେ ଗତ ନଭେମ୍ବର ମାସ ୧୩ ତାରିଖ ଦିନ ୭୦ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଥିଲା । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ* ।

ତାଙ୍କ ସୁପୁତ୍ର ମୁସ୍ତଫା ନଇମ୍ ସାହେବ୍ ଉଲ୍ଲେଖ କରନ୍ତି ଯେ ମୋ ପିତାଶ୍ରୀ ସ୍ୱପ୍ନରେ ସ୍ୱୟମଂ ଅବ୍‌ଦୁଲ୍ଲ କାଦିର୍ ଜିଲାନି ସାହେବ ର:ଅଙ୍କୁ ଦେଖିଲେ ସେ ମୋ ପିତାଙ୍କୁ ନିଜର ଜୋତା ପ୍ରଦାନ କଲେ କିନ୍ତୁ ପିତାଶ୍ରୀ ତାଙ୍କ ଜୋତା ନେବାକୁ ଦ୍ୱିଧା ପ୍ରକାଶ କଲେ କି ମୋର କଣ ଅଉକାତ ଯେ ମୁଁ ଅବ୍‌ଦୁଲ୍ କାଦିର୍ ଜିଲାନିଙ୍କ ଜୋତା ପିନ୍ଧିବି କିନ୍ତୁ ସଇଦ୍ ଅବ୍‌ଦୁଲ୍ଲ କାଦିର୍ ଜିଲାନି ଅଳି କଲେ କି ଆପଣ ଅବଶ୍ୟ ନିଅନ୍ତୁ ଓ ପିନ୍ଧନ୍ତୁ ତେଣୁ ପିତାଶ୍ରୀ ତାହା ଗ୍ରହଣ କଲେ ଓ ତାହା ପିନ୍ଧି ନେଲେ । ତା'ପରେ ସୟଦ୍ ଅବ୍‌ଦୁଲ୍ଲ କାଦିର୍ ଜିଲାନି ଜଣେ ବ୍ୟକ୍ତି ଓ ତାହାର ସମ୍ପ୍ରଦାୟ ଆଡ଼କୁ ଇଙ୍ଗିତ କରି ପିତାଶ୍ରୀଙ୍କୁ ସେହି ସମ୍ପ୍ରଦାୟରେ ସାମିଲ ହେବାପାଇଁ ଆଦେଶ ଦେଲେ । ଏହାପରେ ରିଜୱାନ୍ ସୟଦ୍ ନଇମ୍ ସାହେବ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଦର୍ଶନ ମଧ କଲେ । କିଛି ବର୍ଷ ପରେ ଏମ୍‌ଟିଏ ମାଧ୍ୟମରେ ଯମାତ୍ ସହିତ ତାଙ୍କର ପରିଚୟ ହେଲା ତେବେ ରିଜୱାନ୍ ସୟଦ୍ ନଇମ୍ ସାହେବ କହିଲେ କି ସେ ସ୍ୱପ୍ନରେ ହଜୁର ସ:ଆ:ସଙ୍କୁ ଦେଖିଥିଲେ ତହିଁରୁ ତାଙ୍କର ସତ୍ୟବାଦି ଦାସ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଆବିର୍ଭାବ ଯଥାର୍ଥ ଥିଲା ଏବଂ ଦ୍ୱିତୀୟ ସ୍ୱପ୍ନରେ ଯେଉଁ ବ୍ୟକ୍ତି ଓ ତାଙ୍କର ସମ୍ପ୍ରଦାୟ ଆଡ଼କୁ ଶେଖ୍ ଅବ୍‌ଦୁଲ୍ଲ କାଦିର ଜିଲାନି ଇଙ୍ଗିତ କରିଥିଲେ କି ସେହି ସମ୍ପ୍ରଦାୟରେ ସାମିଲ ହୋଇଯିବ । ତହିଁରୁ ଯର୍ଥାଥ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଓ ତାଙ୍କର ଯମାତ୍ ଅଟେ । ଅତଏବ ୨୦୧୨ ମସିହାରେ ସେ ବୟତ କରି ଯମାତ୍ ଅହେମଦୀୟାରେ ସାମିଲ ହୋଇଯାଇ ଥିଲେ ।

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)*

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

ତାଲିବେ ଦୁଆ: *Abdul Chand & Family, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: *Idrish Khan, Jamat Ahmadiyya, Kerang (Odisha)*

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly BADAR Qadian ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2020-2022 Vol.6 Thursday 04 feb 2021 Issue No. 05

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ANNUAL SUBSCRIPTION:Rs.500/- (Per Issue:Rs.9/-) (WEIGHT - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ୟୁରୋପ ଗସ୍ତ - (ସେପ୍ଟେମ୍ବର, ଅକ୍ଟୋବର ୨୦୧୯)

## ୦୯ ଅକ୍ଟୋବର ୨୦୧୯ (ବୁଧବାର)ର ଅବଶିଷ୍ଟାଂଶ

### ମସ୍‌ଜିଦ୍ ମେହେଦୀର ନିର୍ମାଣ ଓ ପରିଚୟ

ଷ୍ଟ୍ରାସ୍‌ବର୍ଗ ସହରର ଏକ ଗୁରୁତ୍ୱ ରହିଛି। ଏଠାରେ ୟୁରୋପିୟନ୍ ପାର୍ଲିଆମେଂଟ ୟୁରୋପିଅନ୍ କାଉଁସିଲ୍, ୟୁରୋପୀୟ ମାନବୀୟ ଅଧିକାର ଅଦାଲତ ମଧ୍ୟ ରହିଛି। ୟୁରୋପ୍‌ରେ ଏହି ସହରଟି ନିଜର ଏକ ସ୍ଥାନ ବଜାୟ ରଖିଛି। ହଜୁର ଅନଓ୍ୱର ଏହି ବାକ୍ୟ କହିଥିଲେ ଯେ ଏଠାରେ ଏକ ମସ୍‌ଜିଦ୍ ବନାନ୍ତୁ। ଅତଏବ ଅଲ୍ଲାଃ ତାଲା ଦୁଇ ବର୍ଷ ମଧ୍ୟରେ ଏପରି ପରିସ୍ଥିତି ସୃଷ୍ଟି କରିଦେଲେ ଯେ ୨୦୧୨ ମସିହାରେ ଯମାତ୍ ଏଠାରେ ୨୬୪୦ ବର୍ଗମିଟର ବିଶିଷ୍ଟ ଏକ ଜମି କିଣିବାକୁ ସୌଭାଗ୍ୟ ପ୍ରାପ୍ତ କଲା। ସେହି ଜମିରେ ପୂର୍ବରୁ ଏକ ବହୁତ ବଡ଼ ଅଟ୍ଟାଳିକା ତିଆରି ହୋଇ ରହିଥିଲା। ଏହି ତିନି ମହଲା ବିଶିଷ୍ଟ ଅଟ୍ଟାଳିକାରେ ୧୫ଟି କୋଠରୀ ରହିଛି। ଅଟ୍ଟାଳିକା ସହିତ ସଂଲଗ୍ନ ଗୋଟିଏ ବହୁତ ବଡ଼ ହଲ୍ ମଧ୍ୟ ରହିଛି। ଜାଗା କିଣିବାପରେ କାଉଁସିଲ୍‌ରେ କାଗଜପତ୍ର ପ୍ରସ୍ତୁତି ଏବଂ ବିଭିନ୍ନ କାର୍ଯ୍ୟର ସମ୍ପାଦନ, ଯୋଜନା ଏବଂ ନକ୍ସା ଇତ୍ୟାଦିର ମଞ୍ଜୁରୀ ନିମନ୍ତେ କାରବାର ଜାରି ରହିଲା। ପରିଶେଷରେ ୬ ଜୁନ୍ ୨୦୧୬ ମସିହାରେ କାଉଁସିଲ୍ ତରଫରୁ ମସ୍‌ଜିଦ୍ ବନାଇବାକୁ ଅନୁମତି ମିଳିଗଲା। ସେହି କ୍ଷଣି ହଜୁରଙ୍କ ଗୋଚରରେ ଏତେଲା ଦିଆଗଲା। ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ‘‘ଅଲ୍ଲାଃ ଆପଣମାନଙ୍କୁ ଏକ ସୁନ୍ଦର ମସ୍‌ଜିଦ୍ ନିର୍ମାଣ କରିବାପାଇଁ ସୌଭାଗ୍ୟ ପ୍ରଦାନ କରନ୍ତୁ।’’

ଅତଏବ ଯେଉଁ ମସ୍‌ଜିଦ୍ ଏବେ ନିର୍ମାଣ ହୋଇଛି, ସେଥିରେ କାନୁନ୍ ଅନୁସାରେ ୨୫୦ ଜଣ ଲୋକଙ୍କ ପାଇଁ ନମାଜ ପାଠ କରିବାର ସ୍ଥାନ ରହିଛି। ଗୋଟିଏ ଯମାତି କାର୍ଯ୍ୟାଳୟ ଓ ଗୋଟିଏ ଲଜ୍‌ନା ଦଫ୍‌ତର ମଧ୍ୟ ରହିଛି। ଗୋଟିଏ ଲାଇବ୍ରେରୀ ମଧ୍ୟ ରହିଛି। ଗୋଟିଏ ବଡ଼ ମଲ୍‌ଟି ପ୍ରପୋଜ୍ ହଲ୍ ମଧ୍ୟ ରହିଛି, ଯାହାକୁ ବିଭିନ୍ନ ପ୍ରୋଗ୍ରାମ ପାଇଁ ବ୍ୟବହାର କରାଯାଇପାରିବ। ଯଦି ତାକୁ ନମାଜ ପାଠ ନିମନ୍ତେ ବ୍ୟବହାର କରାଯାଏ ତେବେ ଆହୁରି ୧୨୫ ଜଣ ଲୋକ ପଢ଼ିପାରିବେ। ଏହିପରି ପୂର୍ବରୁ ଥିବା ଅଟ୍ଟାଳିକାକୁ, ଯେଉଁଥିରେ ୧୫ଟି କୋଠରୀ ରହିଛି, ତା’ର ଗୋଟିଏ ଅଂଶକୁ ପୂନର୍ବାର ମରାମତି କରି ପ୍ରସ୍ତୁତ କରାଯାଇଅଛି।

ମୁରବୀ ହାଉସ୍ ପାଇଁ ଚାରୋଟି ରୁମ୍, ଗୋଟିଏ ପାଇଖାନା ଓ ଗୋଟିଏ ଗାଧୁଆଘର ଅଛି। ଏତଦ୍ ବ୍ୟତୀତ ଗୋଟିଏ ରହିବା ଆପାର୍ଟମେଂଟ୍ ଅଛି। ଯେଉଁଥିରେ ପାଂଚଟି କୋଠାରୀ (ଦୁଇଟି ବେଡ୍‌ରୁମ୍) ଗୋଟିଏ କାର୍ଯ୍ୟାଳୟ, ଗୋଟିଏ ବୈଠକ ଘର, କିଚେନ୍, ଟଏଲେଟ୍ ଏବଂ ବାଥ୍‌ରୁମ୍ ରହିଛି। ଏତଦ୍ ବ୍ୟତିତ ଗ୍ରାଉଣ୍ଡ ଫ୍ଲୋର୍‌ରେ ଚାରୋଟି ବେଡ୍‌ରୁମ୍, ଗୋଟିଏ ଦଫ୍‌ତର, ବାଥ୍‌ରୁମ୍ ଏବଂ ଟଏଲେଟ୍ ତିଆରି ହୋଇଛି।

ମସ୍‌ଜିଦ୍‌ରେ ୦୬ଟି ବାଥ୍‌ରୁମ୍ ଏବଂ ଓ୍ୱଜୁ କରିବାପାଇଁ ଜାଗା ମଧ୍ୟ ରହିଛି। ଗୋଟିଏ ଚାରିକୋଣିଆ ମିନାର୍ ମସ୍‌ଜିଦ୍‌ର ଡ଼ାହାଣ ପାର୍ଶ୍ୱରେ ନିର୍ମାଣ କରାଯାଇଅଛି। ତାହାର ଉଚ୍ଚତା ହେଉଛି ଆଠ ମିଟର ଏବଂ ତା’ ଉପରେ ଗୋଟିଏ ଛୋଟିଆ ଗୁମ୍ବଦ ରଖାଯାଇଅଛି। ଏହି ମସ୍‌ଜିଦ୍‌ର ନିର୍ମାଣ କାର୍ଯ୍ୟରେ ବହୁଳ ଭାବେ ଓ୍ୱକାରେ ଅମଲ୍ କରାଯାଇଅଛି। ଆର୍କିଟେକ୍ଟ ଏଥିପାଇଁ ଏକ ମିଲିୟନ୍ ୟୁରୋ ଖର୍ଚ୍ଚ ହେବାର ବଜେଟ୍ ଦେଇଥିଲେ। ଓ୍ୱକାର ଅମଲ୍ ଜରିଆରେ ବହୁତ ଅର୍ଥ ବଂଚାଗଲା ଫଳତଃ ଏହି ମସ୍‌ଜିଦ୍‌ର ନିର୍ମାଣ କାର୍ଯ୍ୟରେ ୫ ଲକ୍ଷ ୩୦ ହଜାର ୟୁରୋ ଖର୍ଚ୍ଚ ହେଲା।

ଏହି ମସ୍‌ଜିଦ୍‌ଟି ଜମିର ଗୋଟିଏ କୋଣରେ ଅବସ୍ଥିତ। ତାହାର ଦୁଇ ପାର୍ଶ୍ୱରେ ସଡ଼କ ପଥ ରହିଛି। ଆଖପାଖର ଇଲାକା ଗୋଟିଏ ଖୋଲା ଇଲାକା ଓ ଚାଷଜମି ରହିଛି। ସେଥିଯୋଗୁଁ ବିଭିନ୍ନ ପାର୍ଶ୍ୱରୁ ଆସୁଥିବା ଲୋକମାନଙ୍କୁ ଏହି ମସ୍‌ଜିଦ୍‌ର ଅଟ୍ଟାଳିକାଟି ଦୂରରୁ ଦେଖାଯାଉଅଛି। ଏହି ମସ୍‌ଜିଦ୍‌ଟି ଏହି ଇଲାକାରେ ଇନ୍‌ଶାଅଲ୍ଲାଃ ହିଦାୟତ (ସତ୍‌ମାର୍ଗ ଦର୍ଶନ)ର ଏକ ମାର୍ଗଦର୍ଶିକା ପ୍ରମାଣିତ ହେବ।

## ୧୦ ଅକ୍ଟୋବର ୨୦୧୯ (ଗୁରୁବାର)

ହଜୁର ଅନଓ୍ୱର ଅ:ବ:ଅ ଠିକ୍ ପ୍ରତ୍ୟୁଷ ୬:୩୦ ରେ ମସ୍‌ଜିଦ୍ ମେହେଦୀଠାରେ ପଦାର୍ପର କରି ଫଜର ନମାଜ ପଢ଼ାଇଲେ। ଫଜର୍ ନମାଜ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସ ସ୍ଥଳୀକୁ ଲେଉଟି ଗଲେ। ସକାଳବେଳା ହଜୁର ଅନଓ୍ୱର ଅ:ବ:ଅ ବିଭିନ୍ନ ଦଫ୍‌ତିର କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ।

ଦିନ ୨:୧୫ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜସଦ୍ ମେହେଦୀରେ ପଦାର୍ପଣ କରି ଜୋହର୍ ଏବଂ ଅସର ନମାଜ ଯମା କରି ପଢ଼ାଇଲେ। ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ। ଉପରଓଳି ମଧ୍ୟ ହଜୁର ଅନଓ୍ୱର ଅ:ବ:ଅ ବିଭିନ୍ନ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାର ବ୍ୟସ୍ତ ରହିଲେ।

### ଫ୍ୟାମିଲି ସାକ୍ଷାତାକାର ଓ ଲୋକମାନଙ୍କର ଅଭିମତ ପ୍ରକାଶ

ପ୍ରୋଗ୍ରାମ ମୁତାବକ ସନ୍ଧ୍ୟା ୬:୩୦ ରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଦଫ୍‌ତର ଭିତରେ ପଦାର୍ପଣ କଲେ ଏବଂ ସେଠାରେ ଫ୍ୟାମିଲି ସାକ୍ଷାତକାର ଆରମ୍ଭ ହୋଇଗଲା। ଆଜି ସଂନ୍ଧ୍ୟାର ଏହି ସେଶନ୍‌ରେ ୩୩ଟି ଫ୍ୟାମିଲିର ୧୨୦ ଜଣ ସଦସ୍ୟ ନିଜ ପ୍ରିୟ ମୁନୀବଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ। ସାକ୍ଷାତ କରିବାକୁ ଆସିଥିବା ପରିବାର ଗୁଡ଼ିକ ଷ୍ଟ୍ରାସ୍‌ବର୍ଗ ଯମାତ୍ ସହିତ ସମ୍ପର୍କ ରଖିଥିଲେ। ଏମାନେ ସମସ୍ତେ ହଜୁରଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ମଧ୍ୟ ପାଇଲେ। ହଜୁର ଅନଓ୍ୱର ଅ:ବ:ଅ ବହତୁ ସ୍ନେହର ସହିତ ଶିକ୍ଷା ଆହରଣ କରୁଥିବା ଛାତ୍ରଛାତ୍ରୀମାନଙ୍କୁ କଲମ ପ୍ରଦାନ କଲେ ଏବଂ ଛୋଟ ଛୋଟ ପିଲାମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ। ଏମାନଙ୍କ ମଧ୍ୟରୁ କେତେକ ଫ୍ୟାମିଲି ବହୁ ଦିନ ପରେ ସାକ୍ଷାତ କରିବାକୁ ଅବସର ପାଇଲେ। ଏମାନେ ସମସ୍ତେ ପ୍ରିୟ ଆକାଙ୍କ ସାନ୍ନିଧ୍ୟ ଓ ଦର୍ଶନ ପ୍ରାପ୍ତ କଲେ।

ଜଣେ ବନ୍ଧୁ କହିଲେ ଯେ, ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ମୋର ସାକ୍ଷାତକାର ଦଶବର୍ଷ ପରେ ହୋଇଛି। ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ଆମ ହାତକୁ ଧରି ରଖିଲେ। ଆମ ପାଇଁ ଦୁଆ କଲେ ଓ ଫଟୋ ଉଠାଇବାକୁ ଅବସର ଦେଲେ। ଦଶବଁ ପରେ ମନ ହାଲୁକା ଲାଗୁଛି ଯେ ଏତେ ଦିନ ପରେ ଆମକୁ ଏ ସୌଭାଗ୍ୟ ମିଳିଲା ଓ ପ୍ରୀୟ ଆକାଙ୍କ ସହିତ ସାକ୍ଷାତ କରିବାର ବେଳ ଆସିଲା ଓ ମନ ଶାନ୍ତି ହୋଇଗଲା।

ଜଣେ ବନ୍ଧୁ ନିଜର ମନେଭାବାକୁ ବ୍ୟକ୍ତ କରି କହିଲେ ଯେ, ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଆମର ସାକ୍ଷାତ ୧୧ ବର୍ଷ ପରେ ହେଲା। ଏହା ପୂର୍ବରୁ ୨୦୦୮ ମସିହାରେ ସାକ୍ଷାତ ହୋଇଥିଲା ଯେବେ ହଜୁର ଅନଓ୍ୱର ଅ:ବ:ଅ ଫ୍ରାନ୍ସ ଆସଥିଲେ। ପ୍ରଥମେ ତ ଆମ ସାକ୍ଷାତ ହୋଇପାରୁନଥିଲା ଓ ଆମେ ଜାଣିଛୁ ଯେ ଆମ ଉପରେ କଣ ବିତୁଥିଲା। ଏଠାରେ ଯେବେ ଆମକୁ ସାକ୍ଷାତ କରିବାର ସୁଯୋଗ ମିଳିଲା, ତାହା ଆମେ ବର୍ଣ୍ଣନା କରିପାରିବୁନାହିଁ। ହଜୁରଙ୍କ ସହିତ ମିଶି ବହୁତ ଆନନ୍ଦ ଅନୁଭବ ହେଉଅଛି। ଏମିତି ଲାଗୁଛି ଯେମିତି ଲୋକମାନେ ପ୍ରଜାପତିଙ୍କ ଭଳି ଆଲୋକ ନିକଟରେ ଏକତ୍ରିତ ହୋଇଯାଇଛନ୍ତି। ପ୍ରତ୍ୟେକଙ୍କର ଏ ଅଭିଳାଷ ଯେ ସେ ହଜୁରଙ୍କ ସହିତ କିପରି ସାକ୍ଷାତ କରୁ ଓ ନିଜ ପ୍ରୀୟ ଆକାଙ୍କ ନିକଟରେ ସମୟ ବିତାଉ ଅନ୍ୟମାନେ ଏହି ଆର୍ଶିବାଦଠାରୁ ଦୂରରେ ଅଛନ୍ତି। ଅଲ୍ଲାଃ ତାଲା ସେମାନଙ୍କର ହୃଦୟ ପରିବର୍ତନ କରନ୍ତୁ ଓ ସେମାନଙ୍କୁ ଖିଲାଫତ୍‌ର ଛତ୍ରଛାୟା ତଳେ ନେଇ ଆସନ୍ତୁ।

ଜଣେ ବନ୍ଧୁ ନିଜର ଅଭିମତ ପ୍ରକାଶ କରି କହିଲେ ଯେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରି ମନୋଭାବକୁ ବ୍ୟକ୍ତ କରିବା କଷ୍ଟକର। ଏଗାର ବର୍ଷ ପରେ ପ୍ରୀୟ ଆକା ଆସିଛନ୍ତି। ଦିନଗୁଡ଼ିକ ଏପରି ବିତିଗଲା ଯେ କିଛି ଜଣାପଡ଼ିଲା ନାହିଁ। ପ୍ରେମର ଏକ ଭାବନା ରହିଗଲା ଯାହା ଏବେ ମଧ୍ୟ ଆମକୁ ଶୀତଳତା ପ୍ରଦାନ କରୁଅଛି। ପ୍ରୀୟ ଆକାଙ୍କ ଜ୍ୟୋତିପୂର୍ଣ୍ଣ ଚେହେରା ଦେଖି ଏପରି ଅବସ୍ଥା ସୃଷ୍ଟି ହେଉଛି କି ଯେଉଁ କଥା ମନ ଭିତରେ ରହିଛି ତାହା ସବୁ ଭୁଲିଯାଉଛି ମନପଡୁନାହିଁ। ଯେବେ ମଧ୍ୟ ମୁଁ ସାକ୍ଷାତ କରିଛି, ଏମିତି ଲାଗୁଛି ଯେମିତି ନୂଆ ସାକ୍ଷାତ କଲି।

ଆଉ ଜଣେ ବନ୍ଧୁ ନିଜର ମନୋଭାବକୁ ପ୍ରକାଶ କରି କହିଲେ ଯେ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଦେଖି ଅନୁଭବ ହେଲା ଯେ, ଖୁଦାଙ୍କ ପ୍ରତିନିଧି ପୃଥିବୀ ପୃଷ୍ଟରେ ବୁଲୁଛନ୍ତି। ଆମେ ନିଜ ଖୁସିକୁ ବର୍ଣ୍ଣନା କରିପାରୁନାହୁଁ। ପିଲାମାନଙ୍କୁ ସ୍ନେହ ମିଳିଲି ଓ ଆଶିର୍ବାଦ ମିଳିଲା। ଏବେ ଆମକୁ ଏ ଦୁନିଆରେ ଆଉ କଣ ଦରକାର। ହଜୁରଙ୍କର ଫ୍ରାନ୍ସ ଆସିବା ବାସ୍ତବରେ ଫ୍ରାନ୍ସ ପାଇଁ ଅଲ୍ଲାଃଙ୍କ ତରଫରୁ ବହୁତ କୃପା ଓ ଆଶିର୍ବାଦ। ମୁଁ ମସ୍‌ଜିଦ୍ କମିଟିର ସଦସ୍ୟ ମଧ୍ୟ ଅଛି। ମୁଁ ଏକଥା ହଜୁରଙ୍କୁ ମଧ୍ୟ ଜଣାଇଲି। ଏଥିରେ ହଜୁର ଅ:ବ:ଅ ମତେ କହିଲେ ଯେ ମୁଁ ତ ଆପଣଙ୍କ ନାମ କହିଥିଲି। ଆପଣ ତ ଜଣେ ଅନ୍‌ସାର। ମୁଁ କହିଲି ହଁ ହଜୁର ଯେତେବେଳେ ମୁଁ ମସ୍‌ଜିଦ୍ ବନାଉଥିଲି ସେତେବେଳେ ମୁଁ ଖୁଦାମ୍ ଥିଲି ଏବେ ଅନ୍‌ସାର ହୋଇସାରିଛି। ହଜୁର ଅନଓ୍ୱର ଅ:ବ:ଅ କହିଲେ ଯାଅ ଆଉ ଏକ ମସ୍‌ଜିଦ୍ ନିର୍ମାଣ କର। ମୁଁ କହିଲି ହଜୁର! ଆପଣ କହିଦେଲେ ଏବେ ଇନ୍‌ଶାଅଲ୍ଲାଃ ତିନିବର୍ଷ ମଧ୍ୟରେ ମସ୍‌ଜିଦ୍ ନିର୍ମାଣ ହୋଇଯିବ। ମୋ ଦାୟିତ୍ୱରେ କାନ୍ଥ ଉଠାଇବା, ଫ୍ଲୋରିଙ୍ଗ, ବାଥ୍‌ରୁମ୍ ଓ ଟଏଲେଟ୍ ଏବଂ ରଙ୍ଗ ଇତ୍ୟାଦି କାର୍ଯ୍ୟ ଥିଲା।

ଆଉ ଜଣେ ବନ୍ଧୁ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ ଯେ: ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ମୋର ଏହା ପ୍ରଥମ ସାକ୍ଷାତ ଥିଲା। ଯେତେବେଳେ ମୁଁ ଏକଥା ବତାଇଲି ଯେ ମୁଁ ରବ୍‌ଓ୍ୱାରୁ ଆସିଛି, ସେତେବେଳେ ମୋ ଆଖିରୁ ଲୁହ ଝରିପଡ଼ିଲା। ମୁଁ ତାହା ଶବ୍ଦରେ ବର୍ଣ୍ଣନା କରିପାରୁନାହିଁ। ପୁଣି ହଜୁର ମୋ ବଡ଼ ପୁଅକୁ ଧରି ସ୍ନେହ କଲେ। ଯେତେବେଳେ ମୁଁ ସାକ୍ଷାତ କରି ବାହାରକୁ ବାହାରିଲି ସେତେବେଳେ ମୋ ମନ କହୁଥିଲା ଯେ ମୁଁ ସାରା ସଂସାରକୁ ଏକଥା ବତାଇ ଦିଏ ଯେ ମୋର ସାକ୍ଷାତ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ହୋଇଗଲା। ପାକିସ୍ତାନର ଲୋକମାନେ ତଡ଼ପୁଛନ୍ତି ଯେ କିପରି ଆମେ ହଜୁରଙ୍କ ସହିତ ସାକ୍ଷାତ କରିବୁ। ପାକିସ୍ତାନରେ ଯେତେବେଳେ ମୁଁ ମୋ ସାଙ୍ଗସାଥିମାନଙ୍କୁ ଏକଥା ବତାଇଲି, ସେମାନେ କହିଲେ ଆମ ପାଇଁ ଦୁଆ କରନ୍ତୁ ଯେ ଆମେ ସେଠାକୁ ଯାଇ କିଭଳି ହଜୁରଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପାଇପାରିବୁ ବା ହଜୁର କିପରି ପାକିସ୍ତାନ ଚାଲି ଆସନ୍ତୁ।

ସାକ୍ଷାତକାରର ଏହି ପ୍ରୋଗ୍ରାମ ୮:୧୫ ମିନିଟ ପର୍ଯ୍ୟନ୍ତ ଜାରି ରହିଲା। ତା’ପରେ ହଜୁର ମସ୍‌ଜିଦ୍ ମେହେଦୀରେ ପଦାର୍ପଣ କରି ମଗ୍‌ରିବ୍ ଓ ଇଶା ନମାଜ ଜମା କରି ପଢ଼ାଇଲେ। ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ।

⌘⌘⌘⌘

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan